RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

NITIDIN
ନିତିଦିନ

www.nitidin.com
twitter.com/nitidintoday
facebook.com/nitidintoday

TUESDAY
4 AUGUST 2026
ମଙ୍ଗଳବାର
୪ ଅଗଷ୍ଟ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 65 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୨ • ସଂଖ୍ୟା ୬୫ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

### ବନ୍ୟା ପ୍ରଭାବିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ମେଗା ପ୍ୟାକେଜ୍ ଘୋଷଣା

# ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି



- କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ
- ରିଲିଫ୍ ଓ ଉଦ୍ଧାର ପାଇଁ ପୂର୍ବରୁ ୨୬ କୋଟି ଦିଆଯାଇଥିଲା
- ଘରଭଙ୍ଗା, ଫସଲ ଓ ପ୍ରାଣୀଧନ କ୍ଷୟକ୍ଷତି ପାଇଁ ଦିଆଯିବ ସହାୟତା
- ୬ ମୃତକଙ୍କ ପରିବାରକୁ ଏସ୍‌ଡିଆର୍‌ଏଫ୍‌ରୁ ଦିଆଯିବ ୨୪ ଲକ୍ଷ
- ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍, ୧୫ଟି ପୌରାଞ୍ଚଳ, ୬୫୬ଟି ଗ୍ରାମ ପଞ୍ଚାୟତ ଏବଂ ୧୪୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ବନ୍ୟା ପ୍ରଭାବିତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ପର୍ଯ୍ୟାୟରେ ସୋମବାର ୧୧୦କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ପୂର୍ବରୁ ଅତ୍ୟଧିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ ୨୬କୋଟି ଟଙ୍କାର ଅଗ୍ରୀମ ସହାୟତା ଦିଆଯାଇଥିଲା। ଏବେ ପ୍ରାରମ୍ଭିକ ଆକଳନ ଆଧାରରେ ବନ୍ୟା ପ୍ରଭାବିତଙ୍କ ପାଖରେ ତୁରନ୍ତ ଆର୍ଥିକ ଓ ରିଲିଫ ସହାୟତା ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ବନ୍ୟା ପରିସ୍ଥିତିରେ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ପାଖରେ ରାଜ୍ୟ ସରକାର ଦୃଢ଼ତାର ସହ ଛିଡ଼ା ହୋଇଛନ୍ତି। ବନ୍ୟା ମୁକାବିଲା, ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ଆକାଶମାର୍ଗରୁ ବନ୍ୟାଞ୍ଚଳ ଅନୁଧ୍ୟାନ କରିବା ପରେ ମନ୍ତ୍ରୀମାନଙ୍କୁ ବିଭିନ୍ନ ଜିଲ୍ଲାର ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ଚୂଡାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ।

ଏହି ନିଷ୍ପତ୍ତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଞ୍ଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ। ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମାନୁଯାୟୀ ୨୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ପଶୁ ଯଥା ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ।

ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ, ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାର ପର୍ଯ୍ୟନ୍ତ ତୁରନ୍ତ ରିଲିଫ୍ ଓ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ପହଞ୍ଚାଇବା ପାଇଁ ପ୍ରଶାସନ ନିରନ୍ତର କାର୍ଯ୍ୟ କରୁଛି। ବରିଷ୍ଠ ଅଧିକାରୀମାନେ ପରିସ୍ଥିତିର ଚବିଶ ଘଣ୍ଟିଆ ସମୀକ୍ଷା କରୁଥିବା ବେଳେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଜାରି ରହିବ।ଚଳିତ ବନ୍ୟାରେ ପୂର୍ବ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ ଲକ୍ଷ ୬୭ ହଜାର ୩୦୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

▶▶ ୫

# ଓଡ଼ିଶାରେ ରାଷ୍ଟ୍ରପତି



**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:**

### ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କଲେ ଉଦ୍‌ଘାଟନ

### ଆଜି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯିବେ ବ୍ରହ୍ମପୁର

ଓଡ଼ିଶାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି ରାଷ୍ଟ୍ରପତି। ସୋମବାର ବାୟୁସେନାର ସ୍ୱତନ୍ତ୍ର ବିମାନରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ ରାଷ୍ଟ୍ରପତି। ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ଅନ୍ୟାନ୍ୟ ଅଧିକାରୀ ସ୍ୱାଗତ ଜଣାଇଥିଲେ। ଏହାପରେ ଲୋକଭବନକୁ ଗସ୍ତ କରିଥିଲେ ରାଷ୍ଟ୍ରପତି। ସେଠାରୁ କଟକସ୍ଥିତ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ସନ୍ଧ୍ୟାରେ ଲୋକସେବା ଭବନକୁ ଫେରି ରାତ୍ରିଯାପନ କରିଛନ୍ତି। ମଙ୍ଗଳବାର ସକାଳ ୯ଟାରେ ରାଷ୍ଟ୍ରପତି ସ୍ୱତନ୍ତ୍ର ଟ୍ରେନ୍

▶▶ ୫

# ଭିଜିଲାନ୍ସ ଜାଲରେ ଟ୍ରାଫିକ୍ ଇନ୍‌ସ୍ପେକ୍ଟର

### ନଗଦ ୧୪.୩୩ ଲକ୍ଷ ଟଙ୍କା ଜବତ

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:**

୨୦,୦୦୦ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ସୁନ୍ଦରଗଡ଼ ଆରଟିଓ କାର୍ଯ୍ୟାଳୟର ଟ୍ରାଫିକ୍ ଇନ୍ସପେକ୍ଟର ମୁକେଶ କୁମାର ମିଶ୍ରଙ୍କୁ ଓଡ଼ିଶା



ଭିଜିଲାନ୍ସ ଗିରଫ କରିଛି। ଜଣେ ଟ୍ରକ୍ ମାଲିକଙ୍କ ଦୁଇଟି ହାଇୱା ଟ୍ରକକୁ ଗତ ଜୁନ୍ ଓ ଜୁଲାଇ ମାସ ପାଇଁ ବିନା ବାଧାରେ ଚଳାଚଳ କରିବାକୁ ଦେବା ପାଇଁ ମାସିକ କୋଟା ବାବଦକୁ ଶ୍ରୀ ମିଶ୍ର ୨୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ।

▶▶ ୫

# ମହିଳାଙ୍କୁ ଟାଣି ନେଲା କୁମ୍ଭୀର

**କେନ୍ଦ୍ରାପଡ଼ା,୩।୮/ଏନ୍‌ଏନ୍‌ଏସ୍:**

ପୁଣି କେନ୍ଦ୍ରାପଡ଼ାରେ କୁମ୍ଭୀର ଆତଙ୍କ। ମହିଳାଙ୍କୁ ଟାଣିନେଲା କୁମ୍ଭୀର। ପଟ୍ଟାମୁଣ୍ଡାଇ ବ୍ଲକର ଦାମୋଦର ପାଟଣା ଗାଁରେ ଶୌଚ ହେବାକୁ ଯାଇଥିବା ବେଳେ କୁମ୍ଭୀର



ଆକ୍ରମଣର ଶିକାର ହୋଇଛନ୍ତି ଜଣେ ମହିଳା। ସୂଚନା ଅନୁଯାୟୀ, ଅଳପୁଆ ପଞ୍ଚାୟତ ଅନ୍ତର୍ଗତ ଦାମୋଦର ପାଟଣା ଗାଁର ସୁଚିତ୍ରା ଦାସ ସୋମବାର ସକାଳୁ ଶୌଚ ହେବା ପାଇଁ ନଦୀ କୂଳକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ସେ ଘରକୁ ଫେରି ନଥିଲେ। ବହୁ ସମୟ ଧରି ନଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ

▶▶ ୫

# ଓୟୁଏଟି ପିଜି ଓ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କୁ ଷ୍ଟାଇପେଣ୍ଡ୍

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:**

ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ଆଗକୁ ନେବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପିଜି ଏବଂ ପିଏଚ୍.ଡି ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇପେଣ୍ଡ୍ ଘୋଷଣା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିଶେଷ ପ୍ରଚେଷ୍ଟା ଯୋଗୁଁ



ସରକାର ଏହି ଭତ୍ତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାଦ୍ୱାରା ଗବେଷକମାନଙ୍କୁ ବଡ଼ ସହାୟତା ମିଳିବ। ପିଜି ଛାତ୍ରଛାତ୍ରୀଙ୍କୁ ୨ ବର୍ଷର କୃଷି ଓ ଆନୁଷଙ୍ଗିକ କୋର୍ସ ପାଇଁ ମାସକୁ ୧୦,୦୦୦ ମିଳିବ ଏବଂ ପିଏଚ୍.ଡି ଗବେଷକଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ମାସକୁ ୧୫,୦୦୦ ମିଳିବ। ଏହି ସହାୟତାର ମୂଳ ଲକ୍ଷ୍ୟ ହେଉଛି ଉତ୍ତମ ଗବେଷଣାକୁ ପ୍ରୋତ୍ସାହନ ଦେବା ଏବଂ ଓଡ଼ିଶାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା। ଯୁବ ଗବେଷକଙ୍କ ପାଇଁ ଖର୍ଚ୍ଚ କରିବା ମାନେ ଓଡ଼ିଶାର ଚାଷୀମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା। ଏହି ଟଙ୍କା ଦ୍ୱାରା ଛାତ୍ରଛାତ୍ରୀ ବିନା ଆର୍ଥିକ ଚିନ୍ତାରେ ନୂଆ ଉଦ୍ଭାବନ ଓ ଗବେଷଣା ଉପରେ ଧ୍ୟାନ ଦେଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଛନ୍ତି। ଏହି ସୁବିଧା ଓୟୁଏଟିର କୃଷି ଓ ଆନୁଷଙ୍ଗିକ ବିଷୟରେ ପଢୁଥିବା ନିୟମିତ ପିଜି ଏବଂ ପିଏଚ୍.ଡି ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହେବ।


### କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# ରଥଯାତ୍ରାକୁ ୟୁନେସ୍କୋରେ ସାମିଲ୍ କରାଯାଉ

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:**

ପୁରୀ ରଥଯାତ୍ରାକୁ ୟୁନେସ୍କୋର ଇନଟାଞ୍ଜିବୁଲ୍ କଲଚୁରାଲ୍ ହେରିଟେଜ୍ ଅଫ୍ ହ୍ୟୁମାନିଟି ବା ମାନବଜାତିର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନଦେବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚିଠିରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ରଥଯାତ୍ରା କେବଳ ପରମ୍ପରା ନୁହେଁ, ଏହା ମାନବଜାତି ପାଇଁ ସମାନତା ଓ ନିଃସର୍ତ୍ତ ଭଲପାଇବାର ସବୁଠାରୁ ବଡ଼ ସୂଚକ। ଯାହାକୁ ବିଶ୍ୱ ଦରବାରରେ ମାନ୍ୟତା ଦେବାର ଆବଶ୍ୟକତା ରହିଛି। ଏଣୁ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ସାମିଲ କରିବାକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ

▶▶ ୫



# ସୁପ୍ରିମ୍‌କୋର୍ଟ ଜଜ୍ ସଂଖ୍ୟା ବୃଦ୍ଧି ବିଲ୍ ଲୋକସଭାରେ ପାରିତ

### ଏମ୍‌ଏସ୍‌ଏମ୍‌ଇ ସଂଶୋଧନ ବିଲ୍ ରାଜ୍ୟସଭାରେ ଗୃହୀତ



**ନୂଆଦିଲ୍ଲୀ, ୩।୮/ଏଜେନ୍ସି:**

ମୌସୁମୀ ଅଧିବେଶନର ମୋଟ ୨୫ ଦିନ ମଧ୍ୟରୁ ୧୫ ଦିନ ଅତିବାହିତ ହୋଇସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ଦିନ ବି ସଂସଦର ଉଭୟ ଗୃହର କାର୍ଯ୍ୟକାରିତା ସ୍ୱାଭାବିକ ହୋଇପାରିନାହିଁ। ବିରୋଧୀ ଦଳ ନିରନ୍ତର ଭାବେ ଗୃହରେ ପୃଥକ୍ ପୃଥକ୍ ମୁଦ୍ଦା ଉଠାଇବା ପୂର୍ବକ ହଙ୍ଗାମା ତଥା ହୋହଲ୍ଲା ଜାରି ରଖିଛନ୍ତି। ସୋମବାର ମଧ୍ୟ ଲୋକସଭା ଏବଂ ରାଜ୍ୟସଭାରେ ବିରୋଧୀଙ୍କ ହଙ୍ଗାମା ଯୋଗୁଁ ବାରମ୍ବାର ଗୃହ କାର୍ଯ୍ୟ ମୁଲତବୀ ରଖିବାକୁ ପଡ଼ିଥିଲା। ତଥାପି, ପ୍ରବଳ ପାଟିତୁଣ୍ଡ ମଧ୍ୟରେ ଉଭୟ ଗୃହରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଧ୍ୱନିମତରେ ପାରିତ ହୋଇଛି। ରିପୋର୍ଟ ଅନୁସାରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି

▶▶ ୫

### ସୁପ୍ରିମ୍‌କୋର୍ଟରେ ସରକାରଙ୍କ ସ୍ପଷ୍ଟୀକରଣ

# ଛାତ୍ରଙ୍କ ବିରୋଧରେ ହେବନି ମାମଲା

**ନୂଆଦିଲ୍ଲୀ, ୩।୮/ଏଜେନ୍ସି:**

### ଜନ୍ତର-ମନ୍ତର ପ୍ରଦର୍ଶନ

### କିନ୍ତୁ ୨୭୦୦ ଅପରାଧୀଙ୍କ ବିରୋଧରେ ଜାରି ରହିବ ମାମଲା

ଜନ୍ତର ମନ୍ତରରେ ଛାତ୍ରଛାତ୍ରୀମାନଙ୍କ ଆନ୍ଦୋଳନ ଘଟଣାରେ କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟରେ ସ୍ପଷ୍ଟୀକରଣ ରଖିଛନ୍ତି। ସରକାର ସୁପ୍ରିମ୍ କୋର୍ଟଙ୍କୁ ଜଣାଇଛନ୍ତି ଯେ ନିଟ୍ ପେପର ଲିକ୍‌କୁ ନେଇ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ସୋମବାର ସୁପ୍ରିମକୋର୍ଟଙ୍କୁ ଏନେଇ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି, ‘ସରକାର ନିଜ ପ୍ରତିଶ୍ରୁତିରେ କାୟମ ଅଛନ୍ତି। ଛାତ୍ରଙ୍କ ବିରୋଧରେ କୌଣସି ଏଫ୍‌ଆଇଆର୍ ରୁଜୁ ହେବ ନାହିଁ। କିନ୍ତୁ ଯେଉଁ ୨୭୦୦ ଗୁରୁତର ଅପରାଧୀମାନଙ୍କୁ ଚିହ୍ନଟ କରାଯାଇଛି, ସେମାନଙ୍କ ବିରୋଧରେ ମାମଲା ଜାରି ରହିବ। ସେମାନଙ୍କ ବିରୋଧରେ ରୁଜୁ ଏଫ୍‌ଆଇଆର୍ ପ୍ରତ୍ୟାହାର କରାଯିବ ନାହିଁ।’ ଏହି ସମୟରେ ସୁପ୍ରିମକୋର୍ଟ, ସଲିସିଟର ଜେନେରାଲ୍‌ଙ୍କୁ ପ୍ରଶ୍ନ କରିଥିଲେ, ଯେଉଁ ସୁରକ୍ଷାକର୍ମୀ

▶▶ ୫

### ବିକେପିପିଇଆର୍ ପାଇଁ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ

# ଅନୁମୋଦନ କଲା ଏସ୍‌ଏଲ୍‌ପିଏମ୍‌ସି

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:**

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର୍) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟକୁ ସୋମବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି (ଏସ୍‌ଏଲ୍‌ପିଏମ୍‌ସି) ବୈଠକରେ ଅନୁମୋଦନ କରାଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ ନେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର) ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦେଶର ଚାରିଟି ପାଇଲଟ୍ ଅର୍ଥନୈତିକ ଅଞ୍ଚଳ ମଧ୍ୟରେ ବିକେପିପିଇଆର୍‌କୁ ସାମିଲ କରାଯାଇଛି। ଏହି ଅଞ୍ଚଳ ପାଇଁ ୫,୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବିତ ହୋଇଛି। ଏଥିରୁ ୭୦ ପ୍ରତିଶତ (୩,୫୦୦ କୋଟି ଟଙ୍କା) ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଋଣ ମାଧ୍ୟମରେ ଏବଂ ୩୦ ପ୍ରତିଶତ (୧,୫୦୦ କୋଟି ଟଙ୍କା) କେନ୍ଦ୍ର ସରକାରଙ୍କ ସିଇଆର ଯୋଜନା ଅଧୀନରେ ଉପଲବ୍ଧ ହେବ। ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ଏକ ସମନ୍ୱିତ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରି ବିନିଯୋଗ, ଶିଳ୍ପ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ବନ୍ଦରଭିତ୍ତିକ ଶିଳ୍ପ, ଜ୍ଞାନଭିତ୍ତିକ ଅର୍ଥନୀତି ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା। ପ୍ରକଳ୍ପଟି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ। ପ୍ରସ୍ତାବିତ ବିକେପିପିଇଆର୍ ଅଞ୍ଚଳରେ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ୧୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ସାମିଲ ହୋଇଛି। ପ୍ରକଳ୍ପ ଅଧୀନରେ ସମନ୍ୱିତ ଆଞ୍ଚଳିକ ପରିବହନ ବ୍ୟବସ୍ଥା (ରିଜିଓନାଲ ମୋବିଲିଟି), ସ୍ମାର୍ଟ ଓ ଜଳବାୟୁ ଅନୁକୂଳ ସହରୀ ଭିତ୍ତିଭୂମି, ସାଧାରଣ ପରିବହନ

▶▶ ୫

### ପଦ୍ମକୁ ଶକ୍ତ ଧକ୍କା

# ବିଜେପି ଗଡ଼ରେ ଜିତିଲେ ପିକେ

### ବାଙ୍କୀପୁର ଆସନରେ ପ୍ରଶାନ୍ତଙ୍କୁ ବିପୁଳ ସମର୍ଥନ

**ପାଟନା, ଭୋପାଳ, ଅହମଦାବାଦ୍, ୩।୮/ଏଜେନ୍ସି:**

ବିହାର, ମଧ୍ୟପ୍ରଦେଶ ଏବଂ ଗୁଜରାଟ ଆଦି ୩ ରାଜ୍ୟରେ ତିନୋଟି ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇଛି। ମଧ୍ୟପ୍ରଦେଶର ଦତିଆରେ କଂଗ୍ରେସ ଏବଂ ଗୁଜରାଟରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେବେ ଏହି ଉପନିର୍ବାଚନରେ ସବୁଠୁ ଚକିତ କରିବା ଭଳି ସମ୍ବାଦ ହେଉଛି ବିହାରର ବାଙ୍କୀପୁର ଆସନରୁ ନିତିନ ନବୀନଙ୍କ ସ୍ଥାନରେ ପ୍ରଶାନ୍ତ କିଶୋର ବିଜୟୀ ହେବା। ରିପୋର୍ଟ ଅନୁସାରେ ଜନ ସୁରାଜ ପାର୍ଟିର ସଂସ୍ଥାପକ ପ୍ରଶାନ୍ତ କିଶୋର ବାଙ୍କୀପୁର ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ସେ ବିଜେପି ପ୍ରାର୍ଥୀଙ୍କ ତୁଳନାରେ ୧୯,୩୨୪ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ପ୍ରଶାନ୍ତଙ୍କୁ ୬୪,୧୫୧ ଭୋଟ୍ ମିଳିଥିବା ବେଳେ ବିଜେପି ପ୍ରାର୍ଥୀ ନୀରଜ କୁମାରଙ୍କୁ ୪୪,୮୨୭ ଭୋଟ୍ ମିଳିଛି।



ବାଙ୍କୀପୁର ସୀଟ୍ ହେଉଛି ବିଜେପିର ଜାତୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ପାରମ୍ପରିକ ଆସନ। ସେ ଏଠାରୁ ଲଗାତାର ୫ ଥର ବିଧାୟକ ରହିସାରିଛନ୍ତି। ସେ ରାଜ୍ୟସଭାକୁ ଯିବା ପରେ ଏହି ଆସନରେ ଉପନିର୍ବାଚନ ହୋଇଥିଲା। ନିତିନ୍ ନବୀନ୍‌ଙ୍କ ପୂର୍ବରୁ ମଧ୍ୟ ଏହି ଆସନ ବିଜେପିର ଗଡ଼ ଭାବେ ରହିଆସିଛି। ମୋଟାମୋଟି ଏହି ଆସନ ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଜେପି ଅକ୍ତିଆରରେ ରହିଆସିଥିଲା। କିନ୍ତୁ ଏବେ ବିଜେପି ଏଠାରେ ପରାଜିତ ହୋଇଛି।

ଜନ ସୁରାଜ ପାର୍ଟିର ପ୍ରଶାନ୍ତ କିଶୋର ବାଙ୍କୀପୁର ଉପନିର୍ବାଚନରେ ୬୪,୧୫୧ ଭୋଟ୍ (୪୯.୨୩%) ହାସଲ କରି ବିଜୟୀ ହୋଇଛନ୍ତି। ବିଜେପିର ନୀରଜ

### ୩ ରାଜ୍ୟରେ ଉପନିର୍ବାଚନ ଫଳାଫଳ

### ଦତିଆ ଆସନରେ କଂଗ୍ରେସ, ମିଳମାଞ୍ଜଲପୁରରେ ବିଜେପି

କୁମାରଙ୍କୁ ୪୪,୮୨୭ ଭୋଟ୍ (୩୪.୪୦%) ମିଳିଛି। ଉଭୟଙ୍କ ମଧ୍ୟରେ ବିଜୟର ବ୍ୟବଧାନ ୧୯,୩୨୪ ଭୋଟ୍ ରହିଛି। ସେହିପରି ଏଠାରେ ଆରଜେଡି ଟିକେଟ୍‌ରେ ପ୍ରତିଦ୍ୱନ୍ଦ୍ୱୀତା

▶▶ ୫


## ଖଣିଜ ଦ୍ରବ୍ୟ ଚୋରି ମାମଲା: ଦୁଇ ଜଣଙ୍କୁ ଜାମିନ୍

**କଟକ,୩।୮/ଏନ୍ଏନ୍ଏସ୍:** ଖଣିଜ ଦ୍ରବ୍ୟ ଚୋରି ମାମଲାରେ ଗିରଫ ଦୁଇ ବ୍ୟକ୍ତିଙ୍କୁ ଯାଜପୁର ରୋଡ୍ ଅତିରିକ୍ତ ଦୌରାଜଜ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରାୟ ୧୧ ଲକ୍ଷ ଟଙ୍କାର ଖଣିଜ ଦ୍ରବ୍ୟ ଚୋରି ମାମଲାରେ କଳିଙ୍ଗନଗର ଥାନା ପୁଲିସ ପପୁ ଓରଫ କାର୍ତ୍ତିକେଶ୍ୱର ବେହେରା ଓ ସୁଶାନ୍ତ କୁମାର ସାହୁଙ୍କୁ ଗିରଫ କରିଥିଲା। ଦୁଇ ଜଣ ଜାମିନଦାର ଏବଂ ୪୦ ହଜାର ଟଙ୍କା ବେଲବଣ୍ଡରେ କୋର୍ଟ ଉଭୟଙ୍କୁ ଜାମିନ ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, ଯାଜପୁର ଜିଲ୍ଲା ଡୁବୁରୀର ଶ୍ରୀ ଉଦ୍ୟୋଗ ଦ୍ୱାରା ପରିଚାଳିତ ଦୀପକ ଟ୍ରାନ୍ସପୋର୍ଟ ପକ୍ଷରୁ ଗତ ଏପ୍ରିଲ ମାସରେ ଏକ ଟ୍ରକ୍‌ରେ ପ୍ରାୟ ୨୩ ମେଟ୍ରିକ୍ ଟନ୍‌ର ଲୁହା ପଥର ପଶ୍ଚିମବଙ୍ଗ ପଠାଯାଇଥିଲା। ମାତ୍ର ଧାର୍ଯ୍ୟ ସମୟରେ ଟ୍ରକଟି ଠିକଣା ସ୍ଥାନରେ ପହଞ୍ଚିନଥିଲା। ଅଧିକ ଯାଞ୍ଚ ପରେ ଟ୍ରକରୁ ଖଣିଜଦ୍ରବ୍ୟ ଚୋରି ହୋଇଯାଇଥିବା ଜଣାପଡ଼ିଲା। ଏନେଇ ଦୀପକ ଟ୍ରାନ୍ସପୋର୍ଟ ସଂସ୍ଥା କର୍ତ୍ତୃପକ୍ଷ କଳିଙ୍ଗନଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ଲୁହା ପଥର ପରିବହନ କରୁଥିବା ଟ୍ରକ ତଥା ଟ୍ରାନ୍ସପୋର୍ଟ ସଂସ୍ଥାର ମାଲିକ ଓ ଅନ୍ୟମାନେ ମିଶି ୨୩ ମେଟ୍ରିକ ଟନ୍‌ର ଖଣିଜଦ୍ରବ୍ୟ ଚୋରାଇଥିବା ନେଇ ଥାନାରେ ଏତଲା ଦିଆଯାଇଥିଲା। ଯାହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ୭୯ ହଜାର ୪୧୭ ଟଙ୍କା ହେବ। ଅଭିଯୋଗ ଆଧାରରେ କଳିଙ୍ଗନଗର ଥାନା ପୁଲିସ ଗତ ଜୁଲାଇ ୧୮ରେ କଟକ ଜିଲ୍ଲା ଚୌଦ୍ୱାର ଥାନା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମର କାର୍ତ୍ତିକେଶ୍ୱର ବେହେରା(୪୭) ଓରଫ୍ ପପୁ ଏବଂ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ପାଣ୍ଡିରି ଗ୍ରାମର ସୁଶାନ୍ତ କୁମାର ସାହୁ(୩୧)ଙ୍କୁ ଗିରଫ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ନଥିବା ଦର୍ଶାଇ ଦୁଇ ଅଭିଯୁକ୍ତ କୋର୍ଟରେ ଜାମିନ ଆବେଦନ କରିଥିଲେ। ବିଚାର ପ୍ରକ୍ରିୟା ସମୟରେ ଆଇନଜୀବୀ ଅବିନାଶ ଗୁରୁ ମଧ୍ୟ ଉପଯୁକ୍ତ ତଥ୍ୟ ପ୍ରମାଣ ଉପସ୍ଥାପନ କରିଥିଲେ। ସୋମବାର ମାମଲାର ବିଚାର କରି କୋର୍ଟ ଦୁଇ ଜଣଙ୍କୁ ଜାମିନ ପ୍ରଦାନ କରିଛନ୍ତି।

# ୨ ଘଣ୍ଟା ବର୍ଷାରେ କଟକ ଜଳାର୍ଣ୍ଣବ

**କଟକ,୩।୮/ଏନ୍ଏନ୍ଏସ୍:** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ କଟକ ସହରରେ ଆଜି ଅପରାହ୍ଣରେ ୩ଘଣ୍ଟା ଧରି ଚାଲିଥିବା ତୁହାକୁ ତୁହା ବର୍ଷାରେ କଟକ ସହର ଜଳାର୍ଣ୍ଣବ ହୋଇ ଉଠିଛି। ଯେଉଁଠି ଦେଖିବ ବର୍ଷାଜଳ ଜମି ରହିଛି। ସାହିବସ୍ତି ରାସ୍ତା ଘାଟରେ ପାଣି ସୁଅ ଛୁଟିଛି। ତା'ପରେ ତୁହାକୁ ତୁହା ବର୍ଷା ଲାଗି ରହିବାରୁ ବଜାରଘାଟ ଖାଁଖାଁ ରହିଥିଲା ବେଳେ ଉଠା ଦୋକାନୀଙ୍କ ସମସ୍ୟା ବଢ଼ିଯାଇଛି। ଅପରପକ୍ଷେ ସହରର ବିଭିନ୍ନ ସ୍ଥାନରେ ବର୍ଷାଜଳ ଜମି ରହିଛି। ଗତ ୨୮ତାରିଖରେ ବର୍ଷାଜନିତ ସମସ୍ୟାରୁ ସିଏମ୍‌ସି କିଛି ଶିକ୍ଷା ଲାଭ କରିପାରିଲା ନାହିଁ। ବର୍ଷାଜଳ ଜନିତ କୃତ୍ରିମ ବନ୍ୟା ଦାଉରୁ ସହରବାସୀଙ୍କୁ ମୁକୁଳାଇବାରେ ସିଏମ୍‌ସି ବାରମ୍ବାର ବିଫଳ ହୋଇଛି। ଆଜିର ବର୍ଷା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅନେକ ଦୋକାନ ବଜାର ବନ୍ଦ ରହିଛି ଏବଂ ଲୋକମାନେ ଘରୁ ବାହାରିବାକୁ ଅସୁବିଧା ଭୋଗୁଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ଡ୍ରେନେଜ୍ ସଫା କରିବା ଓ ପାଣି ନିଷ୍କାସନ ପାଇଁ ପମ୍ପ ଲଗାଯାଇଛି। ବକ୍ସିବଜାର, ଛତ୍ରବଜାର, ବାଦାମବାଡ଼ି, ରକ୍ସିଲେନ, ଜଗନ୍ନାଇ ଲେନ୍, ତେଲେଙ୍ଗାବଜାର, ବିକାଶ ଭବନ ରାସ୍ତା, ମଧୁପାଟଣା, ଜଗନ୍ନାଇ ଲେନ୍, କାନବିହାର, ତୁଳସୀପୁର, ପଟ୍ଟାପୋଲ, ଫ୍ରେଣ୍ଡସ୍ କଲୋନୀ, ରାଉସାପାଟଣା, ଚାଉଳିଆଗଞ୍ଜ, ତିନିକୋଣିଆ ବଗିଚା, ମଙ୍ଗଳାବାଗ ଆଦି ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ସ୍ୱାଭାବିକ ହୋଇ ପାରୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜେନ୍ଦ୍ର ନଗର, ଅରୁଣୋଦୟନଗର, ପ୍ରେସ୍ କଲୋନୀ, ନୂଆପଡ଼ା ଅଞ୍ଚଳବାସୀ ମଧ୍ୟ ସମଦଶା ଭୋଗୁଛନ୍ତି। ରାସ୍ତାଘାଟ, ଗଳିକନ୍ଦି ଏବଂ ବାସଗୃହ ସମ୍ମୁଖରେ ପାଣି ଜମି ରହିଥିବାରୁ ସ୍ଥାନୀୟ ବାସିନ୍ଦା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ରାସ୍ତା ଉପରେ ଭାସୁଛି ପ୍ଲାଷ୍ଟିକ୍, କାଠ, ଆବର୍ଜନା। ଡ୍ରେନ୍ ବନ୍ଦ, ପାଣି ଯିବାର ବାଟ ନାହିଁ। କଟକ ମହାନଗର ନିଗମର ପମ୍ପଗୁଡ଼ିକ ନିରନ୍ତର ଚାଲିଛି। ବିଶେଷ କରି କଟକ ସହରର ପ୍ରବେଶ ପଥ ବାଦାମବାଡ଼ିଠାରୁ ପାଲାମଣ୍ଡପ ପର୍ଯ୍ୟନ୍ତ ରାସ୍ତାରେ ଆଣ୍ଠୁଏ ପାଣି ଦୀର୍ଘ ସମୟଧରି ଜମି ରହିବା କାରଣରୁ ରାସ୍ତା କଡ଼ରେ ଥିବା ଦୋକାନୀ ତଥା ପଥଚାରୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ପରିଲକ୍ଷିତ ହୋଇଛି।



ମୁଣ୍ଡଲୀ ବ୍ରିଜ୍ ନିକଟରେ ମହାନଦୀର ବନ୍ୟାଜଳ

## ବୋର୍ଡ ହାଇସ୍କୁଲ୍‌ର ପ୍ରତିଷ୍ଠା ଦିବସ




**କଟକ,୩।୮/ଏନ୍ଏନ୍ଏସ୍:** ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ୬୭ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ଏହି ଅବସରରେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ସଭାପତି ଶ୍ରୀକାନ୍ତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ୍ ବିନୋଦ କୁମାର ଦାଶ, ପ୍ରାକ୍ତନ ଛାତ୍ର ସଂସଦର ସଭାପତି ନିଶିକାନ୍ତ ମିଶ୍ର, ମାଧ୍ୟମିକ ଶିକ୍ଷା ପରିଷଦର ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ସମ୍ପାଦକ ସରୋଜ କୁମାର ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦୈତାରି ସାହୁ, କର୍ପୋରେଟର୍ ପ୍ରଦୀପ କୁମାର ସାହୁ ଏବଂ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଆୟୁର୍ବେଦର ଗୁଢ଼ ତତ୍ତ୍ୱକୁ ବୁଝି ଲୋକଙ୍କ ଉପକାରରେ ଲଗାଇବା ଆବଶ୍ୟକ'

**କଟକ,୩।୮/ଏନ୍ଏନ୍ଏସ୍:** ମନୁଷ୍ୟ ଜୀବନ ସହ ଆୟୁର୍ବେଦ ଓ ଏହା ସମ୍ବନ୍ଧୀୟ ବୃକ୍ଷଲତାର ରହିଛି ନିବିଡ଼ ସମ୍ପର୍କ । ଏହାର ଗୁଢ଼ ତତ୍ତ୍ୱକୁ ବୁଝି ଏହାକୁ ଲୋକଙ୍କ ଉପକାରରେ ଲଗାଇବା ହିଁ ଏହି ବୃତ୍ତିଧାରୀଙ୍କ ପ୍ରକୃତ କର୍ତ୍ତବ୍ୟ ହେବା ଉଚିତ। ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଦ୍ୱାରା ନରାଜ ଗ୍ରାମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କିଛି ଏପରି କହିଛନ୍ତି ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ବୈଦ୍ୟ ପ୍ରଫେସର ରବିନାରାୟଣ ଆଚାର୍ଯ୍ୟ।

'ଆୟୁର୍ବେଦ ଆଧାରିତ ଜୀବନଶୈଳୀ ପାଳନ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଔଷଧୀୟ ବୃକ୍ଷଲତାର ବ୍ୟବହାର' ଶୀର୍ଷକ ଏହି କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଉଦ୍‌ଘାଟନ କରିଥିଲେ। ସେ ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଏହାକୁ ଲୋକାଭିମୁଖୀ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବୃକ୍ଷଲତାର ଗୁଢ଼ତତ୍ତ୍ୱ ଏବଂ ମାନବ ଜୀବନରେ ଏହାର ଉପଯୋଗିତା ସମ୍ପର୍କରେ କହିବାକୁ ଭୁଲିନଥିଲେ। ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଡିନ୍ ପ୍ରଫେସର (ଡ.) କ୍ଷୀରାବ୍ଧି ତନୟା ରାଉତରାୟ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଏହି ପ୍ରକଳ୍ପର ପ୍ରିନ୍ସପାଲ ଇନଭେଷ୍ଟିଗେଟର୍ ପ୍ରଫେସର (ଡ.) ରମାକାନ୍ତ ରାଉତ ଉପସ୍ଥିତ ପ୍ରାୟ ପାଞ୍ଚଶହ ଗ୍ରାମବାସୀଙ୍କୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଆୟୁର୍ବେଦ ଦ୍ୱାରା ଭବିଷ୍ୟତ ପିଢ଼ିକୁ କିପରି ନିରୋଗ ରଖିହେବ, ସେ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିଥିଲେ। ପୂର୍ବତନ ଡିନ୍ ପ୍ରଫେସର (ଡ.) ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଲୋକମାନଙ୍କୁ ଆୟୁର୍ବେଦୀୟ ଜୀବନଶୈଳୀ ଆପଣେଇବାକୁ ପରାମର୍ଶ ଦେବାସହ ଏହାର ଉପକାରିତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ 'ଔଷଧୀୟ ବୃକ୍ଷର ଘରୋଇ ଉପଚାର' ଏବଂ 'ଆୟୁର୍ବେଦରେ ଦୈନନ୍ଦିନ କାର୍ଯ୍ୟନୀତି' ନାମକ ଦୁଇଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ପରିଷଦ ପକ୍ଷରୁ ଡା. ସୁଧାଂଶୁ ମେହେର, ଡା. କ୍ଷୀରୋଦ ରଥ ଏବଂ ଡା. ଯଶପାଲ ଭରଦ୍ୱାଜ ଯୋଗ ଦେଇଥିଲେ। ବାରଙ୍ଗ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ସାବିତ୍ରୀ ଦଳେଇ ଏବଂ ନରାଜ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଗୀତାଞ୍ଜଳି ସାହୁ ମଧ୍ୟ ଏଥିରେ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ। କୋ-ପ୍ରିନ୍ସପାଲ ଇନଭେଷ୍ଟିଗେଟର ପ୍ରଫେସର (ଡ.) ଶିବପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏଭଳି ଏକ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳାଧକ୍ଷ ଶ୍ରୀ ଆଦେଶ ଗୋୟଲ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ନରାଜ ଗ୍ରାମବାସୀ ଓ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟର ବିଦ୍ୟାର୍ଥୀ ଏବଂ ଅଧ୍ୟାପକ-ଅଧ୍ୟାପିକାମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



## ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଗ୍ରୁପ୍ ହେଡ୍‌ଙ୍କ ଡ୍ରିମ୍ସ ପରିଦର୍ଶନ

**କଟକ,୩।୮/ଏନ୍ଏନ୍ଏସ୍:** ମୁମ୍ବାଇସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଗ୍ରୁପ୍ ହେଡ୍ (ଟିଆଇଏଫଜି) ଅନୀଲ ଭାବନାନୀ ଆଜି ଡ୍ରିମ୍ସ ବିଶ୍ୱବିଦ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ମେଡିକାଲ କଲେଜ, ପଦ୍ମିନୀ କେୟାର ହସ୍‌ପିଟାଲ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ରିକେଟ ଷ୍ଟାଡିୟମ୍, କେନ୍ଦ୍ରୀୟ ପାଠାଗାର, ଛାତ୍ରାବାସ, ଅଡିଟୋରିୟମ୍, ମୁଖ୍ୟ ପ୍ରଶାସନିକ ଭବନ ବୁଲି ଦେଖିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସାକ୍ଷାତ କରି ଗ୍ରାମାଞ୍ଚଳ ଭିତ୍ତିଭୂମିରେ ଗଢି ଉଠିଥିବା ଏହି ପ୍ରମୁଖ ଶିକ୍ଷାନୁଷ୍ଠାନର ଅଗ୍ରଗତି, ଆଗାମୀ ଲକ୍ଷ୍ୟ ଓ ଅନ୍ୟାନ୍ୟ ବିଷୟରେ ସେ ପଚାରି ବୁଝିଥିଲେ। ଅଧ୍ୟକ୍ଷ ଡ. ରଥ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ରିଜିଓନାଲ ହେଡ୍ (ଇଷ୍ଟ) ରାକେଶ ସିଂ, ଷ୍ଟେଟ୍ ହେଡ୍ (ଓଡିଶା) ପ୍ରଭୁଦତ୍ତ ମହାପାତ୍ର, ଶିକ୍ଷାନୁଷ୍ଠାନର ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ବିତ୍ତ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ସାହୁ, ଶିବ ପ୍ରସାଦ ରାଉତ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ବିଜେଡିର କୋର୍ଡିନେସନ୍ କମିଟି ଗଠିତ

**କଟକ,୩।୮/ଏନ୍ଏନ୍ଏସ୍:** ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ସଂଗଠନକୁ ମଜଭୁତ କରିବା ଲାଗି ଏକ କୋର୍ଡିନେସନ କମିଟି ଗଠନ କରାଯାଇଛି। ଏହି କମିଟିରେ ୧୦ଜଣ ସଦସ୍ୟ ରହିଛନ୍ତି। ସେମାନେ ହେଲେ ପ୍ରଦୀପ୍ତ ଖୁଣ୍ଟିଆ, ଜୟଦେବ ଜେନା, ତାପସ ମହାନ୍ତି, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଅଜୟ ବେହେରା, ସୁପ୍ରିୟା ଜେଠୀ, ଚିରଞ୍ଜୟ ସାହୁ, ନିଶିଥ କରଣ ଓ ଜ୍ୟୋସ୍ନାରାଣୀ ସୁବୁଦ୍ଧି ରାୟ। ଏହି କମିଟିର ସଂଯୋଜକ ଭାବେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ ଦାୟିତ୍ୱ ନିର୍ବାହ କରିବେ ବୋଲି ଦଳ ପକ୍ଷରୁ ବିଜୁଜନତା ଦଳର ଉପସଭାପତି ତଥା ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଜାରି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

## କଟକ ଜିଲ୍ଲା ଠିକାଦାର ସଂଘର ବୈଠକ



**କଟକ,୩।୮/ଏନ୍ଏନ୍ଏସ୍:** କଟକ ଜିଲ୍ଲା ଠିକାଦାର ସଂଘର ବୈଠକ ପୋତାପୋଖରୀ ସ୍ଥିତ ଶାନ୍ତିମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ସମସ୍ତ ଠିକାଦାର ଟେଣ୍ଡରକୁ ସିଡୁଲ ଅଫ୍ ରେଟରେ ପକାଇ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ସଂଘକୁ କିପରି ମଜଭୁତ କରାଯିବ ସେଥିପାଇଁ ଠିକାଦାରମାନେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସଂଘର ସଭାପତି ପ୍ରମୋଦ କୁମାର ବେହେରା, ଉପସଭାପତି ନିରଞ୍ଜନ ରାଉତ, ସମ୍ପାଦକ କୌଶିକ ଜେନାଙ୍କ ସମେତ ସମସ୍ତ ସଭ୍ୟ, କଟକ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ଠିକାଦାରଙ୍କ ସଭାପତି ଓ ସମ୍ପାଦକଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଆଦର୍ଶ ପ୍ରତିଭା ବିକାଶ ପରିଷଦର ଆଲୋଚନାଚକ୍ର

**କଟକ,୩।୮/ଏନ୍ଏନ୍ଏସ୍:** ସାରସ୍ୱତ ଅନୁଷ୍ଠାନ 'ଆଦର୍ଶ ପ୍ରତିଭା ବିକାଶ ପରିଷଦ'ର 'ବିପଦର ବନ୍ଧୁ' ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଚାଉଳିଆଗଞ୍ଜସ୍ଥିତ ଉତ୍କଳମଣି ଶିଶୁ ସଂସ୍କାର ଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ଡକ୍ଟର ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଉଦ୍‌ଘାଟକ ଭାବେ ଡକ୍ଟର କମଳାକାନ୍ତ ନାୟକ, ମୁଖ୍ୟଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଡକ୍ଟର ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ପତିତପାବନ ମହାପାତ୍ର, ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ପ୍ରଫେସର ଆଦିତ୍ୟ ପ୍ରତାପ ଧଳ ଏବଂ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ କଥାକାର ରବିନାରାୟଣ ଦାସ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତପନ କୁମାର ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ।



## ମାଛୁଆବଜାର ପଞ୍ଚାୟତ କମିଟିର ନୂତନ କର୍ମକର୍ତ୍ତା ଚୟନ

**କଟକ,୩।୮/ଏନ୍ଏନ୍ଏସ୍:** ମାଛୁଆବଜାର ପଞ୍ଚାୟତ କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ମା' ଭୁଆଷୁଣୀଙ୍କ ପୀଠରେ ଏକ ସାଧାରଣ ସଭାରେ କମିଟିର ନୂତନ ନେତୃତ୍ୱ ଚୟନ ପ୍ରକ୍ରିୟା ସର୍ବସମ୍ମତିକ୍ରମେ ସମ୍ପନ୍ନ ହୋଇଥିଲା। ଏଥିରେ କରୁଣାକର ବେହେରାଙ୍କୁ ଅଧିକାରୀ ଭାବେ ଗ୍ରାମବାସୀଙ୍କ ପକ୍ଷରୁ ମନୋନୀତ କରାଯାଇଥିଲା। ସେହିପରି ସର୍ବସମ୍ମତିକ୍ରମେ କୁଶ ସାହୁଙ୍କୁ କମିଟିର ସଭାପତି ଏବଂ ବିଜୟାନନ୍ଦ କାହାଳୀଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ଖୁବ୍ ଶୀଘ୍ର ଅନ୍ୟାନ୍ୟ ପଦାଧିକାରୀଙ୍କ ଚୟନ କରାଯିବ। ନୂତନ କମିଟି ମାଧ୍ୟମରେ ଅଞ୍ଚଳର ବିକାଶମୂଳକ, ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମକୁ ଅଧିକ ସୁଚାରୁ ଭାବେ ପରିଚାଳନା କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

### ଜାତୀୟସ୍ତରରେ ଏମ୍ସ ଭୁବନେଶ୍ୱରର ଚମକ୍

## 'ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ' ପୁରସ୍କାର

**ଭୁବନେଶ୍ୱର,୩।୮/ଏନ୍ଏନ୍ଏସ୍:** ଜାତୀୟ ସ୍ତରରେ ପୁଣିଥରେ ନିଜର ଛାପ ଛାଡ଼ିଛି ଏମ୍ସ ଭୁବନେଶ୍ୱର। ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ୧୬ତମ ଭାରତୀୟ ଅଙ୍ଗ ଦାନ ଦିବସ ପାଳନ ଅବସରରେ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ' ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ (ନୋଟ୍ଟୋ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ପୁଣ୍ୟ ସଲିଲା ଶ୍ରୀବାସ୍ତବ, ଡିଜିଏଚ୍ଏସ ଡ. ଲଭନୀଶ ଜି. କୃଷ୍ଣ, ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ବିଜୟ ନେହରା, ଏବଂ ନୋଟ୍ଟୋ ନିର୍ଦ୍ଦେଶକ ଡ. ଅନିଲ କୁମାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱର ପକ୍ଷରୁ ଅଧ୍ୟକ୍ଷା ଡ. ଅନୀତା ସକ୍ସେନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱରକୁ ଅଙ୍ଗ ପ୍ରତିରୋପଣରେ ଉଲ୍ଲେଖନୀୟ ଅଗ୍ରଗତି, ବିଶେଷକରି ପ୍ରତିରୋପଣ ପ୍ରକ୍ରିୟାରେ ଉଲ୍ଲେଖନୀୟ ବୃଦ୍ଧି ନିମନ୍ତେ ସମ୍ମାନିତ କରାଯାଇଥିଲା। ୨୦୨୪ ରେ ୧୬ଟି ପ୍ରତିରୋପଣରୁ ୨୦୨୫ ରେ ଏହିଁ ସଂଖ୍ୟା ୬୩ରେ ପହଞ୍ଚିଛି। ଯାହା ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଦ୍ରୁତ ଅଭିବୃଦ୍ଧି ଏବଂ ଉନ୍ନତ ପ୍ରତିରୋପଣ ଯତ୍ନ ପ୍ରଦାନ କରିବା ପ୍ରତି ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉଲ୍ଲେଖନୀୟ ଯେ, ଏମ୍ସ ଭୁବନେଶ୍ୱର ହେଉଛି ଦେଶର ଏକମାତ୍ର ଏମ୍ସ ଯାହା ଏହି ମର୍ଯ୍ୟାଦାଜନକ ମାନ୍ୟତା ପାଇଛି, ଯାହା ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଏହାର ପରାକାଷ୍ଠାକୁ ପ୍ରମାଣିତ କରେ।

ଏହି ଅବସରରେ କୃତଜ୍ଞତା ପ୍ରକାଶ କରି, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ଜାତୀୟ ମାନ୍ୟତା ଆମର ପ୍ରତିରୋପଣ ଦଳ, ଇଣ୍ଟେନସିଭ୍ କେୟାର ବିଶେଷଜ୍ଞ, ନର୍ସିଂ ଷ୍ଟାଫ୍, ପ୍ରତିରୋପଣ ସଂଯୋଜକ ଏବଂ ସହାୟକ କର୍ମଚାରୀଙ୍କ ଅଟଳ ପ୍ରତିବଦ୍ଧତା, ବହୁବିଧ ଦଳଗତ କାର୍ଯ୍ୟ ଏବଂ ନିରନ୍ତର ସମର୍ପଣ ଭାବକୁ ପ୍ରତିଫଳିତ କରେ। ଆମେ ଅଙ୍ଗଦାତା ପରିବାରମାନଙ୍କ ପ୍ରତି ସମାନ ଭାବରେ କୃତଜ୍ଞ, ଯେଉଁମାନଙ୍କର ନିସ୍ୱାର୍ଥପର ନିଷ୍ପତ୍ତି ଅଗଣିତ ଜୀବନ ବଞ୍ଚାଇଛି ଏବଂ ସମାଜକୁ ପ୍ରେରଣା ଦେଇଛି। ଏମ୍ସ ଭୁବନେଶ୍ୱର ପୂର୍ବ ଭାରତରେ ପ୍ରତିରୋପଣ ସେବାକୁ ବିସ୍ତାର କରିବା ଏବଂ ଅଙ୍ଗଦାନ ସଚେତନତାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ, ଏମ୍ସ ଭୁବନେଶ୍ୱର ସଫଳତାର ସହିତ ୭୮ଟି ବୃକକ୍ ପ୍ରତିରୋପଣ କରିଛି, ଯେଉଁଥିରେ ୬୧ଟି ଜୀବିତ ଦାତା ବୃକକ୍ ପ୍ରତିରୋପଣ ଏବଂ ୧୭ଟି ମୃତ ଦାତା ବୃକକ୍ ପ୍ରତିରୋପଣ ଅନ୍ତର୍ଭୁକ୍ତ। ପ୍ରତିଷ୍ଠାନ ଚାରିଟି ଜୀବିତ ଦାତା ଯକୃତ ପ୍ରତିରୋପଣ ଏବଂ ଜଣେ ମୃତ ଦାତା ଯକୃତ ପ୍ରତିରୋପଣ ସମାପ୍ତ କରିବା ସହିତ ଛଅଟି ସଫଳ ଅଙ୍ଗଦାନକୁ ମଧ୍ୟ ବ୍ୟବସ୍ଥିତ କରିଛି। ତୁଳନାତ୍ମକ ଭାବରେ କମ୍ ସମୟ ମଧ୍ୟରେ, ପ୍ରତିଷ୍ଠାନ ଅଙ୍ଗ ପୁନରୁଦ୍ଧାର, ପ୍ରତିରୋପଣ ଏବଂ ପ୍ରତିରୋପଣ ପରବର୍ତ୍ତୀ ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯେତେବେଳେ ନିରନ୍ତର ଜନସଚେତନତା ଅଭିଯାନ ଏବଂ ସାମୁଦାୟିକ ପ୍ରସାର ପଦକ୍ଷେପ ମାଧ୍ୟମରେ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଛି।

## ବସ୍ ଯାତ୍ରୀଙ୍କଠାରୁ ଲୁଟ୍: ୨ ଗିରଫ

**କଟକ,୩।୮/ଏନ୍ଏନ୍ଏସ୍:** ବାଦାମବାଡ଼ି ଅଞ୍ଚଳରେ ବସରୁ ଜଣେ ଯାତ୍ରୀଙ୍କଠାରୁ ୫୦ହଜାର ଲୁଟ କରିବା ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଜଗତପୁରର ଇସମାଇଲ ଖାଁ ଓ ମହମ୍ମଦ ଇରସାଦ ଖାଁ। ପୋଲିସ ସେମାନଙ୍କଠାରୁ ସାଢ଼େ ୩ହଜାର ଟଙ୍କା ଉଦ୍ଧାର କରି କୋର୍ଟଚାଲାଣ କରିଛି। ପୁରୀ ନୂଆହାଟ ଗ୍ରାମର ବିଶ୍ୱଜିତ ନାୟକ କଟକକୁ କିଣାକିଣି କରିବା ଲାଗି ଆସିଥିଲେ। ସେ ମା' ଦୁର୍ଗା ବସରେ କଟକ ଆସୁଥିବାବେଳେ ଫୁଲନଖରା ନିକଟରୁ ତିନି ଜଣ ଯୁବକ ବସକୁ ଉଠିଥିଲେ। ବାଦାମବାଡ଼ି ଫୁଟଓଭର ନିକଟରେ ବସ ରହିବା ପରେ ସେଠାରେ ବିଶ୍ୱଜିତଙ୍କ ସହିତ ବହୁ ଯାତ୍ରୀ ଓହ୍ଲାଇବାକୁ ଉଦ୍ୟମ କରିବା ବେଳେ ହୋଇଥିବା ଠେଲାପେଲାର ସୁଯୋଗ ନେଇ ଲୁଟେରା ଦ୍ୱୟ ତାଙ୍କ ପକେଟ୍‌ରେ ଥିବା ୫୦ ହଜାର ଲୁଟିନେଇଥିଲେ। ଏହା ଜାଣିପାରି ବିଶ୍ୱଜିତ ପାଟିକରି ଉଠିବାରୁ ଉକ୍ତ ତିନିଜଣ ତରବରିଆ ଭାବେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଯାତ୍ରୀମାନେ ସେମାନଙ୍କ ମଧ୍ୟରୁ ଦୁଇଜଣକୁ କାବୁ କରିନେଇଥିଲେ। ଯାଞ୍ଚ ପରେ ସେମାନଙ୍କ ନିକଟରୁ ସାଢ଼େ ୩ ହଜାର ଟଙ୍କା ମିଳିଥିଲା। ଇସମାଇଲ ଓ ଇରସାଦ ପେସାଦାର ଲୁଟେରା ବୋଲି ଜଣାପଡ଼ିଛି।

## ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

# 'ଯୁବପିଢ଼ିଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେବା ଦରକାର'







**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:** ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି। ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି। ଏହି ସମ୍ପତ୍ତିର ସଠିକ୍ ବ୍ୟବହାର ପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବପିଢ଼ି ସେମାନଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିପାରିବେ। ସେମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିବାକୁ ପଡ଼ିବ। ବିଶ୍ୱବିଦ୍ୟାଳୟଗୁଡ଼ିକର ଦାୟିତ୍ୱ ହେଉଛି ଯେ ସେମାନେ ସଚ୍ଚୋଟତା, ଶୃଙ୍ଖଳା, ସମ୍ବେଦନଶୀଳତା ଏବଂ ଜାତୀୟ ସ୍ୱାର୍ଥ ଭାବନାରେ ପରିପୂର୍ଣ୍ଣ ନାଗରିକମାନଙ୍କୁ ପ୍ରସ୍ତୁତ କରନ୍ତୁ। ଯୁବପିଢ଼ିଙ୍କ ଜ୍ଞାନ ସେତିକିବେଳେ ଅର୍ଥପୂର୍ଣ୍ଣ ହୋଇଥାଏ, ଯେତେବେଳେ ଏହା ମାନବତା, ସମାଜର କଲ୍ୟାଣ ଏବଂ ରାଷ୍ଟ୍ର ପ୍ରଗତିରେ ଉତ୍ସର୍ଗୀକୃତ ହୋଇଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସୋମବାର କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହା କହିଛନ୍ତି।



କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଷ୍ଟ୍ରପତି ଆହୁରି କହିଛନ୍ତି ଯେ ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧାତ୍ମିକତା ଏବଂ ସେବାର ସମୃଦ୍ଧ ପରମ୍ପରା ଥିବା ଏକ ମାଟି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପବିତ୍ର ମାଟି ଶହ ଶହ ବର୍ଷ ଧରି ସମାବେଶୀ ଭାବନା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି। କଟକର ଏହି ଅଞ୍ଚଳ ଉତ୍କଳ ଗୌରବ ମଧୁସୂଦନ ଦାସ, କର୍ମବୀର' ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଭୂମି ମଧ। ଏହା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମଭୂମି। ଜନସେବା, ସାହିତ୍ୟ ଓ ସଂସ୍କୃତିରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ। ଏପରି ଏକ ଗୌରବଶାଳୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହିତ ସଂଯୋଜିତ କରିବା ସହିତ ସମାଜ ଓ ରାଷ୍ଟ୍ର ସେବା ପାଇଁ ଏକ ଶକ୍ତିଶାଳୀ ମାଧମ ହେବ ବୋଲି ଆଶା କରାଯାଉଛି।

ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତାର ମାଟି

ଭାରତର ବୃହତ୍ ଯୁବଶକ୍ତି ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି

ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜ୍ଞାନ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ

ରାଷ୍ଟ୍ରପତି କହିଛନ୍ତି, ଆମେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ୟ ରଖିଛୁ। ଏହି ଲକ୍ଷ୍ୟ ହାସଲ କରିବାରେ ଆମର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜ୍ଞାନ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ ଯେଉଁଠାରେ ବିକଶିତ ଚିନ୍ତାଧାରା ଓ ପ୍ରଯୁକ୍ତିବିଦ୍ୟା ସମାଜର ଆବଶ୍ୟକତାକୁ ପୂରଣ କରେ। ସେ ଗୁରୁତ୍ୱାରୋପ କରି କହିଛନ୍ତି, ଆଧୁନିକ ଜ୍ଞାନକୁ ଗ୍ରହଣ କରିବା ସହିତ ସେମାନଙ୍କୁ ନୈତିକ ମୂଲ୍ୟବୋଧକୁ ମଧ ବଜାୟ ରଖିବାକୁ ପଡିବ। ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗବେଷଣା, ନୂତନ ଉଦ୍ଭାବନ ଏବଂ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଏବଂ ଆଧାତ୍ମିକ ବିକାଶ ଉପରେ ମଧ ଗୁରୁତ୍ୱ ଦେବ ବୋଲି ଜାଣି ସେ ଖୁସି ହୋଇଥିଲେ। ଏହି ବିଶ୍ୱବିଦ୍ୟାଳୟ ଦକ୍ଷ ମାନବଶକ୍ତି, ଗବେଷକ ଏବଂ ଉଦ୍ୟୋଗୀମାନଙ୍କୁ ପ୍ରସ୍ତୁତ କରିବ ଯେଉଁମାନେ ଏକ ବିକଶିତ ଓଡ଼ିଶା ଏବଂ ଏକ ବିକଶିତ ଭାରତର ଲକ୍ଷ୍ୟରେ ଯୋଗଦାନ ଦେବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ଏହି ଉଦ୍‌ଘାଟନ ସମାରୋହରେ ରାଜ୍ୟପାଳ ଡଃ ହରି ବାବୁ କମ୍ଭମପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀସୂର୍ଯ୍ୟବଂଶୀ ସୂରଜ, ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ସଂସ୍ଥାପକ ଏବଂ ଅଧକ୍ଷ ସ୍ୱାମୀ ମୁକୁନ୍ଦାନନ୍ଦ, ବରିଷ୍ଠ ସରକାରୀ ଅଧିକାରୀ, ବିଶିଷ୍ଟ ଶିକ୍ଷାବିତ୍ ଉପସ୍ଥିତ ଥିଲେ।

# 'ଯୁବ ସାମର୍ଥ୍ୟ ପାଇଁ ସରକାର ଅପାର ସୁଯୋଗ ସୃଷ୍ଟି କରୁଛନ୍ତି'

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:** ଆଜିର ଯୁଗ ହେଉଛି କୌଶଳ ଓ ଦକ୍ଷତାର ଯୁଗ। ଓଡ଼ିଶାର ଯୁବ ସାମର୍ଥ୍ୟ ପାଇଁ ଆମ ସରକାର ଅପାର ସୁଯୋଗ ସୃଷ୍ଟି କରିବାକୁ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଷ୍ଟ୍ରପତିଙ୍କ ଦ୍ୱାରା ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ ସମାରୋହରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କେବଳ ଗୋଟିଏ ନୂତନ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ନୁହେଁ; ଏହା ଓଡ଼ିଶାକୁ ଉଚ୍ଚଶିକ୍ଷା, ଗବେଷଣା, ଏବଂ ନୈତିକ ଚରିତ୍ର ନିର୍ମାଣର ଏକ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ରରେ ରୂପାନ୍ତରିତ କରିବାର ନୂତନ ଯାତ୍ରା। ଏହି




ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା, ସାଇବର ସୁରକ୍ଷା, କମ୍ପ୍ୟୁଟର ସାଇନ୍ସ, ମ୍ୟାନେଜ୍‌ମେଣ୍ଟ ଏବଂ ସ୍ୱାସ୍ଥ୍ୟ ବିଜ୍ଞାନ ଭଳି ଆଧୁନିକ ଯୁଗୋପଯୋଗୀ ପାଠ୍ୟକ୍ରମ ସହିତ 'ମାଇଣ୍ଡ ମ୍ୟାନେଜମେଣ୍ଟ', ମାନବିକ ମୂଲ୍ୟବୋଧ ଏବଂ ଯୋଗ ବିଜ୍ଞାନ ପାଇଁ ଉତ୍କର୍ଷ କେନ୍ଦ୍ର ମାଧମରେ ବିଦ୍ୟାର୍ଥୀଙ୍କ ମାନସିକ ଶାନ୍ତି, ଚରିତ୍ର ଗଠନ ଓ ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ କରିବ। ଏହା ବ୍ୟତୀତ 'ଜଗଦ୍‌ଗୁରୁ କୃପାଳୁ କ୍ଲିନିକ୍', 'ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟ' ଏବଂ ଗ୍ରାମୀଣ ଯୁବକ-ଯୁବତୀ ଓ ମହିଳାମାନଙ୍କ ପାଇଁ ବୃତ୍ତିଗତ କୌଶଳ ତାଲିମ କାର୍ଯ୍ୟକ୍ରମ ଦ୍ୱାରା ଏହା ସାମାଜିକ ଦାୟିତ୍ୱବୋଧର ଶ୍ରେଷ୍ଠ ଦୃଷ୍ଟାନ୍ତ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ହୋଇଛି। ଆମର ସୃଜନଶୀଳ ଯୁବଶକ୍ତି ଆଜି ଆଇ.ଆଇ.ଟି., ଆଇ.ଆଇ.ଏମ୍. ଏବଂ ଏମ୍ସ ଭଳି ଦେଶର ଶ୍ରେଷ୍ଠ ଅନୁଷ୍ଠାନଗୁଡ଼ିକ ସହିତ ମିଶି ଗବେଷଣା ଓ ନୂତନ ଜ୍ଞାନକୌଶଳର ବିକାଶରେ ଅତୁଳନୀୟ ଯୋଗଦାନ ଦେଉଛନ୍ତି।

ଗତକାଲି ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀ ଯୁବଶକ୍ତିଙ୍କୁ ସମ୍ବୋଧନ କରି ନିଶାମୁକ୍ତ ଜୀବନଯାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ଦେଶର ୨୮ ହଜାର ସ୍ଥାନରୁ ଏକ କୋଟିରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ମୋଦୀଜୀ ସବୁବେଳେ ଶିକ୍ଷା, ବିଶେଷ ଭାବେ ଗୁଣାତ୍ମକ ଶିକ୍ଷା ପାଇଁ ସଦା ସର୍ବଦା ଚିନ୍ତିତ। ସେ ସଦାସର୍ବଦା ଦେଶର ଯୁବ ଗୋଷ୍ଠୀଙ୍କ ସାମର୍ଥ୍ୟ ଉପରେ ଦୃଢ ବିଶ୍ୱାସ କରି ଆସୁଛନ୍ତି। ଜାତୀୟ ଶିକ୍ଷାନୀତି ସହିତ ଦେଶରେ ଅଭୁତପୂର୍ବ ସଂଖ୍ୟାରେ ମେଡିକାଲ, ଇଂଜିନିୟରିଂ ଏବଂ ବୈଷୟିକ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନେଇଛନ୍ତି। ମୋଦୀ ଜୀଙ୍କ ମାର୍ଗ ଦର୍ଶନରେ ରାଜ୍ୟ ସରକାର ମଧ ଯୁବପିଢ଼ିଙ୍କ ପାଇଁ ଆଧୁନିକ ଓ ଗୁଣାତ୍ମକ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବାକୁ ସଂକଳ୍ପବଦ୍ଧ।ଆମ ସରକାର ଆସିବା ପରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଓ ଇନୋଭେସନ୍‌କୁ ଗୁରୁତ୍ୱ ଦିଆଯାଉଛି। ଏହି ଜାତୀୟ ମିଶନରେ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

## ଶ୍ରାବଣ ପ୍ରଥମ ସୋମବାର

# ଲିଙ୍ଗରାଜ ମନ୍ଦିରରେ ଅଚଳାବସ୍ଥା

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:** ପୁଣି ବିବାଦ, ପୁଣି ବନ୍ଦ ହେଲା ନୀତିକାନ୍ତି। ଶ୍ରାବଣର ପ୍ରଥମ ସୋମବାରରେ ବାବା ଲିଙ୍ଗରାଜଙ୍କ ମନ୍ଦିରରେ ଦେଖିବାକୁ ମିଳିଲା ବିଭ୍ରାଟ। ଜଳଲାଗି ସହ ବାବାଙ୍କ ଦର୍ଶନ ପାଇଁ ବିଳମ୍ବିତ ରାତିରୁ ମନ୍ଦିରରେ ଲାଗିଥିଲା ହଜାର ହଜାର ଭକ୍ତଙ୍କ ଭିଡ଼। କିନ୍ତୁ ଶ୍ରାବଣ ଭେଟ ପାଉଣା ବଣ୍ଟାକୁ କେନ୍ଦ୍ର କରି ବ୍ରାହ୍ମଣ ଓ ବଡୁ ସେବାୟତଙ୍କ ମଧରେ ବିବାଦ ଉପୁଜିବାରୁ ମନ୍ଦିରର ନୀତିକାନ୍ତି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା ଭକ୍ତଙ୍କ ଉପରେ। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ବାବାଙ୍କ ପୂଜା କରିପାରିନଥିଲେ। କେବଳ ଜଳଲାଗି କରି ନିରାଶ ମନରେ ଫେରିବାକୁ ପଡ଼ିଥିଲା। ଖାଲି ସେତିକି ନୁହେଁ, ଜଳଲାଗି ବେଳେ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେବାକୁ ନେଇ ମଧ ବ୍ୟତିବସ୍ତ ହୋଇପଡ଼ିଥିଲେ ଭକ୍ତ। ଶ୍ରାବଣ ସୋମବାର ଭଳି ପବିତ୍ର ଦିନରେ ଏଭଳି ପରିସ୍ଥିତିକୁ ନେଇ ଭକ୍ତଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା।



ଲିଙ୍ଗରାଜଙ୍କ ନୀତି ବନ୍ଦ ପାଇଁ ପୂଜାପଣ୍ଡା ନିଯୋଗକୁ ଦାୟୀ କରିଛି ବଡୁ ନିଯୋଗ। କହିଛି, ଭୋର୍ ୩ଟାରେ ମନ୍ଦିର ଖୋଲି ଠାକୁରଙ୍କ ସମସ୍ତ ସେବା କଲୁ। ୪ଟା ପର୍ଯ୍ୟନ୍ତ ପୂଜାପଣ୍ଡା ସେବକଙ୍କୁ ଅପେକ୍ଷା କଲୁ, ହେଲେ ସେମାନେ ଆସିଲେନି। ତେଣୁ ଆମେ ଅବକାଶ କରି କାଉଡ଼ିଆଙ୍କ ଜଳଲାଗି ପାଇଁ ମନ୍ଦିର ଖୋଲିଲୁ। ଶ୍ରାବଣ ଭେଟ ପାଉଣା ଅଧା ନେବା ପାଇଁ ଆମେ ୧୯୯୧ରୁ ଦାବି କରି ଆସୁଛୁ। ହେଲେ ସେମାନେ କୋର୍ଟକୁ ଯାଇ ପାଉଣା ବନ୍ଦ କରିଥିଲେ। ୨୦୨୪ରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଆମକୁ ପାଉଣା ମିଳୁନଥିଲା। ଏବେ ଆମେ ପାଉଣା ପାଇବା ପାଇଁ ନିଷ୍ପତ୍ତି ହେବାରୁ ସେମାନେ ସେବା ବନ୍ଦ କରୁଛନ୍ତି। ସେପଟେ ପୂଜାପଣ୍ଡା ନିଯୋଗର ସମ୍ପାଦକ କହିଛନ୍ତି, ଏହାର ସ୍ଥାୟୀ ସମାଧାନ ପାଇଁ ଆମେ ବାରମ୍ବାର ଟ୍ରଷ୍ଟକୁ ଚିଠି ଲେଖିଥିଲୁ, ହେଲେ ତାର କୌଣସି ସମାଧାନ ନ ହେବା ଫଳରେ ବାରମ୍ବାର ଏମିତି ବିବାଦ ସୃଷ୍ଟି ହେଉଛି । ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ତୁଟିଛି ବିବାଦ।

ଶ୍ରାବଣ ଭେଟ ପାଉଣା ବଣ୍ଟାକୁ କେନ୍ଦ୍ର କରି ବିବାଦ

ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ସମାଧାନ

ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ପୂଜା ପଣ୍ଡା ନିଯୋଗଙ୍କ ବୈଠକ ପରେ ସମାଧାନର ବାଟ ଫିଟିଛି। ମନ୍ଦିର ପ୍ରଶାସନର ପ୍ରତିଶ୍ରୁତି ମିଳିବା ପରେ ନିସର୍ତ୍ତ ଭାବେ ନୀତିକାନ୍ତି ଆରମ୍ଭ କରିଥିଲେ ଉଭୟ ପକ୍ଷ । ଦୀର୍ଘ ୮ ଘଣ୍ଟା ପରେ ବାବା ଲିଙ୍ଗରାଜଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ସୁରୁଖୁରୁରେ ଚାଲିଥିଲା।

## ଜାତୀୟସ୍ତରର ପ୍ରତିଯୋଗିତାରେ ଓଡ଼ିଶା ପୁଲିସ କ୍ରୀଡ଼ାବିତ୍‌ଙ୍କ ସଫଳତା

# କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କଲେ ଡିଜିପି

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:** ଜାତୀୟସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୁଲିସର କ୍ରୀଡାବିତମାନଙ୍କ ଚମକ ପୁଣିଥରେ ଦେଖିବାକୁ ମିଳିଛି। ସର୍ବ ଭାରତୀୟ ସ୍ତରର ବିଭିନ୍ନ ପ୍ରତିଯୋଗିତାରେ ୧୨ ଜଣ କ୍ରୀଡ଼ାବିତ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ପୁଲିସ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୩ ରୁ ୩୦ ପର୍ଯ୍ୟନ୍ତ ହାଇଦ୍ରାବାଦସ୍ଥିତ ଗଚ୍ଚିବୋଉଲି ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ୧୧ତମ ସର୍ବ ଭାରତୀୟ ପୁଲିସ ଜୁଡୋ କ୍ଲଷ୍ଟର (୨୦୨୬-୨୭) ଏବଂ ଜୁଲାଇ ୮ ରୁ ୧୧ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ୫ମ ସିନିୟର ନ୍ୟାସନାଲ ଇଣ୍ଡିଆ ତାଇକୋଣ୍ଡୋ ପୁମସେ ଚାମ୍ପିୟନସିପ୍-୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ଉଷୁ, ତାଇକୋଣ୍ଡୋ, କରାଟେ ଏବଂ ପେନକାକ ସିଲଟ ଦଳ ଭାଗ ନେଇ କ୍ରୀଡାବିତମାନେ ବିଭିନ୍ନ ବିଭାଗରେ ଭାଗ ନେଇ ପଦକ ହାସଲ କରିଛନ୍ତି।

କ୍ରୀଡାବିତମାନଙ୍କ ଏହି ସଫଳତା ପାଇଁ ଡିଜିପି ସମସ୍ତ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଅସାଧାରଣ ପ୍ରତିଭା ଓ ନିଷ୍ଠାର ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡ଼ାବିତଙ୍କ ଏହି ସଫଳତା



ଓଡ଼ିଶା ପୁଲିସ ବାହିନୀ ସହ ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ମଧ କ୍ରୀଡ଼ାବିତମାନେ ଓଡ଼ିଶା ପୋଲିସର ସୁନାମ ବୃଦ୍ଧି କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ରୌପ୍ୟ ପଦକ ବିଜେତାଙ୍କୁ ୪ ହଜାର ଟଙ୍କା ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୩ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଡିଜିପି ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୁଲିସ କମିଶନର (କଟକ-ଭୁବନେଶ୍ୱର) ଡଃ ଦେବଦତ୍ତ ସିଂ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।ଓଡ଼ିଶା ପୁଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୂଳା କମ୍ପାନୀରେ ଅଗ୍ନିକାଣ୍ଡ: ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:** ସୋମବାର ସକାଳୁ ସକାଳୁ ରାଜଧାନୀ ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ଔଷଧୀୟ ଜ୍ଞାନ କେନ୍ଦ୍ର ନିକଟରେ ଥିବା ଏକ ତୂଳା କମ୍ପାନୀରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନଥିବା ବେଳେ କମ୍ପାନୀର ୩୦ ରୁ ୪୦ ଲକ୍ଷ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ଆକଳନ କରାଯାଉଛି। ଖବର ପାଇ ୫ରୁ ଊର୍ଦ୍ଧ୍ୱ ଦମକଳ, ତମାଣ୍ଡୋ ଫାୟାର ଷ୍ଟେସନର ଦୁଇଟି ଦଳ, କେନ୍ଦ୍ରୀୟ ରେଞ୍ଜ ଭୁବନେଶ୍ୱର ଓ ଜଟଣୀ ଫାୟାର ଷ୍ଟେସନର ଗୋଟିଏ ଗୋଟିଏ ଦଳ , ଷ୍ଟ୍ରାଇକିଂ ଫାୟାର ଫୋର୍ସ ଓ ରବୋଟିକ ମନିଟର ଏବଂ ଆର୍ଟିକୁଲେଟ ୱାଟର ଟାୱାର ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାମରେ ନିୟୋଜିତ ଥିଲେ। ପ୍ରାୟ ୪/୫ ଘଣ୍ଟା ପରେ ଅଗ୍ନିକାଣ୍ଡ ନିୟନ୍ତ୍ରଣକୁ ଆସିଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନଥିଲେ ମଧ ସଟ୍ ସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି ବୋଲି ତମାଣ୍ଡୋ ଅଗ୍ନିଶମ ଅଧିକାରୀ ଜ୍ଞାନ ରଞ୍ଜନ ବେହେରା କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ସୁନ୍ଦରପଦାର ଆବାଶ ଅଲ୍ଲିଙ୍କ ପାତ୍ରପଡା ଠାରେ ଏକ ତୁଳା ଓ କପଡା ଭିଣା କମ୍ପାନୀ ଅଛି। ଉକ୍ତ ତୁଳା ଓ କପାଡାରୁ ତକିଆ, ସୋଫା, ଟେଡି ଜିନିଷ ତିଆରିରେ ବ୍ୟବହାର କରାଯାଏ। ସେଠାରେ ୫/୬ ଜଣ ଶ୍ରମିକ ରହି କାମ କରନ୍ତି। ସବୁଦିନ ପରି ଗତକାଲି ଶ୍ରମିକ ମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରି ଶୋଇ ଯାଇଥିଲେ। କିନ୍ତୁ ଆଜି ସକାଳୁ ଶ୍ରମିକ ମାନେ ଉଠି କାମ ସରି ପୁଣି କମ୍ପାନୀ ଭିତରକୁ ଆସିବା ବେଳେ ଅଗ୍ନିକାଣ୍ଡ ଘଟିଥିବା ଦେଖିବାକୁ ପାଇଥିଲେ। ସକାଳ ପ୍ରାୟ ୮ ଟା ବେଳେ ମାଲିକଙ୍କୁ ଫୋନ କରି ଜଣାଇବା ସହ ଦମକଳ କେନ୍ଦ୍ରକୁ ଜଣାଇଥିଲେ। ତୁଳା ଓ କପଡାରେ ନିଆଁ ଲାଗିଥିବାରୁ ନିମିଷକ ମଧରେ ବ୍ୟାପିଯାଇଥିଲା। ହୁ ହୁ ହୋଇ ଗୋଦାମ ସହ ସେଠାରେ ଲାଗିଥିବା ମେସିନ ସବୁ ଜଳିବାକୁ ଲାଗିଲା। ଅଗ୍ନିକାଣ୍ଡରେ ଟିଣ ଆଜବେଷ୍ଟସ ସେଡ ସବୁ ନଷ୍ଟ ହେବା ସହ ବଙ୍କା ହୋଇଯାଇଥିଲା। ପ୍ରାୟ ୩/୪ ଟି ମେସିନ ପୋଡି ପାଉଁଶ ହୋଇଯାଇଥିଲା।ଏହା ଛଡା ଗଦା ଗଦା କପଡା ଓ ତୁଳାରେ ନିଆଁ ଲାଗିଥିବାରୁ ସେଗୁଡିକ ଲିଭିବାରେ ନାଁ ଧରି ନଥିଲା। ଅଗ୍ନିକାଣ୍ଡର କାରଣ ଜଣା ପଡ଼ି ନଥିଲେ ମଧ ଦୀର୍ଘ ସମୟ ଧରି ମେସିନ



୫ ଘଣ୍ଟା ପରେ ହେଲା ନିୟନ୍ତ୍ରଣ


ଗୁଡିକ ଚାଲିବା ଦ୍ୱାରା ସଟ୍ ସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଖବର ପାଇ ପ୍ରଥମେ ତମାଣ୍ଡୋ ଅଗ୍ନିଶମ ବାହିନୀର ଦୁଇଟି ଦଳ ଦମକଳ ସହ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ନିକଟରେ ଥିବା ଦୁଇଟି କପଡ଼ା ଗୋଦାମ ଓ ଅନ୍ୟାନ୍ୟ ଯନ୍ତ୍ରଗୁଡ଼ିକରେ ପାଣି ମାରିବା ଆରମ୍ଭ କରିଥିଲେ। ପରେ ଉକ୍ତ ତୁଳା କମ୍ପାନୀରେ ପାଣି ମାଡ଼ କରିଥିଲେ।କିନ୍ତୁ କମ୍ପାନୀର ଚାରିପଟେ ଗଛପତ୍ର ମାଡି ଥିବାରୁ ଗାଡ଼ି ପସିବା ସମ୍ଭବ ହୋଇନଥିଲା। ତେଣୁ ଏକ ଜେସିବି ମେସିନ ଦ୍ୱାରା କମ୍ପାନୀ ଚାରିପଟ ସଫା କରାଯାଇଥିଲା। ନିଆଁ ଆୟତ୍ତ ହୋଇନଥିବାରୁ ଜଟଣୀ ଓ କେନ୍ଦ୍ରିୟ ରେଞ୍ଜ ଭୁବନେଶ୍ୱର ପକ୍ଷରୁ ପୁଣି ଦୁଇଟି ଦଳ ସହ ଷ୍ଟ୍ରାଇକିଂ ଫାୟାର ଫୋର୍ସ ପହଞ୍ଚି ନିଆଁ ଲିଭା କାମରେ ନିୟୋଜିତ ହୋଇଥିଲେ। ଏହା ସହ ରବୋଟିକ୍ ଯନ୍ତ୍ର ଓ ଆର୍ଟିକୁଲେଟ ୱାଟର ୱାଟରକୁ ଅଣାଯାଇଥିଲା। ଗୋଦାମ ଘରେ ପ୍ରବଳ ଧୂଆଁ ବାହାରୁ ଥିବାରୁ ଷ୍ଟ୍ରାଇକିଂ ଫୋର୍ସ ପସି ପାରି ନଥିଲେ। ତେଣୁ ରୋବୋଟିକ ଯନ୍ତ୍ରକୁ ଭିତରକୁ ଛାଡି ମନିଟରିଂ କରାଯାଇ ପାଣି ଓ ଫୋମ ସ୍ପ୍ରେ କରାଯାଇଥିଲା। ପ୍ରାୟ ୪/୫ ଘଣ୍ଟା ପରେ ପରିସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିଲା।

## ସିଏମଓରୁ ଫାଇଲ୍ ଗାଏବ୍ ମାମଲା

# ପୁଣିଥରେ ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର,୩।୮/ଏନ୍‌ଏନ୍‌ଏସ୍:** ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତଦନ୍ତ କମିଶନଙ୍କ ରିପୋର୍ଟ ଗାଏବ ହେବା ଘଟଣାରେ ଆଜି ପୁଣିଥରେ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାକାଣ୍ଡ ସହ ଜଡ଼ିତ କନ୍ଧମାଳ ତଦନ୍ତ କମିଶନଙ୍କ ରିପୋର୍ଟ ନମିଳିଲେ ଆଉଥରେ ନୂଆକରି ରିପୋର୍ଟ ପ୍ରସ୍ତୁତ କରାଯିବାର ସଙ୍କେତ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଏହି ତଦନ୍ତ କମିଶନ ରିପୋର୍ଟକୁ ଗ୍ରହଣ କରିଥିବା ଅଫିସରଙ୍କୁ ଚିହ୍ନଟ କରାଯାଇଛି ଓ ତାଙ୍କଠୁ କିଏ କିଏ ରିପୋର୍ଟ ନେଇଥିଲେ ସେମାନଙ୍କୁ ଚିହ୍ନଟ କରାଯାଉଛି ବୋଲି ଗତ ସପ୍ତାହରେ ସେ କହିଥିଲେ। ତେବେ କମିଶନ ରିପୋର୍ଟ ଗାଏବକୁ ନେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଡାଟା ରିକଭରୀର ସୂଚନା ଦେଇଥିବାବେଳେ ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ସରକାରଙ୍କ ବିଫଳତା ଲୁଚାଇବାର 'ନାଟକବାଜି' ବୋଲି ଅଭିଯୋଗ କରିଛନ୍ତି।

ସୋମବାର ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ସରକାର ଏବେ ଦୁଇଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି। ପ୍ରଥମଟି ହେଉଛି, ଗାଏବ ହୋଇଥିବା ରିପୋର୍ଟକୁ ଖୋଜି ବାହାର କରିବା ପାଇଁ ପୁଲିସ ତଦନ୍ତ ଜାରି ରହିଛି। ତଦନ୍ତରେ ଯଦି ରିପୋର୍ଟ ମିଳିଯାଏ ତା'ହେଲେ ତାକୁ ସାର୍ବଜନୀନ କରାଯିବ। ଯଦି ରିପୋର୍ଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବ, ତେବେ ତାକୁ ଯେଉଁମାନେ ନଷ୍ଟ କରିଛନ୍ତି କିମ୍ବା ହଜାଇଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜଷ୍ଟିସ ଏ.ଏସ. ନାଇଡୁ କମିଶନଙ୍କ ସଚିବ ଅନୀଲ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନଙ୍କ ସହ ସମ୍ପର୍କ ସ୍ଥାପନ କରାଯାଉଛି। ତଦନ୍ତ କମିଶନ ଯେଉଁସବୁ କମ୍ପ୍ୟୁଟରରେ କାର୍ଯ୍ୟ କରୁଥିଲେ ସେଥିରୁ ଡାଟାକୁ ଉଡ଼ାଇ ଦିଆଯାଇଥିଲା। ଏବେ ସେହି କମ୍ପ୍ୟୁଟରରୁ ଡିଲିଟ୍ ହୋଇଥିବା ଡାଟାକୁ ଆଧୁନିକ କାରିଗରୀ କୌଶଳ ବ୍ୟବହାର କରି ରିଷ୍ଟୋର କରିବା ପାଇଁ ଉଦ୍ୟମ ଚାଲିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଜଷ୍ଟିସ ନାଇଡୁଙ୍କ ପାଖରେ ତଦନ୍ତ ସହ ଜଡ଼ିତ ପାଣ୍ଡୁଲିପି ଥିବାର ସେ ଗଣମାଧମକୁ ବୟାନ ଦେଇଥିଲେ। ତଦନ୍ତ କମିଶନଙ୍କ ନିକଟରେ ଯେଉଁମାନେ ସାକ୍ଷୀ ଦେଇଥିଲେ ସେସବୁର ବିସ୍ତୃତ ତଥ୍ୟ ମନ୍ତ୍ରୀ ତାଙ୍କ ପାଖରେ ଥିବାର କହିଛନ୍ତି। ତେଣୁ ସରକାର ଓ ଜଷ୍ଟିସ ନାଇଡୁ ରାଜି ହେଲେ ସେହିସବୁ ନଥିପତ୍ରକୁ ସଂକଳନ କରି ଏକ ନୂଆ ରିପୋର୍ଟ ପ୍ରସ୍ତୁତ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ତେବେ କମିଶନ ଆଇନରେ ନୂଆ କରି ରିପୋର୍ଟ ପ୍ରସ୍ତୁତ କରିବାର ବ୍ୟବସ୍ଥା ଏବେ ନାହିଁ ବୋଲି ମଧ ଶ୍ରୀ ପୂଜାରୀ ସ୍ପଷ୍ଟ କରିଛନ୍ତି।





ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ଉପସଭାପତି ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ, ସରକାର ଯଦି ସତରେ ତଦନ୍ତ କରୁଥାଆନ୍ତେ ତା'ହେଲେ କୌଣସି ପ୍ରଶ୍ନ ଉଠିନଥାନ୍ତା। ମାତ୍ର ସରକାର ତଦନ୍ତ ନାଁରେ କେବଳ ନାଟକବାଜି ଓ ରାଜନୀତି କରୁଛନ୍ତି। ଦୀର୍ଘଦିନ ଧରି ଗୁରୁତ୍ୱପୂର୍ଣ୍ଣ ଫାଇଲ ଗାଏବ ହୋଇଥିବା କଥା ସରକାର ଜାଣିପାରିଲେ ନାହିଁ ଓ ହଠାତ୍ ନିଦରୁ ଉଠି ଫାଇଲ ନାହିଁ ବୋଲି କହି ଅନ୍ୟକୁ ଫସାଇବା ପାଇଁ ଚକ୍ରାନ୍ତ କରୁଛନ୍ତି। ସରକାରଙ୍କ ତଦନ୍ତକୁ ତ କେହି ବିରୋଧ କରୁନାହାନ୍ତି। ସରକାର ଯାହା ବି ତଦନ୍ତ କରୁଛନ୍ତି କରନ୍ତୁ ଓ ସତ୍ୟକୁ ସାମ୍ନାକୁ ଆଣନ୍ତୁ। ମାତ୍ର ସରକାର ଯେଉଁ ସବୁ ବିଫଳତା ଲୁଚାଇବା ପାଇଁ ଓ ଅନ୍ୟକୁ ଫସାଇବା ପାଇଁ ନାଟକ କରୁଛନ୍ତି ତାହା ଗ୍ରହଣଯୋଗ୍ୟ ନୁହେଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ସୂଚନାଯୋଗ୍ୟ, ଏହି କନ୍ଧମାଳ ତଦନ୍ତ କମିଶନ ରିପୋର୍ଟ ଗାଏବ ହେବା ଘଟଣାର ତଦନ୍ତ ଦାୟିତ୍ୱକୁ କମିଶନରେଟ ପୁଲିସଠୁ ନେଇ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି ସରକାର।

# ଶୈବପୀଠରେ କାଉଡ଼ିଆଙ୍କ ଭିଡ଼



**ବୁଗୁଡ଼ା,୩।୮/ଏନ୍ଏନ୍ଏସ୍:** ସ୍ଥାନୀୟ ପ୍ରସିଦ୍ଧ ଶୈବପୀଠ ବୁଢ଼ାଖୋଲରେ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ କାଉଡ଼ିଆଙ୍କ ଭିଡ ଦେଖିବାକୁ ମିଳିଛି। ଚଳିତ ବର୍ଷ ଦଳ ଦଳ କାଉଡିଆ ବୋଲବମ୍ ଡାକ ଦେଇ ବିଭିନ୍ନ ଶୈବପୀଠ ଅଭିମୁଖେ ପଦଯାତ୍ରା କରୁଛନ୍ତି। ବୁଗୁଡା ଏବଂ ଏହାର ଆଖପାଖ ଅଞ୍ଚଳର ଶହ ଶହ କାଉଡିଆ ରୁଷିକୁଲ୍ୟା-ବଡନଦୀର ସଙ୍ଗମ ସ୍ଥଳରେ ପୁରୋହିତମାନଙ୍କ ଦ୍ୱାରା ପବିତ୍ର ଜଳକୁ ଅଭିଷେକ ଆଦି ପୂଜାପାଠ ପୂର୍ବକ ମାନସିକ ବ୍ରତ ଧାରଣ କରି ଜଳ ଭାର ଘେନି ବାଟ ସାରା ହରହର ବମ୍, ବୋଲ୍ ବମ୍ ଆଦି ଉଚ୍ଚାରଣ କରି ବୁଢ଼ାଖୋଲରେ ପହଞ୍ଚିଥିଲେ। ସେଠାକାର ପଞ୍ଚଶମ୍ଭୁଙ୍କଠାରେ ଜଳାଭିଷେକ କରିଥିଲେ। ଅନୁରୂପ ଭାବେ ଏଠାକାର କୁବେରେଶ୍ୱରଙ୍କ ପାରେ ମଧ୍ୟ ବହୁ କାଉଡିଆ ଜଳାଭିଷେକ କରିଛନ୍ତି।

# ୧୭ ଜଣ ଫେରି ପାଇଲେ ହଜିଥିବା ମୋବାଇଲ୍




**ଫୁଲବାଣୀ,୩।୮/ଏନ୍ଏନ୍ଏସ୍:** ଜିଲ୍ଲାରେ ହଜିଥିବା ଓ ଚୋରି ହୋଇଥିବା ମୋବାଇଲ୍ ଅଭିଯୋଗକୁ ଚ୍ୟାଲେଞ୍ଜ ଭାବେ ନେଇ କନ୍ଧମାଳ ପୋଲିସ୍ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ପ୍ରକାରେ ଆଜି ୧୭ ଜଣଙ୍କୁ ସେମାନଙ୍କ ହଜିଥିବା ମୋବାଇଲ୍ ପ୍ରଦାନ କରାଯାଇଛି। ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଥାନା ପକ୍ଷରୁ ଜବତ ହୋଇଥିବା ଏହି ମୋବାଇଲ୍ ପ୍ରଦାନ କରାଯାଇଛି। କନ୍ଧମାଳ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ଏହି ସବୁ ମୋବାଇଲ୍ ପ୍ରଦାନ କରାଯାଇଥିବା ବେଳେ ବହୁ ଅଧିକାରୀ ମାନେ ଏଥିରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପ୍ରଥମ ପର୍ଯ୍ୟାୟରେ ୬୨ଟି ନାମିଦାମି କମ୍ପାନୀର ମୋବାଇଲ୍ ଜବତ କରାଯାଇ ପ୍ରକୃତ ମାଲିକ ମାନଙ୍କୁ ଗତ ଜୁନ୍ ମାସରେ ପ୍ରଦାନ କରାଯାଇଥିଲା।

# ୪୦ କିଲୋ ଗଞ୍ଜେଇ ଜବତ, ୨ ଗିରଫ



**ଫୁଲବାଣୀ,୩।୮/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଆଦର୍ଶ ଅବକାରୀ ଥାନା ସୋମବାର ଏକ କାର ସହ ୪୦ କିଲୋ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିବା ବେଳେ ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ କନ୍ଧମାଳ ରୁ ବିହାରକୁ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ଏକ ବିଶେଷ ସୂତ୍ରରୁ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ସୂଚନା ମିଳିବା ପରେ କନ୍ଧମାଳ ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ମଡେଲ ଅବକାରୀ ଥାନାରେ କାର୍ଯ୍ୟରତ ଓଆଇସି ବିନୋଦ କୁମାର ବାସ୍କେଙ୍କ ନେତୃତ୍ୱରେ ଫୁଲବାଣୀ ସଦର ଥାନା ସର୍ତ୍ତାଗୁଡା ଛକ ନିକଟରେ ବିଭାଗର କର୍ମଚାରୀ ମାନେ କାରଟିକୁ ଧରିବାରେ ସଫଳ ହୋଇଥିଲେ। ଗିରଫ ଅଭିଯୁକ୍ତ ମାନେ ବିହାର ରାଜ୍ୟର ମିଥିଲେସ କୁମାର ଓ ଅନ୍ୟଜଣେ ସୁନୀଲ କୁମାର ଭାରତୀ ବୋଲି ଜଣାପଡିଥିବା ବେଳେ ଏହି ଦୁଇଜଣ ପେସାଦାର ଗଞ୍ଜେଇ ମାଫିଆ ବୋଲି ଜଣାପଡିଛି। ସେପଟେ ଏହି ଘଟଣାରେ ମଡେଲ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଅବକାରୀ ଅଧିକାରୀ ଶ୍ରୀ ବାସ୍କେ।

## ଆଜି ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ

# ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ସମସ୍ତ କାର୍ଯ୍ୟ



**ବ୍ରହ୍ମପୁର,୩।୮/ଏନ୍ଏନ୍ଏସ୍:** ଦେଶର ପ୍ରଥମ ନାଗରିକ ତଥା ମହାମହିମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଜିଲ୍ଲା ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଏହି ଗସ୍ତ ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ସମସ୍ତ ପ୍ରସ୍ତୁତିକୁ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ନିଆଯାଉଛି। ବର୍ଷା ସତ୍ତ୍ୱେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦିନରାତି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଷ୍ଟ୍ରପତିଙ୍କ ଗସ୍ତପଥରେ ସଡ଼କର ମରାମତି, ପରିମଳ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ, ହୋର୍ଡିଂ ସ୍ଥାପନ, ସ୍ୱାଗତ ତୋରଣ ନିର୍ମାଣ, ରଙ୍ଗରୋଗଣ ଏବଂ ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ସାଜସଜ୍ଜା କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ତପ୍ତପାଣିଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ସମଗ୍ର ଗସ୍ତପଥରେ ସ୍ୱଚ୍ଛତା, ସବୁଜିମା ବୃଦ୍ଧି, ରାସ୍ତାକଡ଼ର ସୌନ୍ଦର୍ଯ୍ୟୀକରଣ ଏବଂ ପରିବେଶର ଆକର୍ଷଣୀୟତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଥିବା ବେଳେ ପୁଲିସ, ଟ୍ରାଫିକ୍, ସ୍ୱାସ୍ଥ୍ୟ, ଅଗ୍ନିଶମ, ବିଦ୍ୟୁତ, ପାନୀୟ ଜଳ, ପରିମଳ ଓ ଯୋଗାଯୋଗ ବିଭାଗ ସମେତ ସମସ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ବରିଷ୍ଠ ଅଧିକାରୀମାନେ ନିୟମିତ ଭାବେ ପ୍ରସ୍ତୁତିର ସମୀକ୍ଷା କରୁଥିବାବେଳେ ପ୍ରତ୍ୟେକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବାକୁ ଗୁରୁତ୍ୱ ଦିଆଯାଉଛି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ରାଷ୍ଟ୍ରପତିଙ୍କ ଏହି ଗଞ୍ଜାମ ଗସ୍ତକୁ ଜିଲ୍ଲା ପାଇଁ ଏକ ଐତିହାସିକ ଅବସର ଭାବେ ବିବେଚନା କରାଯାଉଛି। ଏହି ଗସ୍ତ ସଫଳ, ସୁରକ୍ଷିତ ଓ ସ୍ମରଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତିକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇଛି।

# ଶ୍ରାବଣର ପ୍ରଥମ ସୋମବାର: ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ



**ଆସିକା,୩।୮/ଏନ୍ଏନ୍ଏସ୍:** ଦେବଦେବ ମହାଦେବଙ୍କ ଅତି ପ୍ରିୟମାସ ହେଉଛି ଶ୍ରାବଣ ମାସ । ଏହି ଅବସରରେ ଶ୍ରାବଣର ପ୍ରଥମ ସୋମବାର ଅବସରରେ ଆସିକା ଅଞ୍ଚଳରେ ଥିବା ସମସ୍ତ ଶୈବପୀଠ ଗୁଡିକରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ବୃଦ୍ଧି ପାଇଥିଲା। ଆସିକା ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ପୁଡୁଗେଶ୍ୱର, ସୁବର୍ଣ୍ଣେଶ୍ୱର, ବାଲୁଙ୍କେଶ୍ୱର, ତ୍ରିବିନ୍ଦେଶ୍ୱର, ନର୍ମଦେଶ୍ୱର, କପିଳେଶ୍ୱର, ଇଶାନେଶ୍ୱର, ଚନ୍ଦ୍ରକନ୍ତେଶ୍ୱର ଆଦି ପୀଠରେ ଶ୍ରଦ୍ଧାଳୁ ଭକ୍ତମାନେ ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର ଗୁଡିକରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଓଁ ନମଃ ଶିବାୟ ମନ୍ତ୍ର ଧ୍ୱନୀରେ କମ୍ପି ଉଠିଥିଲା ଶୈବପୀଠ ପରିସର। ମନରେ ପ୍ରବଳ ଉତ୍ସାହ ଓ ଭକ୍ତିସହ ପୂଜାର୍ଚ୍ଚନାରେ ନିମଗ୍ନ ରହିଥିଲେ ଆଧ୍ୟାତ୍ମିକପ୍ରେମୀ ଶ୍ରଦ୍ଧାଳୁ ଭକ୍ତ। ଭଗବାନ ଶିବଙ୍କ ଅତିପ୍ରିୟ ଶ୍ରାବଣ ମାସ। ଶିବ ଉପାସନାରେ ତିଥି ମଧ୍ୟରେ ଚତୁର୍ଦ୍ଦଶୀ ଓ ବାର ମଧ୍ୟରେ ଶ୍ରାବଣ ମାସର ସୋମବାର ଶ୍ରେଷ୍ଠ । ଧର୍ମ ଓ ପୁଣ୍ୟ ଅର୍ଜନର ମାସ ଶ୍ରାବଣର ପ୍ରଥମ ସୋମବାରରେ ଶ୍ରଦ୍ଧାଳୁ ଭକ୍ତ ମାନେ ବେଲପତ୍ର, ନଡିଆ, କଦଳୀ, ଫୁଲ, କଞ୍ଚାକ୍ଷୀର ଧରି ଶୈବପୀଠ ମୁହାଁ ହୋଇଥିବା ଦେଖିବାକୁ ମିଳିଥିଲା। ଆସିକା ନିକଟସ୍ଥ ଗଙ୍ଗାପୁର ଶାସନ ଗ୍ରାମରେ କେଉଁ ଆବାହମାନ କାଳରୁ ପୂଜା ପାଇଆସୁଥିବା ପ୍ରଭୁ ଚନ୍ଦ୍ରକନ୍ତେଶ୍ୱର ଓ ଗୁଣ୍ଡୁପଡା ଗ୍ରାମରେ ପୂଜିତ ପ୍ରଭୁ ଇଶାନେଶ୍ୱର ପୀଠ ଏବଂ ଆସିକା ତାଲୁକା ଛକ ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରେ ଶ୍ରାବଣର ପ୍ରଥମ ସୋମବାର ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା। ବୋଲ୍‌ବମ୍ ଭକ୍ତମାନେ ପାଣିଭାର ଧରି ଗୈରିକ ବସ୍ତ୍ର ପରିଧାନ ପୂର୍ବକ ସୁଦ୍ଧପୁତ ଭାବେ ସମସ୍ତଙ୍କ ମଙ୍ଗଳକାମନା ଓ ମନସ୍କାମନା ପୂରଣ ଲାଗି ବିଭିନ୍ନ ଶୈବପୀଠରେ ଜଳଲାଗି କରିଥିଲେ।

# ନିରଞ୍ଜନ ମହିଳା ମହାବିଦ୍ୟାଳୟରେ କର୍ମଶାଳା



**ଆସିକା,୩।୮/ଏନ୍ଏନ୍ଏସ୍:** କର୍ମସ୍ଥଳରେ ଯୌନଉତ୍ପୀଡନର ନିବାରଣ ନିଷେଧ ଓ ପ୍ରତିକାର ନିମନ୍ତେ ଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ସୋମବାର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ଜେନାଙ୍କ ସଭାପତିତ୍ୱ ଓ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଲୀନା ଲିଲିୟାନ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଶିକ୍ଷାନୁଷ୍ଠାନର ବରିଷ୍ଠ ଅଧ୍ୟାପକ କେ.ଓମ୍ ନାରାୟଣ ରାଓ, ଅଧ୍ୟାପିକା ଡ. ସୁପ୍ରିୟା ଦାଶ, ଅଧ୍ୟାପିକା ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଯୋଗଦେଇ କର୍ମକ୍ଷେତ୍ରରେ ମହିଳାମାନଙ୍କୁ ଯୌନ ଉତ୍ପୀଡନର ନିବାରଣ ଓ ପ୍ରତିକାର ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ଓ ୟୁଜିସି ପକ୍ଷରୁ ଜାରି କରାଯାଇଥିବା ବିଭିନ୍ନ ନୀତିନିୟମ ଉପରେ ମାର୍ଗଦର୍ଶନ କରିଥିଲେ। ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ରକ୍ଷା ପାଇଁ ୨୦୧୩ରେ ଆଗତ ଅଧିନିୟମ ଉପରେ ଆଲୋକପାତ କରିଥିଲେ। ଛାତ୍ରୀମାନେ ଭୟଭୀତ ନହୋଇ ନିଜର ଅସୁବିଧା ସଂପର୍କରେ ନିର୍ଭୟରେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ପରିବେଶ ସୃଷ୍ଟି ସହ ବିଭିନ୍ନ ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ଗଠିତ୍ ଆଭ୍ୟନ୍ତରିଣ ଅଭିଯୋଗ କମିଟିର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା ଅଧ୍ୟାପିକା ଡ. ଲୀନା ଲିଲିୟାନ୍, ଅଧ୍ୟାପିକା ଡ. ସୁପ୍ରିୟା ଦାଶ, ଡ. ଜୟପ୍ରଦା ମହାପାତ୍ର, ଡ. ଉର୍ମିଳା ମୁଦୁଲି, ଡ. ଯଶଶ୍ରୀ ମଲିକ, ସତ୍ୟଭାମା ସିଂ, ଜ୍ୟୋତିର୍ମୟୀ ପାଣିଗ୍ରାହୀ, ଶୁଭଶ୍ରୀ ପାଢୀ, ଆଶାଲତା ସାହୁ, ରୋଶନୀ ଡାକୁଆ, ମୋନାଲିସା ସାହୁ, ଗୋପୀନାଥ କର, ଡ. ପ୍ରମୋଦ କୁମାର ତିଆଡି, ଡ. ଶ୍ରୀବାସ ପାତ୍ର, ସନାତନ ପ୍ରଧାନ, ବି.ପାଣ୍ଡବ ରେଡି, ଦୁର୍ଗାପ୍ରସାଦ ପାଣିଗ୍ରାହୀ, ବସନ୍ତ ମାଝୀ, ସୁଶିଲ୍ କୁମାର ଆଚାର୍ଯ୍ୟ, ପବିତ୍ର ନାରାୟଣ ବେହେରା, ପିଙ୍କୁ କୁମାର ସାହୁ, ସୁଶାନ୍ତ କୁମାର ବେହେରା, ରାଜେନ୍ଦ୍ର କୁମାର ସାହୁ, ଡଃ ଲୋପାମୁଦ୍ରା ମହାପାତ୍ର, ମମତା ନିଶାଙ୍କ, ସୁମିତ୍ରା ସ୍ୱାଇଁ, ପୂଜା ବିଷୋୟୀ, ଭାରତୀ ପ୍ରଧାନ, ସାହିନ୍ ନାଜାର୍, ପୂର୍ଣ୍ଣବାସୀ ବେହେରା, ଏ.ଲକ୍ଷ୍ମୀ ଦୋରା, ସାନ୍ତନୁ କୁମାର ସାମଲ, ଶୁଭଶ୍ରୀ ମିଶ୍ର, ଗିରିଜା ଆପଟ, ରଶ୍ମି ରଂଜିତା ଲେଙ୍କା, ପୁଷ୍ପା ମୁଣ୍ଡା, ବିଚିତ୍ର ମୋହନ ଦାଶଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ଓ ଅଣଶୈକ୍ଷିକ କର୍ମଚାରୀ ଯୋଗ ଦେଇଥିଲେ। ସମାଜରେ ମହିଳା ଯୌନ ଉତ୍ପୀଡନ ନିବାରଣ ଓ ପ୍ରତିକାର ପାଇଁ ସାମୂହିକ ଶପଥପାଠ କରାଯାଇଥିଲା ।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ରଙ୍ଗେଇଲୁଣ୍ଡା,୩।୮/ଏନ୍ଏନ୍ଏସ୍:** ଗୋଳନ୍ଥରା ଥାନା ଅଧିନସ୍ଥ ଗୋଳନ୍ଥରା ଗ୍ରାମର ହରିଜନ ସାହିରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ଗୋଳନ୍ଥରା ଥାନରେ ଲିଖିତ ଅଭିଯୋଗ ହୋଇଛି । ମୃତକ ଜଣଙ୍କ ହେଲେ ହରିଜନ ସାହିର ସନାତନ ଦାସ (୪୦)। ପ୍ରାପ୍ତ ସୂଚନା ଅନୁସାରେ ସୋମବାର ଅପରାହ୍ନ ୩ଟା ବେଳେ ମୃତ ସନାତନ ଘରେ ଥିବା ସମୟରେ ବର୍ଷା ଆରମ୍ଭ ହୋଇଯାଇଥିଲା । ଘର ବାରିପଟେ ଶୁଖା ଯାଇଥିବା ଲୁଗାପଟା ସନାତନ ବାହାର କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇ ଚେତାଶୂନ୍ୟ ହୋଇ ପଡିଯାଇଥିଲେ । ସାହିର କିଛି ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସନାତନଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତ ସନାତନଙ୍କ ଭଣଜା ଆକାଶ ଦାସ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏତଲାକୁ ଭିତ୍ତିକରି ଥାନା କେସ୍ ନଂ ୩୧ /୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଗୁଣନିଧି ରାଉତ ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଜି. ଉଦୟଗିରି, ୩।୮/ଏନ୍ଏନ୍ଏସ୍:** ଘୁ.ଉଦୟଗିରି ଶିଶୁ ମନ୍ଦିରର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ବିନୋଦ ବିହାରୀ ଦାସ ଦୀପ ପ୍ରଜ୍ୱଳନ କରିଥିଲେଫ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବଳରାମ ସାହୁ ଏବଂ ସମ୍ମାନିତ ଅତିଥି ଗୋଲକ ବିହାରୀ ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉକ୍ତ



କାର୍ଯ୍ୟକ୍ରମରେ ମୋଟ ୯୬ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ପରିବେଶ ପ୍ରଦୂଷଣ, ପଦାର୍ଥର ବିଭିନ୍ନ ଅବସ୍ଥା, ସରଳ ଯନ୍ତ୍ରର ନମୁନା, ଔଷଧୀୟ ବୃକ୍ଷ, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା ଓ ମୂର୍ତ୍ତି କଳା ଇତ୍ୟାଦି ସ୍ଥାନିତ ହୋଇଥିଲା। ମଞ୍ଚାସୀନ ଅତିଥିଙ୍କ ସମେତ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବାବୁଲା ଦଳବେହେରା ଯୋଗଦାନ ଦେଇଥିଲେ। ଅତିଥିବୃନ୍ଦ ଶିଶୁଙ୍କୁ ସମ୍ୟକ୍ ମାର୍ଗଦର୍ଶନ କରାଇଥିଲେ ତଥା ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଚନ୍ଦନ ନାୟକ ଗୁରୁଜୀ ବୃତ କଥନ କରିଥିଲେ। ଶିଶୁ ଭାଇ,ଭଉଣୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପାଇଁ ପ୍ରତ୍ୟେକ ବିଭାଗର ଶିଶୁମାନଙ୍କୁ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ଭାବେ ଚୟନ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠା ଆଚାର୍ଯ୍ୟା ସରିତା ପାଢ଼ୀ ଏସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ତଥା ସମସ୍ତ ଗୁରୁଜୀ,ଗୁରୁମା ଓ ସେବକ,ସେବିକା ସକ୍ରିୟ ଅଂଶ ଗ୍ରହଣ କରିଥିବା ହେତୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପରୋପକାରୀ ମହିଳା କୃଷ୍ଣପ୍ରିୟାଙ୍କ ଦେହାନ୍ତ

**ଆସିକା,୩।୮/ଏନ୍ଏନ୍ଏସ୍:** ଆସିକା ପୌର ପରିଷଦ ଅଧୀନସ୍ଥ ୧୭ ନମ୍ବର ୱାର୍ଡର ଶାସ୍ତ୍ରୀ ନଗର ଅଞ୍ଚଳର ପରୋପକାରୀ ମହିଳା କୃଷ୍ଣପ୍ରିୟା ଦାଶ (୭୬)ଙ୍କ ଅସୁସ୍ଥତାଜନିତ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତା କୃଷ୍ଣପ୍ରିୟା ଦାଶ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ, ଧର୍ମପରାୟଣ, ଆଧାତ୍ମିକପ୍ରେମୀ ତଥା ବନ୍ଧୁବତ୍ସଳା ବ୍ୟକ୍ତିତ୍ୱ ରୂପେ ପରିଚିତା ଥିଲେ। ତାଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ସ୍ୱାମୀ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ବିପିନ୍ ବିହାରୀ ଦାଶ, ଭାଇ ବିଦ୍ୱାନ ସଂସ୍କୃତ ପଣ୍ଡିତ ଉପେନ୍ଦ୍ରନାଥ ମିଶ୍ର, ଭାଉଜ ରଂଜିତା ରଥ, ପୁତ୍ର ସଂଜୟ କୁମାର ଦାଶ, ପୁତ୍ରବଧୂ ସସ୍ମିତା କୁମାରୀ ଦାଶ, କନ୍ୟା ସରିତାରାଣୀ ମିଶ୍ର ଓ ଅନିତାରାଣୀ ମିଶ୍ର, ଜୋଇଁ ସନ୍ତୋଷ କୁମାର ମିଶ୍ର ଏବଂ ଗଗନ ମିଶ୍ରଙ୍କ ସମେତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ



ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ସ୍ୱର୍ଗତା ଶ୍ରୀମତି ଦାଶଙ୍କ ଅକାଳ ବିୟୋଗରେ ଲାଲାଶାସନ ଗ୍ରାମ୍ୟ କମିଟି ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ, ସମାଜସେବୀ ସୁନିଲ୍ କୁମାର ମିଶ୍ର, ଦୁଃଖୀଶ୍ୟାମ ଦାଶ, ନିର୍ମଳ ଦାଶ, ମୁନା ଦାଶ, ମିଟୁଚନ୍ଦ୍ର ଗୌଡ, ଅବସରପ୍ରାପ୍ତ ସେନା କର୍ମଚାରୀ ବ୍ରିଗେଡିୟର୍ ଅଭିମନ୍ୟୁ ରାଉତ, ଅଲେଖ ବେହେରା, ଡ. କଂଗ୍ରେସ ପ୍ରଧାନ, ବିଜୟ କୁମାର ପାଣିଗ୍ରାରୀ, ମନମୋହନ ପାଣିଗ୍ରାହୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ପ୍ରତି ସମବେଦନା ଜ୍ଞାପନ କରିଥିଲେ।

# ରାଧେଶ୍ୟାମ ଫାଉଣ୍ଡେସନ୍ ଏଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟର ପଞ୍ଚମ ବାର୍ଷିକୀ

**ଛତ୍ରପୁର,୩।୮/ଏନ୍ଏନ୍ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ଶିବ କୁମାରପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ପାଳିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ତଥା ଛତ୍ରପୁର ଏନଏସିର ୧୦ ନଂ ୱାର୍ଡ କାଉନ୍‌ସିଲର ଦେବାଶିଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବେ ୟୁରୋ ସ୍କୁଲର ମୁଖ୍ୟ ରଞ୍ଜନ ମହାପାତ୍ର ଯୋଗଦେଇ ଟ୍ରଷ୍ଟର କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି କହିଥିଲେ। ଟ୍ରଷ୍ଟର ଆଇନ ପରାମର୍ଶଦାତା ବିଜୟ କୃଷ୍ଣ ପଟ୍ଟନାୟକ, ଯୁବ ସାମ୍ବାଦିକ ପ୍ରଶାନ୍ତ କୁମାର ମହାରଣା, ଯୁଗ୍ମ ସମ୍ପାଦିକା ଗୀତା ସାହୁ ମଞ୍ଚାସିନ ଥିଲେ। ଏହି ଅବସରରେ ଗଞ୍ଜାମ ମାଟିର ଗୌରବ 'ଭାରତ ଲୀଳା'ର ମହାନ ଗୁରୁ ସନ୍ତୋଷ ପାଢ଼ୀ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ସୁଶାନ୍ତ ଦାସ, ସଙ୍ଗୀତ ଗୁରୁ ଗଣେଶ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ଗୌରୀ ଶତପଥୀ, ବିଦ୍ୟୁତ ବିଭାଗର ଉତ୍ତମ ସେବା ପ୍ରଦାନକାରୀ ଲାଇନମେନ ଦୀନବନ୍ଧୁ ଦାଶ ଏବଂ ଚିତ୍ରଶିଳ୍ପୀ ଓ କବି ଶୁଭ ସ୍ମିତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଦୀପକ ମୁଦୁଲି, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ବିଜେଡି ନେତା ଶଙ୍କର ପ୍ରସାଦ ଦାଶ, ନଗର ବିଜେଡି ସଭାପତି ବି.ରାଜୁବାବୁ, ପୂର୍ବତନ କାଉନସିଲର ରାଜେଶ ସାହୁ ଓ କିଶୋର ଚନ୍ଦ୍ର ସେନାପତି, ସୋମନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ଉପଦେଷ୍ଟା ଡ. ପ୍ରଶାନ୍ତ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଡାକ୍ତରୀ ପିଜି ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ଘଟଣା

# ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ ସହ ସିସି କ୍ୟାମେରା ସଂଯୋଗ ଦାବି



**ବ୍ରହ୍ମପୁର,୩।୮/ଏନ୍ଏନ୍ଏସ୍:** ଅଲ୍ ଓଡ଼ିଶା ପିଜି ଡାକ୍ତରୀ ପରୀକ୍ଷାରେ କଥିତ ପ୍ରଶ୍ନ ପତ୍ର ଲିକ୍ ଘଟଣାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଆଦି ଛଅ ଦଫା ଦାବି ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇଛି। ମଞ୍ଚ ପକ୍ଷରୁ ଆଜି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରଯାଇଛି। ଅଲ୍ ଓଡ଼ିଶା ପିଜି ଡାକ୍ତରୀ ପରୀକ୍ଷାରେ କଥିତ ପ୍ରଶ୍ନ ପତ୍ର ଲିକ୍ ଘଟଣା ସମଗ୍ର ରାଜ୍ୟରେ ଗଭୀର ଚିନ୍ତା ଓ ଆଶଙ୍କା ସୃଷ୍ଟି କରିଛି। ପିଜି ଡାକ୍ତରୀ ପରୀକ୍ଷା ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ସିଧାସଳଖ ସମ୍ପର୍କିତ। ଏହି ପରୀକ୍ଷାରେ ସଫଳ ହେଉଥିବା ଡାକ୍ତରମାନେ ଭବିଷ୍ୟତରେ ବିଭିନ୍ନ ବିଶେଷଜ୍ଞ ବିଭାଗରେ ସେବା ପ୍ରଦାନ କରିବେ। ଏହି ପରୀକ୍ଷାର ସ୍ୱଚ୍ଛତା, ନିରପେକ୍ଷତା ଓ ବିଶ୍ୱସନୀୟତା କୌଣସି ପରିସ୍ଥିତିରେ କ୍ଷୁଣ୍ଣ ହେବା ଉଚିତ ନୁହେଁ ବୋଲି ମଞ୍ଚ ଆବାହକ ଅବନୀ ଗୟା ଯୁକ୍ତି ବାଢ଼ିଛନ୍ତି । ଯଦି ହ୍ୱାଟସ୍ ଆପ୍ କିମ୍ବା ଅନ୍ୟ କୌଣସି ଇଲେକ୍ଟ୍ରୋନିକ୍ ଗେଜେଟ ମାଧ୍ୟମରେ ପ୍ରଶ୍ନପତ୍ର ପ୍ରସାରିତ ହୋଇଥିବା ଜଣାପଡିଛି, ତେବେ ଏହା ଏକ ଅତ୍ୟନ୍ତ ଗୁରୁତର ବିଷୟ। ଏପରି ଘଟଣା ପରିଶ୍ରମୀ ପରୀକ୍ଷାର୍ଥୀଙ୍କ ପ୍ରତି ଅନ୍ୟାୟ ହେବା ସହ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ମଧ୍ୟ ଦୀର୍ଘମିଆଦୀ ପ୍ରଭାବ ପକାଇବା ଆଶଙ୍କା ରହିଛି । ସ୍ମାରକ ପତ୍ରରେ କଥିତ ପେପର ଲିକ୍ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ସାଇବର ସେଲ୍ ଦ୍ୱାରା କରିବା, ପ୍ରଶ୍ନପତ୍ରର ସୁରକ୍ଷା ଓ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ, ପରୀକ୍ଷା ପରିଦର୍ଶକ, ପରୀକ୍ଷା କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥା ଏବଂ ପରୀକ୍ଷାର୍ଥୀମାନେ ମୋବାଇଲ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ କି ନାହିଁ ତାହାର ସମ୍ପୂର୍ଣ୍ଣ ତଦନ୍ତ କରିବା, ତଦନ୍ତରେ ଯେଉଁମାନଙ୍କ ସମ୍ପୃକ୍ତତା ରହିଛି, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଫୌଜଦାରୀ ମାମଲା ରୁଜୁ କରିବା, ଆସନ୍ତା ବର୍ଷଠାରୁ ଏମ୍‌କେସିଜି ମେଡିକାଲ କଲେଜର ପିଜି ପରୀକ୍ଷା କେନ୍ଦ୍ରକୁ ବ୍ରହ୍ମପୁରର ଅନ୍ୟ କୌଣସି ଉପଯୁକ୍ତ କଲେଜକୁ ସ୍ଥାନାନ୍ତର କରିବା, ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରିବା, ମୋବାଇଲ ଫୋନ୍ ପରୀକ୍ଷା କେନ୍ଦ୍ରକୁ ନେବା ଉପରେ କଟକଣା ଜାରି କରିବାକୁ ଦାବି କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ମଞ୍ଚର ଆବାହକ ଶ୍ରୀ ଗୟାଙ୍କ ସମେତ ବରିଷ୍ଠ ସାମ୍ବାଦିକ ରବି ରଥ, ମଞ୍ଚ ସମ୍ପାଦକ ଆର୍. ସତ୍ୟ ନାରାୟଣ ରାଓ, ଯୁବ ନେତା ମନୋଜ କୁମାର ତରାଇ, ଶିବ ସୁନ୍ଦର ରଥ, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ସାହୁ, ଆପ୍ ନେତା ଆଦିତ୍ୟ ନାରାୟଣ ରଥ, ମହେଶ୍ୱର ବାଡତ୍ୟା, ଜୟକୃଷ୍ଣ ନାୟକ, ଯୁବ ନେତା କାହ୍ନୁ ଚରଣ ପାତ୍ର, ଶିକ୍ଷକ ସଙ୍ଗଠନର ଶ୍ୟାମ ସୁନ୍ଦର ଖାଡଙ୍ଗା, ସମାଜସେବୀ ଅମିତ୍ ମହାରଣା, ଓମ୍ ପ୍ରକାଶ ଜେନା, ନିହାର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥାରେ କାଞ୍ଜିଆପଲ୍ଲୀ ଗାଁର ଶିଶୁ ଉଦ୍ୟାନ

**ବୁଗୁଡା,୩।୮/ଏନ୍ଏନ୍ଏସ୍:** ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ-୧ ଅନ୍ତର୍ଗତ କାଞ୍ଜିଆପଲ୍ଲୀ ଗ୍ରାମସ୍ଥ ଶିଶୁ ଉଦ୍ୟାନଟି ଅବ୍ୟବସ୍ଥାରେ ରହିଥିବାରୁ ତାହା ଆଉ ଶିଶୁଙ୍କ କାମରେ ଆସୁନଥିବା ଦେଖିବାକୁ ମିଳିଛି। ସେହି ଶିଶୁ ଉଦ୍ୟାନଟି ଆବଶ୍ୟକୀୟ ରକ୍ଷଣାବେକ୍ଷଣର ଅଭାବରୁ ତାହା ଘାସ ଓ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ବିଭିନ୍ନ ପ୍ରକାର ସରୀସୃପଙ୍କ ଉତ୍କୃଷ୍ଟ ବାସସ୍ଥଳୀ ପାଲଟିଛି। ବିଶେଷକରି ସାପ ଭୟରେ ପିଲାମାନେ ସେହି ପାର୍କ ଭିତରକୁ ଯାଉନାହାନ୍ତି। ସେହି ପାର୍କରେ ଶିଶୁମାନଙ୍କ ମନୋରଞ୍ଜନ ତଥା ଖେଳାଖେଳି ପାଇଁ ନାନା ପ୍ରକାର ଉପକରଣ ରହିଥିଲେ ସୁଦ୍ଧା ତାହା ପିଲାଙ୍କ ପାଇଁ ଅଲୋଡା ହୋଇଯାଇଛି। ପିଲାଏ ସଂଧ୍ୟାରେ ପାର୍କ ସଂଲଗ୍ନ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଖେଳାଖେଳି କରୁଥିଲେ ହେଁ ସରୀସୃପଙ୍କ ଶଙ୍କାରେ ପାର୍କର ହତା ମାଡୁନାହାଁନ୍ତି। ଶିଶୁଙ୍କ



ମନୋରଞ୍ଜନ ପାଇଁ ତିନି ବର୍ଷ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଅଲୋଡା ହୋଇଥିବା ବେଳେ ଏହାକୁ ପୁଣି ଶିଶୁଙ୍କ ବ୍ୟବହାର ଉପଯୋଗୀ କରିବା ନିମନ୍ତେ ଏନ୍ଏସି କର୍ତ୍ତୃପକ୍ଷ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ୬ ଦଫା ଦାବି ନେଇ ଧାରଣାରେ ଠିକାଦାର ସଂଘ

**ବଡ଼ଚଣା, ଚଣ୍ଡିଖୋଲ,୩।୮/ଏନ୍‌ଏନ୍‌ଏସ୍:** ଦୀର୍ଘ ବର୍ଷ ଧରି ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ସହିତ ଜଡ଼ିତ ଥିବା ଠିକାଦାରମାନେ ବିଲ୍ ପାଇନଥିବା ପ୍ରତିବାଦରେ ଆଜି ଉକ୍ତ କାର୍ଯ୍ୟାଳୟ ସମ୍ମୁଖ ଫାଟକ ଆଗରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମସ୍ତ ଠିକାଦାରମାନେ ଧାରଣାରେ ବସିଛନ୍ତି। ଯେପର୍ଯ୍ୟନ୍ତ ସେମାନଙ୍କ ବିଲ୍ ପାଉନାହାନ୍ତି ସେପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି ସଂଘ ସଭାପତି ବିଶ୍ୱଜିତ ବିଶ୍ୱାଳ ଓ ସମ୍ପାଦକ ସୁଜିତ ମହାରଣା ସମାଜକୁ ସୂଚନା ଦେଇଛନ୍ତି। ପାଖାପାଖି ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଠିକାଦାରମାନଙ୍କ ପାଉଣା ମିଳିନାହିଁ। ଏହାକୁ ନେଇ ସମସ୍ତ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଗତ ୧୩।୨।୨୬ରେ ଏକ ଆଲୋଚନା ହୋଇଥିଲା ଏବଂ ଖୁବ କମ ଦିନ ମଧ୍ୟରେ ଆପଣ ମାନଙ୍କ ବିଲ୍ ମିଳିଯିବ ବୋଲି ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବହୁବାର ବିଭିନ୍ନ ସମୟରେ ଠିକାଦାରମାନେ ଆସି ଅଧିକ୍ଷଣ ଯନ୍ତ୍ରୀଙ୍କୁ ଯେତେ କାକୁତିମିନତୀ କଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡିଲା ନାହିଁ ନା ମିଳିଲା ସେମାନଙ୍କ ପାଉଣା ନା ପାସ ହେଲା ବିଲ୍। ଏହାକୁ ନେଇ ସୁକିନ୍ଦା, ଧର୍ମଶାଳା, ବରୀ, କୋରାଇ, ବଡ଼ଚଣା, ଯାଜପୁରରୋଡ, ରସୁଲପୁର, ବିଞ୍ଝାରପୁର ପ୍ରଭୃତି ନିର୍ବାଚନ ମଣ୍ଡଳିରେ କାର୍ଯ୍ୟ କରୁଥିବା ଠିକାଦାର ଏକ ଗୁପ୍ତ ବୈଠକ କରାଯାଇ ଆଜିଠାରୁ ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ପୂର୍ବରୁ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଆଜି ସକାଳୁ ଏହି ଅଫିସ ସମ୍ମୁଖରେ ୬ ଦଫା ଦାବି ନେଇ ଠିକାଦାରମାନେ ଧାରଣା ଦେଉଛନ୍ତି।



ଦାବି ମଧ୍ୟରେ ଦାନା ବାତ୍ୟାରେ କାର୍ଯ୍ୟ କରିଥିବା ଠିକାଦାରମାନଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା, ସମସ୍ତ ବ୍ଲକ ମାନଙ୍କରେ କରାଯାଇଥିବା ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ କାର୍ଯ୍ୟ ପ୍ରାପ୍ୟ ତୁରନ୍ତ ପ୍ରଦାନ, ଚଣ୍ଡିଖୋଲ ବିଭାଗରେ ସ୍ଥାୟୀ ଏସ୍‌ଇଙ୍କୁ ତୁରନ୍ତ ନିଯୁକ୍ତି, ପ୍ରତିମାସରେ ରକ୍ଷଣାବେକ୍ଷଣ ମରାମତି କାର୍ଯ୍ୟର ପ୍ରାପ୍ୟ ତୁରନ୍ତ ପ୍ରଦାନ, ବିଗତ ବର୍ଷ ଆମ ଜିଲ୍ଲାରେ ହଇଜା ବ୍ୟାପିଥିବା ସମୟରେ ବିଶୋଧନ କରାଯାଇଥିବା ନଳକୂପ ଓ ଜଳଯୋଗାଣ ପ୍ରକଳ୍ପର ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ପାନୀୟଜଳ ଯୋଗାଣରେ ସମସ୍ତ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ଆଦି ୬ ଗୋଟି ଦାବି ନେଇ ଏହି ଧାରଣା ଦିଆଯାଇଛି। ଧାରଣାରେ ବସିଥିବା ଠିକାଦାରମାନେ ହେଲେ ବୀରେନ୍ଦ୍ର ମିଶ୍ର, ପ୍ରମୋଦ ସ୍ୱାଇଁ, ପ୍ରଭାତ ମହାନ୍ତି, ପ୍ରଦୀପ୍ତ ଦାସ, ବିଶ୍ୱଜିତ ବିଶ୍ୱାଳ, ସୁଜିତ ମହାରଣା, ଅଶୋକ ଶତପଥୀ, ରମେଶ ସାହୁ, ବିଶ୍ୱନାଥ ପାତ୍ରୀ,ପରେଶ ସାହୁ, ଶରତ ସାମଲ, ବିପିନ ମହାନ୍ତି, ଜିତେନ୍ଦ୍ର ସାମଲ।

## ବିଭିନ୍ନ ୱାର୍ଡରେ ଜନ ଅଭିଯୋଗ ଶୁଣାଣି



**ଧର୍ମଶାଳା,୩।୮/ଏନ୍‌ଏନ୍‌ଏସ୍:** ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ସମସ୍ୟା ଶୁଣିବା ସହିତ ଏହାର ତ୍ୱରିତ ସମାଧାନ କରିବାକୁ ଚେଷ୍ଟା କରିଥିବା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରସଂଶା କରାଯାଇଛି। ପ୍ରଥମଥର ପାଇଁ ଶାସକ ଗୋଷ୍ଠୀର ଜଣେ ବିଧାୟକ ୱାର୍ଡରୁ ୱାର୍ଡ ବୁଲି ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିବା ସହିତ ସେଗୁଡିକର ସମାଧାନ କରିବା ଭଳି ଘଟଣା ପ୍ରଥମ କରି ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ଆଜି ବିଧାୟକ ଶ୍ରୀ ସାହୁ ସାହାଣୀଡିହ ପଞ୍ଚାୟତର ୨ ଓ ୩ ନମ୍ବର ୱାର୍ଡକୁ ଯାଇ ଲୋକମାନଙ୍କ ସହିତ ସିଧା କଥା ହେବା ସହିତ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ଏହାର ସମାଧାନ କରିଛନ୍ତି। ସେହିପରି ପୁରୁଣାବଉଳମାଳ ପଞ୍ଚାୟତର ୧ ନମ୍ବର ୱାର୍ଡ, ରାଇଛନ୍ଦା ପଞ୍ଚାୟତର ୭ ନମ୍ବର ୱାର୍ଡ , କବାଟବନ୍ଧ ପଞ୍ଚାୟତର ୪ ଓ ୫ ନମ୍ବର ୱାର୍ଡ ମର୍ଜିତାପୁର ପଞ୍ଚାୟତର ୧୧ ନମ୍ବର ୱାର୍ଡରେ ଆୟୋଜିତ ଜନ ଅଭିଯୋଗ ଶୁଣାଣିରେ ବିଧାୟକ ଶ୍ରୀ ସାହୁ ଯୋଗଦେଇ ଲୋକମାନଙ୍କ ସହିତ ସିଧା କଥା ହେବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମସ୍ୟାଗୁଡିକର ତ୍ୱରିତ ସମାଧାନ କରିବା ସହିତ ସମୟ ସାପେକ୍ଷ ସମସ୍ୟାକୁ ସମାଧାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ସମୟ ସାପେକ୍ଷ ସମସ୍ୟାଗୁଡିକୁ ସମ୍ପୃକ୍ତ ଦାୟିତ୍ୱରେ ଥିବା କର୍ମୀମାନଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମଗ୍ର ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗିନ ଉନ୍ନତି ପ୍ରକଳ୍ପେ ବିଧାୟକ ଶ୍ରୀ ସାହୁ ଉଦ୍ୟମ ଜାରିରଖିବେ ବୋଲି ସୂଚନା ଦେଇଛନ୍ତି। ଆୟୋଜିତ ଜନ ଅଭିଯୋଗ ଶୁଣାଣିକୁ କବାଟବନ୍ଧ ଜୋନର ସଭାପତି ଶିବୁଲି ଧିର, ପ୍ରଭାରୀ ରାଜେଶ କୁମାର ପାଳ, ଅଭିଷେକ ରାଉତ ସମେତ ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚମାନେ ସହାୟତା କରିଥିଲେ।

## ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ଦୁଇ ବ୍ଲକ୍ ସଭାପତି ନିଯୁକ୍ତ



**କେନ୍ଦ୍ରାପଡ଼ା,୩।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଙ୍ଘ ଗରଦପୁର ବ୍ଲକ ସଭାପତି ଭାବେ ନରୋତ୍ତମ ପରିଡ଼ା ଏବଂ ପଟାମୁଣ୍ଡାଇ ବ୍ଲକ ସଭାପତି ଭାବେ ନିରଞ୍ଜନ ସୁନ୍ଦରରାୟଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ମହାସଂଘକୁ ଜିଲ୍ଲାରେ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା ସଭାପତି ଶରତ କୁମାର ବେହୁରା ସେମାନଙ୍କୁ ମନୋନୀତ କରିଛନ୍ତି। ଗରଦପୁର ବ୍ଲକ୍ ଓ ପଟାମୁଣ୍ଡାଇ ବ୍ଲକରେ ସଂଗଠନ କିପରି ମଜଭୁତ ହୋଇପାରିବ ସେଥିପାଇଁ ଉଭୟ ସଭାପତି ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବେ ବୋଲି ଜିଲ୍ଲା ସଭାପତି ଶ୍ରୀ ବେହୁରା ଗଭୀର ଆଶାବ୍ୟକ୍ତ କରିଛନ୍ତି। ନବ ନିଯୁକ୍ତ ବ୍ଲକ ସଭାପତି ଦ୍ୱୟଙ୍କୁ ସଂଗଠନ ପକ୍ଷରୁ ସାଧାରଣ ସଂପାଦକ ସୁମନ୍ତ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଗୋଲଖ ଚନ୍ଦ୍ର ପଡିଆରୀ, ଚନ୍ଦନ ପରିଡା, ସୁଶିଲ ସାମଲ, ସଂଗ୍ରାମ ଜେନା, ତରୁଣ ପ୍ରଧାନ, ସୁକାନ୍ତ ରାଉତ, ପୀତବାସ ବେହେରା, ଭାଗିରଥି ଜେନା, ଧନେଶ୍ୱର ରାଉତ, ରାଜ୍ୟ ଆବାହକ ସୁଧାଂଶୁ ବେହୁରା, ରଞ୍ଜନ କୁମାର ନାୟକ, ରାଜେନ୍ଦ୍ର ରାଉତରାୟ, ଡ. ଚୈତନ୍ୟ ଚରଣ ପରିଡ଼ା, ରାଜକିଶୋର ମହାନ୍ତି, ଗୋଲଖ ଚନ୍ଦ୍ର ପରିଡ଼ା, ଅଶୋକ ନାୟକ,ଚିତ୍ତରଞ୍ଜନ ବଳ, କଳ୍ପନା ଲେଙ୍କା, କାମିନୀ ଜେନା, ମଞ୍ଜୁଲତା ସାମଲ, ବୀଣାପାଣି ରାଉତ ଓ ତମସା ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଶ୍ରାବଣ ଆରମ୍ଭରୁ ପରିବା ମହଙ୍ଗା, ଖାଉଟି ଚିନ୍ତାରେ

**ପରଜଙ୍ଗ,୩।୮/ଏନ୍‌ଏନ୍‌ଏସ୍:** ଶ୍ରାବଣ ମାସ ଆରମ୍ଭରୁ ବଜାରରେ ପରିବା ଦର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଲଗାଣ ବର୍ଷା ଜନିତ ଫସଲ ନଷ୍ଟ ତା ସାଙ୍ଗକୁ ଶ୍ରାବଣ ବ୍ରତରେ ଶାକାହାରୀ ଶତକଡା ପଞ୍ଚାନବେ ଜଣ। ଏଥିପାଇଁ ପରିବା ବଜାରରେ ପରିବା ମହଙ୍ଗା। ବାଇଗଣ କିଲୋ ପ୍ରତି ୧୦୦ ଟଙ୍କା, ଭେଣ୍ଡି , କଲରା, ପୋଟଳ, କାକୁଡି, ସଲରା, ଧୂଡ଼ଙ୍ଗ, କାଙ୍କଡ଼ ଆଦି କିଲୋ ପ୍ରତି ୮୦ ଟଙ୍କାରୁ ଊର୍ଦ୍ଧ୍ୱ ଦରରେ ବଜାରରେ ବିକ୍ରି ହେଉଛି। ଆଳୁ, ଉଲି ଦର ପୂର୍ବ ଦର ଠାରୁ ୧୦ ଟଙ୍କା ଲେଖାଏଁ ବୃଦ୍ଧି କରିବା ସହ ଟମାଟୋ ଆଦି କୌଣସି ପରିବା ଦର ଅତି କମ୍ ରେ ୫୦ ଟଙ୍କା। କଞ୍ଚାଲଙ୍କା କିଲୋ ପ୍ରତି ୨୦୦ ଟଙ୍କା କରି ଲୁଟି ନେଇଛନ୍ତି ବ୍ୟବସାୟୀ। ୫୦୦ ଟଙ୍କା ବଦଳରେ ୧୦୦୦ ଟଙ୍କାରେ ବ୍ୟାଗ ଫୁଲ୍ ହେଉନାହିଁ। ପରିବା କଳାବଜାରୀ ହେଉଥିବା ବେଳେ ବ୍ୟବସାୟୀଙ୍କ ଦବଙ୍ଗଗିରି। ହାଁ କରି ଚାହିଛ କଣ, ଆଗରେ ଭିଡ ହଟାଅ। ସାଧାରଣ ଖାଉଟି ଚିନ୍ତାରେ ପଡ଼ି ଗଲେଣି। ପରିବା ବଜାରରେ ଦର ଜାଣିବା ପରେ କିଲେ ପରିବା ବଦଳରେ ଖାଉଟି ୨୫୦ ଗ୍ରାମ ନେଉଛନ୍ତି। ତେବେ ପରିବା ମହଙ୍ଗା ହେଇଛି କାହିଁକି ? ବାହାର ରାଜ୍ୟରୁ ଆମଦାନୀ କରିବାକୁ ପଡୁଛି। ଆମ ରାଜ୍ୟରେ ପରିବା ଚାଷ ଖୁବ୍ କମ୍ ପରିମାଣ ରେ ହେଉଛି। ପରିବା ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାରର ଅଭାବ ରହିଛି। ସେଥିପାଇଁ ପରିବା ଚାଷ ନକରି ବିଭିନ୍ନ ପ୍ରକାରର ଫଳଚାଷ ପାଇଁ ଆଗ୍ରହୀ ହେଉଛନ୍ତି। ଯାହା ଫଳରେ ପରିବା ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ରାଜ୍ୟ ସରକାର ପରିବା ଚାଷ ତଥା ଶୀତଳ ଭଣ୍ଡାର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେଲେ ଆଗାମୀ ଦିନରେ ବାହାର ରାଜ୍ୟକୁ ନିର୍ଭର କରିବାକୁ ପଡ଼ିବନାହିଁ। ବର୍ତ୍ତମାନ ପରିସ୍ଥିତିରେ ପରିବା ଦରରେ ଲଗାମ୍ ନାହିଁ। ବାହାର ରାଜ୍ୟର ପରିବା ଚଢ଼ା ଦରରେ ଖାଉଟି ନେବାକୁ ବାଧ ହେଉଛନ୍ତି। ଏଥିପ୍ରତି ସଚେତନ ହୋଇ ଚିନ୍ତା କରିବାର ଆବଶ୍ୟକତା ରହିଛି।



## ପ୍ରଧାନଶିକ୍ଷୟିତ୍ରୀଙ୍କ ପିତୃ ବିୟୋଗ

**ତାଳଚେର,୩।୮/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ ପଡ଼ିଆଭଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲତିକା ମହାପାତ୍ରଙ୍କ ପିତା ରତହରି ମହାପାତ୍ର(୮୩)ଙ୍କ ଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ଘଟିଛି । କିଛି ଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଶେଷଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଦେବାଶିଷ, ବୋହୂ ଚିନ୍ମୟୀ, ଜ୍ୱାଇଁ ଅରବିନ୍ଦ, ଅରୁଣ ଓ ଦୁଇ କନ୍ୟା ଲତିକା ଓ ଗୀତିକା ଉପସ୍ଥିତ ଥିଲେ । ସ୍ୱର୍ଗତଃ ରତହରି ମହାପାତ୍ର ଜଣେ ଦାୟିତ୍ୱସମ୍ପନ୍ନ ଓ ନିଷ୍ଠାପର ବିଦ୍ୟୁତ୍ ଅଧିକ୍ଷଣ ଯନ୍ତ୍ରୀ ଭାବରେ ତାଳଚେର ଥର୍ମାଲ ପାୱାର ଷ୍ଟେସନ, ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର, ନବରଙ୍ଗପୁର, ବଲାଙ୍ଗୀର, କେଉଁଝର ତଥା ଭୁବନେଶ୍ୱର ଠାରେ ନିଜର ଚାକିରି ଜୀବନ ସଫଳତାର ସହ ସମ୍ପାଦନ କରିଥିଲେ। ଜଣେ ସଂସ୍କୃତି ପ୍ରାଣ, ସାହିତ୍ୟ ପ୍ରେମୀ ତଥା କର୍ମଦକ୍ଷ ଅଫିସର ଭାବରେ ସେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ହରିଦ୍ୱାରର ପବିତ୍ର ଚଣ୍ଡୀଘାଟ ଠାରେ ଶୋକାକୁଳ ପରିବେଶରେ ସମ୍ପନ୍ନ ହୋଇଅଛି ।



## ପୁନର୍ବାସ ପକ୍ଷରୁ ଗ୍ରାମୀଣ ସଘନ ଥେରାପି ସେବାର ଶୁଭାରମ୍ଭ



**କେନ୍ଦ୍ରାପଡ଼ା,୩।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାରେ ଦେଢ଼ ଦଶନ୍ଧି ଧରି ଭିନ୍ନକ୍ଷମଙ୍କ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସଘନ ଥେରାପି ସେବା ଆରମ୍ଭ କରାଯାଇଛି। ଏଥି ନିମନ୍ତେ ମାଧପୁର ଅମରଉଦ୍ୟାନ ପରିସରସ୍ଥ ପୁନର୍ବାସ ଶିଶୁ ଥେରାପି କେନ୍ଦ୍ରରୁ ଏହି ସଘନ ଥେରାପିଯାନକୁ ସବୁଜ ପତାକା ଦେଖାଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପସ୍ଥିତ ଅନୁଷ୍ଠାନର ସମ୍ପାଦିକା ବନସ୍ମିତା ନାୟକ ସହର ନିକଟ ଦୂରବର୍ତ୍ତୀ ଗ୍ରାମାଞ୍ଚଳରେ ରହିଥିବା ଦିବ୍ୟାଙ୍ଗ ଶିଶୁ ହିତାଧିକାରୀଙ୍କୁ ଏହି ଭ୍ରାମ୍ୟମାଣ ସେବା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି । ଏହାଦ୍ୱାରା ଅଭିଜ୍ଞ ଓ ତାଲିମ୍‌ପ୍ରାପ୍ତ ଥେରାପିଷ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମାଞ୍ଚଳର ଦିବ୍ୟାଙ୍ଗ ଶିଶୁ ଥେରାପି ପ୍ରାପ୍ତ ହେବେ । ଅଧିକନ୍ତୁ ଦିବ୍ୟାଙ୍ଗ ଶିଶୁଟିର ଶାରୀରିକ ସ୍ୱାସ୍ଥ୍ୟ ସମ୍ପର୍କିତ ଭାବ ବିନିମୟ ଉଭୟ ଥେରାପିଷ୍ଟ ଏବଂ ସମ୍ପୃକ୍ତ ହିତାଧିକାରୀଙ୍କ ଅଭିଭାବକଙ୍କ ସହ ସ୍ଥାପନ ହୋଇପାରିବ। ତାଲିମ୍‌ପ୍ରାପ୍ତ ଫିଜିଓଥେରାପିଷ୍ଟ, ଅକ୍ୟୁପେଶନାଲ ଥେରାପିଷ୍ଟ,ସ୍ପିଚ୍ ଥେରାପିଷ୍ଟ ଓ ସ୍ପେଶାଲ ଏଜୁକେଟରଙ୍କ ଦ୍ୱାରା ବିଶେଷ କରି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଦିବ୍ୟାଙ୍ଗ ଶିଶୁ ହିତାଧିକାରୀମାନଙ୍କୁ ଆବଶ୍ୟକ ମତେ ସ୍ୱଗୃହେ ଥେରାପି ପ୍ରଦାନ କରାଯିବ ବୋଲି ବରିଷ୍ଠ ପ୍ରୋଜେକ୍ଟ କର୍ମୀ କେଦାରନାଥ ବାରିକ ପ୍ରକାଶ କରିଛନ୍ତି। ଏହି ଅବସରରେ ଅନୁଷ୍ଠାନର ସହ ସମ୍ପାଦକ ବଂଶୀଧର ମହାନ୍ତି,ସଭ୍ୟ ସଂଗ୍ରାମ ଚୌଧୁରୀ,ମହମ୍ମଦ ଜାହିଦ୍ ଖାନ୍,ଥେରାପିଷ୍ଟ କିର୍ତ୍ତୀ ଦାଶ,ତପସ୍ୱିନୀ ରଥ,ସାଇଶ୍ରିତା ମେକାପ୍,ନିତୁରାଣୀ ବାରିକଙ୍କ ସହିତ ସିବିଆର୍ କର୍ମୀ ଅଭିଷେକ ଜେନା, ଧରଣୀଧର ସେଠୀ ଓ ଅମିଷା ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ବଣ୍ଟନ



**ତିର୍ତ୍ତୋଲ,୩।୮/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା କଂଗ୍ରେସ, ତିର୍ତ୍ତୋଲ ବ୍ଲକ୍ କଂଗ୍ରେସ ଓ ରଘୁନାଥପୁର ବ୍ଲକ୍ କଂଗ୍ରେସର ମିଳିତ ଉଦ୍ୟମରେ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ ତିର୍ତ୍ତୋଲ ବ୍ଲକ୍‌ର ସାଇଲୋ, ହରିପୁର, ମଣିଜଙ୍ଗା, ତିର୍ତ୍ତୋଲ, କୋଳର, ତରଜଙ୍ଗା ଏବଂ ଛପଡ଼ା ଆଦି ପଞ୍ଚାୟତ ଗସ୍ତ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ସହିତ ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିରେ ତାଙ୍କୁ ତିର୍ତ୍ତୋଲ ବ୍ଲକ୍ କଂଗ୍ରେସ ସଭାପତି ସଫି ଆଜମ୍, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ଉପସଭାପତି ଜିତେନ୍ଦ୍ର ମହାନ୍ତି, ରଞ୍ଜନ ମହାପାତ୍ର, ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ମହାବିନାୟକ ପୀଠରେ କାଉଡ଼ିଆଙ୍କ ଭିଡ଼

**ବଡ଼ଚଣା,ଚଣ୍ଡିଖୋଲ,୩।୮/ଏନ୍‌ଏନ୍‌ଏସ୍:** ଶ୍ରାବଣ ମାସରେ ରାଜ୍ୟର ବିଭିନ୍ନ ଶୈବପୀଠରେ ମାନସିକଧାରୀ ମାନେ ଅନେକ ଶୈବ ପିଠାରୁ ଜଳ ଆଣି ଶିବଙ୍କ ଉପରେ ଜଳାଭିଷେକ କରିଥାନ୍ତି। ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ହୋଇଥିବାରୁ ପଞ୍ଚଦେବତା ପୀଠ ପବିତ୍ର ମହାବିନାୟକରେ ଶ୍ରଦ୍ଧାଳୁ ଭକ୍ତମାନେ ଜଳାଭିଷେକ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ କାନ୍ଧରେ ଜଳ ଆଣି ଶହ ଶହ କିଲୋମିଟର ପାଦରେ ଚାଲିଚାଲି ମହାଦେବଙ୍କ ପୀଠକୁ ଆସି ଜଳାଭିଷେକ ଲାଗି କରିଥିବା ଦେଖିବାକୁ ମିଳିଥିଲା। କେବଳ ପୁରୁଷ ଭକ୍ତ ନୁହନ୍ତି ଏଥିରେ ମହିଳା ଭକ୍ତ ମଧ୍ୟ ଥିବା ଦେଖିବାକୁ ମିଳିଥିଲେ। ଶ୍ରଦ୍ଧାଳୁମାନେ କାନ୍ଧରେ ପବିତ୍ର ଗଙ୍ଗା ଜଳ ଆଣି ମହାବିନାୟକ ପୀଠରେ ପହଞ୍ଚିବା ପରେ ଧାଡ଼ିରେ ଆସି ପ୍ରଭୁଙ୍କ ଉପରେ ଜଳଲାଗି କରିଥିଲେ। ଆଜି ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆସିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ପଣ୍ଡାଙ୍କ ସହଯୋଗରେ ବଡ଼ଚଣା ଥାନାଧିକାରି ଜଗଦୀଶ କରଙ୍କ ସହିତ ପୁଲିସ ଅଧିକାରୀ ଓ ଫୋର୍ସ ମଧ୍ୟ ଉପସ୍ଥିତ ଥିଲେ। ଆଇନ୍‌ଶୃଙ୍ଖଳା ଦୃଷ୍ଟିରୁ ମନ୍ଦିର ଓ ଏହାର ଚତୁପାର୍ଶ୍ୱରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।



## ଅଷ୍ଟଶମ୍ଭୁ ମନ୍ଦିରରେ ଜଳାଭିଷେକ କଲେ କାଉଡ଼ିଆ



**ପରଜଙ୍ଗ,୩।୮/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ କୁଆଲୋ ସ୍ଥିତ ଅଷ୍ଟାଦଶ ଶତାବ୍ଦୀର ସର୍ବପୁରାତନ ଶୈବପୀଠ ବାବା ଶ୍ରୀ ଶ୍ରୀ ଅଷ୍ଟଶମ୍ଭୁ ମନ୍ଦିର । ଆଜି ଶ୍ରାବଣ ମାସ ପ୍ରଥମ ସୋମବାରରେ ପ୍ରାୟ ୧୦ ହଜାର କାଉଡ଼ିଆ ମହାପ୍ରଭୁ ଅଷ୍ଟଶମ୍ଭୁଙ୍କ ପାଖେ ଜଳାଭିଷେକ କରିଛନ୍ତି। ଓଡ଼ିଶାରେ ସବୁଠାରୁ ବଡ଼ ଶିବ ଲିଙ୍ଗ ଅଷ୍ଟଶମ୍ଭୁ କୁଆଲୋ। ଶ୍ରାବଣ ମାସ ମହାଦେବଙ୍କ ଅତି ପ୍ରୀୟ ମାସ। ଏଥିପାଇଁ ଭକ୍ତମାନେ କାନ୍ଧରେ ଜଳ ଭାର ନେଇ କାଉଡ଼ିଆ ହୋଇ ଶିବ ମନ୍ଦିରରେ ଶ୍ରାବଣ ବ୍ରତ ରଖି ଜଳାଭିଷେକ କରିଥିଲେ। ଖାଲି ପାଦରେ ଚାଲି ଚାଲି ରାଜ୍ୟରୁ ଓ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଆସି ପ୍ରଭୁ ଅଷ୍ଟଶମ୍ଭୁଙ୍କୁ ଜଳାଭିଷେକ କରିଥିଲେ। କାଉଡ଼ିଆ ଓ ଭକ୍ତଙ୍କ ପାଇଁ ପ୍ରାସାଦ ସେବନ ନିମିତ୍ତ ବିଭିନ୍ନ କମିଟି ତରଫରୁ ବ୍ୟବସ୍ଥା ହୋଇଥିଲା।କିଭଳି ଭାବରେ ସୁରୁଖୁରୁରେ ଜଳାଭିଷେକ ହେବ ସେଥିପାଇଁ ମନ୍ଦିର ପକ୍ଷରୁ ସବୁ ପ୍ରକାର ସୁବିଧା କରାଯାଇଥିଲା। ଭିଡ଼କୁ ପରିଲକ୍ଷିତ କରି ପରଜଙ୍ଗ ପୁଲିସ ପକ୍ଷରୁ ମନ୍ଦିର ବେଢ଼ା ଭିତରେ ଜଗି ରହିଥିଲେ। ଏହି ମନ୍ଦିରରେ ଆଜି ବାହାର ରାଜ୍ୟରୁ ସନ୍ଥ ଆସି ମଧ ଜଳାଭିଷେକ କରିଛନ୍ତି।

## ତାଳଚେରର ଅଧିକାଂଶ ଅଞ୍ଚଳରେ ରାସ୍ତା ଅବସ୍ଥା ଶୋଚନୀୟ

**ତାଳଚେର,୩।୮/ଏନ୍‌ଏନ୍‌ଏସ୍:** ତାଳଚେର ସହର ଓ ଶିଳ୍ପାଞ୍ଚଳରେ ଥିବା ବିଭିନ୍ନ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ସାଧାରଣ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଖରାପ ଯୋଗୁଁ ଅନେକ ସମୟରେ ଦୁର୍ଘଟଣାମାନ ଘଟି ବହୁ ମୃତାହତ ହେଉଥିବା ଜଣାପଡ଼ିଛି। ବାଇପାସ୍ ଛକଠାରୁ ବାହାରି ଥିବା ରାସ୍ତାଗୁଡ଼ିକ ବିଭିନ୍ନ ଦିଗକୁ ଯାଇଥିବା ବେଳେ ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ତାଳଚେର ସହର,ଏନ୍‌ଟିପିସି କୋଇଲା ଖଣି ଓ କୋର୍ଟ କଚେରୀ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଉଥିବା ପଥଚାରୀମାନେ ନାହିଁ ନଥିବା ଅସୁବିଧାର ଭୋଗୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଖାଲଖମଣ ଥିବା ଯୋଗୁଁ ଗାଡ଼ିମଟର ଯିବା ବେଳେ ଧୂଳି ପ୍ରଚୁର ମାତ୍ରାରେ ଉଡୁଛି। ଫଳରେ ଦୁର୍ଘଟଣା ଘଟି କିଛି ମୃତାହତ ହେଉଥିବା ନଜିର ରହିଛି। ଏସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ପବିତ୍ରମୋହନ ଛକଠାରୁ ମହାବିଦ୍ୟାଳୟ ଆଡ଼କୁ ଯାଇଥିବା ମୁଖ୍ୟ ରାସ୍ତା ବାଇପାସ୍ ଛକରେ ସାମାନ୍ୟ ବର୍ଷା ହେଲେ ତିନିଚାରି ଫୁଟ ପାଣି ରହି ଜମିରହି ଯାତାୟତ ବ୍ୟାଘାତ ସୃଷ୍ଟି କରୁଛି। ସେହିଭଳି ବାଙ୍କ ଧରାଛକ ଠାରୁ ମିଶିଥିବା ବିଭିନ୍ନ ରାସ୍ତାରେ କୋଇଲା ପରିବହନ ପାଇଁ ଆସୁଥିବା ଟ୍ରକଗୁଡ଼ିକ ଚଳାଚଳ କରିବା ଫଳରେ ରାସ୍ତାରେ ଧୂଳି ଉଡ଼ି ପରିବେଶ ପ୍ରଦୂଷଣ ହେବା ସହିତ ଏହି ବାଙ୍କଧରା ଛକ ମରଣାଯନ୍ତା ପାଲିଟି। ତେବେ ଏହି ରାସ୍ତାକୁ ମରାମତି କରିବା ପାଇଁ ଜାତୀୟ ରାଜପଥ ଏମସିଏଲ କିମ୍ବା ଏନ୍‌ଟିପିସି ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। ଏହି ରାସ୍ତା ଦେଇ ଲୋକାମାନେ ଯିବା ପାଇଁ ନିରାପଦ ମଣୁ ନାହାନ୍ତି ନାହାନ୍ତି। ସଡ଼କ ପଥରେ କୋଇଲା ପରିବହନ ପାଇଁ ହୋଇଥିବା କୋଲ କରିଡ଼ର ରାସ୍ତା ଏହି ବାଙ୍କଧରା ଛକଠାରେ ମିଶୁଥିବା ସେଠାରେ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଗତ ଦୁଇ ମାସ ଭିତରେ ବାଙ୍କଧରା ଛକ ରାସ୍ତାରୁ ପ୍ରାୟ ଜୀବନ ଚାଲିଥିଲା ବେଳେ ବହୁ ଲୋକ ଗୁରୁତର ଆହାତ ହୋଇଛନ୍ତି। ସେହିପରି ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାଦେଇ ଚଳପ୍ରଚଳ କରିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ଶର୍ମାଛକରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଥିବା ବେଳେ ଦୁଇପାର୍ଶ୍ୱରେ ଥିବା ନଳା ପୋତିହୋଇ ଯାଉଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଉଦ୍‌ବୃତ ବର୍ଷାଜଳ ରାସ୍ତାରେ ବୋହିବା ଫଳରେ ଲୋକଙ୍କ ଯାତାୟତରେ ସମସ୍ୟା ଉପଜୁଛି। ଘଣ୍ଟପଡ଼ା ରେଲୱେ କ୍ରସିଂ ରାସ୍ତାର ଉଭୟ ପାର୍ଶ୍ୱରେ ଖାଲଖମଣ ହୋଇଥିବା ଏବଂ କୋଲ ୱାଗନ ଯିବା ଫଳରେ ଧୂଳି ଝଡ଼ ସୃଷ୍ଟି ହେଉଛି। ଏହି ଲେବଲକ୍ରସିଂ ଠାରେ ପ୍ରାୟ ସମୟରେ ଅଧାଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। ଓଭରବ୍ରିଜ ପାଇଁ ଫଳକ ଲାଗିଥିଲେ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ବାଙ୍କଧରା ଛକ ଠାରୁ ତାଳଚେର ମହାବିଦ୍ୟାଳୟ ଦେଇ ବାଇପାସ୍, ପବିତ୍ର ମୋହନ ଛକ, ବହ୍ଲରଛକ ୧୪୯ ନମ୍ବର ଜାତୀୟ ରାଜପଥରେ ଶହଶହ କୋଇଲା ଭାରୀଯାନ ଯାତାୟତ କରୁଥିବାରୁ ଖାଲଖମଣ ହୋଇଥିବା ସହ ଦୁଇଚକିଆ ଯାନ ସମ୍ଭବପର ହେଉନାହିଁ। କେଉଁ ମୁହୂର୍ତ୍ତରେ ଯେ, କ'ଣ ହେବ ତାହା ଭଗବାନ୍ ଜାଣିଥିବେ। ଅପରପକ୍ଷେ ତାଳଚେର ଅଞ୍ଚଳର ରାସ୍ତାମରାମତି ପାଇଁ କେହି ଦୃଷ୍ଟି ଦେଉନଥିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସାଧାରଣ ମତପ୍ରକାଶ ପାଇଛି।



## ବଜ୍ରପାତରେ ଗାଈ ଚରାଳିଙ୍କ ମୃତ୍ୟୁ

**କଙ୍କଡ଼ାହାଡ,୩।୮/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ କନ୍ଧରା ଗ୍ରାମରେ ନିମିଷକ ମଧ୍ୟରେ ଖେଳିଗଲା ଶୋକର ଛାୟା ସ୍ତବ୍ଧ ହୋଇଗଲା ଗାଁ ବଜ୍ରାପାତରରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କଙ୍କଡାହାଡ ଥାନା କନ୍ଧରା ଗ୍ରାମ ରଙ୍ଗମାଟିଆ ସାହିର ଅଭିମନ୍ୟୁ ବିଶ୍ୱାଳ। ସେ ଆଜି ଗ୍ରାମର ଅନ୍ୟ ଜଣଙ୍କ ସହ ମିଶି ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନ ସମୟରେ ପ୍ରବଳ ମାତ୍ରାରେ ଘଡଘଡି ସହ ବର୍ଷା ଆସିଥିଲା। ତେଣୁ ସେମାନେ ଗାଈଗୁଡିକ ଘରକୁ ଆଣୁଥିବା ବେଳେ, ବାଟରେ ବଜ୍ରପାତରେ ଶିକାର ହୋଇଥିଲେ ଅଭିମନ୍ୟୁ। ଏବଂ ସାଥିରେ ଥିବା ଅନ୍ୟଜଣଙ୍କ ତୁରନ୍ତ ତାଙ୍କ ଘରକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ ବଞ୍ଚି ଥିବାର ଆଶା ରଖି କୁଆଡେ ନେବେ କଣ କରିବେ କାହାକୁ କିଛି ବୁଦ୍ଧି ବାଟ ଦିସୁ ନଥିଲା ସେତେବେଳ କୁ ଅଭିମନ୍ୟୁଙ୍କର ମୃତ୍ୟୁ ହୋଇ ସାରିଥିଲା। ଖବରପାଇ କଙ୍କଡାହାଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ କାମାକ୍ଷାନଗର ଡାକ୍ତରଖାନାକୁ ପଠାଇବା ସହ ଅଧିକ ତଦନ୍ତ ଯାରି ରଖିଛି।

**ନିତି ଭାରତୀ**
ବର୍ଷା ହେବା ସମୟରେ ସବୁ ପକ୍ଷୀ ଆଶ୍ରୟ ନିଅନ୍ତି। କିନ୍ତୁ ବାଦଲ ଉପରେ ଉଡ଼ି ଛଞ୍ଚାଣ ମେଘକୁ ଏଡ଼ାଇ ଯାଏ।
- ଡକ୍ଟର ଏପିଜେ ଅବ୍ଦୁଲ୍ କଲାମ୍

ନିତିଦିନ NITIDIN
ମଙ୍ଗଳବାର, ୪ ଅଗଷ୍ଟ ୨୦୨୬

# ସମାଲୋଚନାରେ ଶାଳୀନତା



ବୃହସ୍ପତି ସାମଲ

ଏକ ସମୟ ଥିଲା, ପାରସ୍ପରିକ ମତଭେଦ, ଚା' ଖଟିରେ, ପାନ ଦୋକାନରେ ନହେଲେ ପ୍ରାତଃ ଭ୍ରମଣ କିମ୍ବା ସାନ୍ଧ୍ୟ ଭ୍ରମଣ ସମୟରେ ରାସ୍ତା କଡ଼ରେ ହେଉ କି ପାର୍କ ଭିତରେ, ସାଙ୍ଗ ମେଳରେ ବିନା ରାଗରୋଷରେ ସେଇ ଜାଗାରେ ହିଁ ଶେଷ ହୋଇ ଯାଉଥିଲା। ରାଜନୈତିକ ପାଣିପାଗରୁ ଆରମ୍ଭ କରି ସାମାଜିକ ତଥା ଦୈନନ୍ଦିନ ଘଟଣାବଳୀର କୌଣସି ନା କୌଣସି ବିଷୟକୁ ନେଇ ବନ୍ଧୁମାନେ ପରସ୍ପର ଭିତରେ ଯୁକ୍ତିତର୍କ କରୁଥିଲେ, ଉଭୟ ଉଭୟଙ୍କୁ ଅଙ୍ଗୁଳି ଦେଖେଇ ତାଚ୍ଛଲ୍ୟ କରୁଥିଲେ। ହେଲେ 'କିଏ ସାତ କିଏ ସତର, ହସିଦେଲେ ସବୁ ନିଜର' ନ୍ୟାୟରେ ପୁଣି ହସାହସି କୋଳାକୋଳି ହେଇ ଏକାଠି ଘରକୁ ଫେରୁଥିଲେ। ନିଜସ୍ୱ ଆଦର୍ଶ, ବିଚାରଧାରା ଓ ଅନୁଭବ ଆଧାରରେ ମତାନ୍ତର ଥିଲା ସତ, ହେଲେ ମନାନ୍ତର ନଥିଲା କି ସମ୍ପର୍କରେ ଫାଟ ନଥିଲା। କିନ୍ତୁ ଆମେ ଆଜି ଏକ ଅଦ୍ଭୁତ ବିରୋଧାଭାସର ସମୟ ଦେଇ ଗତି କରୁଛନ୍ତି। ବିଜ୍ଞାନ ଆମ ହାତରେ ସ୍ମାର୍ଟଫୋନ୍ ଦେଇଛି, ପ୍ରଯୁକ୍ତିବିଦ୍ୟା ସାରା ପୃଥିବୀକୁ ଆମ ହାତମୁଠାକୁ ଆଣି ଦେଇଛି, ସମ୍ବିଧାନ ଆମକୁ ମତ ପ୍ରକାଶର ସ୍ୱାଧୀନତା ଦେଇଛି; କିନ୍ତୁ ଆମର ମାନସିକତା ସେହି ସ୍ୱାଧୀନତାକୁ ସମ ପରିମାଣରେ ଗ୍ରହଣ କରିବାରେ ବିଫଳ ହେଇଛି। ବିଶେଷ ଭାବେ ରାଜନୈତିକ ପୃଷ୍ଠଭୂମି ଉପରେ ଆଧାରିତ ଆଜିର ମତଭେଦ ଓ ଅସହମତି ଅନେକ ସମୟରେ ମୋବାଇଲ ସ୍କ୍ରିନ୍‌ରୁ ଆରମ୍ଭ ହୋଇ ପୁଲିସ ଥାନା, ଅଦାଲତ ଏବଂ ସାମାଜିକ ଶତ୍ରୁତା ପର୍ଯ୍ୟନ୍ତ ପହଞ୍ଚିଛି। ଏବେ ସମାଲୋଚନାକୁ ଶାଳୀନତାପୂର୍ଣ୍ଣ ଯଥାର୍ଥ ପ୍ରତ୍ୟୁତ୍ତର ଦେବା ପରିବର୍ତ୍ତେ ସମାଲୋଚକଙ୍କୁ ଚୁପ୍ କରାଇବାର ପ୍ରବୃତ୍ତି ଧୀରେଧୀରେ ଆମ ସାର୍ବଜନୀନ ଜୀବନର ଏକ ବିପଜ୍ଜନକ ସଂସ୍କୃତିରେ ପରିଣତ ହେଉଛି। ବ୍ୟକ୍ତିଗତ ଅଥବା ଗୋଷ୍ଠୀଗତ ମତାନ୍ତରରୁ ମନାନ୍ତରର କୁପରିଣତି କେବଳ ସମ୍ପୃକ୍ତ ବ୍ୟକ୍ତିବିଶେଷ ନୁହେଁ, ସାମଗ୍ରିକ ଭାବେ ସମାଜ ମଧ୍ୟ ଭୋଗିବାକୁ ବାଧ୍ୟ ହେଉଛି।

ଗଣତନ୍ତ୍ରରେ ସରକାର ହେଉ କି ବିରୋଧୀ ଦଳ, କେହି ସମାଲୋଚନାର ଊର୍ଦ୍ଧ୍ୱରେ ନୁହନ୍ତି। ଶାସନର ସଫଳତାର ମାପଦଣ୍ଡ କେବଳ ପ୍ରଶଂସା ନୁହେଁ; ସମାଲୋଚନାକୁ ସହ୍ୟ କରିବାର ପରିପକ୍ୱତା ମଧ୍ୟ। ସେହିପରି ବିରୋଧୀ ଦଳର ଦାୟିତ୍ୱ ହେଉଛି ଘୃଣା, ଅପପ୍ରଚାର କିମ୍ବା ଅସତ୍ୟର ଊର୍ଦ୍ଧ୍ୱରେ ଯୁକ୍ତିସଙ୍ଗତ ଏବଂ ଗଠନମୂଳକ ସମାଲୋଚନା କରିବା। ଦୁଃଖର ବିଷୟ, ସମାଲୋଚନା ସହିବାର ସଂସ୍କୃତି କ୍ରମଶଃ କ୍ଷୀଣ ହେଉଛି। ସରକାର ହେଉ କି ବିରୋଧୀ ଦଳ, ଜାତୀୟ ନେତା ହୁଅନ୍ତୁ କି ଆଞ୍ଚଳିକ ନେତା, ଅନେକ ସମୟରେ ଅସହମତିକୁ ସ୍ୱାଭାବିକ ଗଣତାନ୍ତ୍ରିକ ଅଧିକାର ଭାବରେ ନୁହେଁ, ବରଂ ବ୍ୟକ୍ତିଗତ ଆକ୍ରମଣ କିମ୍ବା ରାଜନୈତିକ ଶତ୍ରୁତା ଭାବରେ ଦେଖାଯାଉଛି। ତା'ଠାରୁ ମଧ୍ୟ ଅଧିକ ଚିନ୍ତାଜନକ ହେଉଛି, ଅନେକ କ୍ଷେତ୍ରରେ ସମ୍ପୃକ୍ତ ନେତାଙ୍କ ପୂର୍ବରୁ ତାଙ୍କର ସମର୍ଥକମାନେ ସୋସିଆଲ ମିଡିଆ ମଞ୍ଚକୁ ଆସିଯାଉଛନ୍ତି। ପ୍ରତ୍ୟୁତ୍ତର ଦେବା ଆଳରେ ବ୍ୟକ୍ତିଗତ ଆକ୍ରମଣ, ଅଶାଳୀନ ଭାଷା, ଧମକ, ଟ୍ରୋଲିଂ ଏବଂ ପରସ୍ପର ବିରୋଧରେ ମାମଲା ଦାୟର କରିବା ଏକ ସାଧାରଣ ଘଟଣାରେ ପରିଣତ ହେଉଛି। ଅନେକ ସମୟରେ ଯେଉଁ ନେତାଙ୍କୁ ନେଇ ବିବାଦ, ସେ ନିଜେ ଅଭିଯୋଗ କରୁ ନାହାନ୍ତି; ବରଂ ସମର୍ଥକମାନେ ନିଜକୁ ଆଇନର ଆତ୍ମଘୋଷିତ ପ୍ରହରୀ ଭାବି ଥାନା ଓ ଅଦାଲତର ଦ୍ୱାରସ୍ଥ ହେଉଛନ୍ତି।

ସମ୍ପ୍ରତି ଓଡ଼ିଶାରେ ଆମେ ଏହି ପରିସ୍ଥିତିକୁ ମର୍ମେ ମର୍ମେ ଅନୁଭବ କରୁଛନ୍ତି। ବିଜେପିର ଦୁଇ ବର୍ଷ ଶାସନରେ ଅତିଷ୍ଠ କିଛି ଅଣବିଜେପି ଗୋଷ୍ଠୀ ଓ ବ୍ୟକ୍ତିବିଶେଷ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ପ୍ରକାରର ଏଆଇ ଛବି ପ୍ରସ୍ତୁତ କରିବା ସହ ଅତି ଅଶାଳୀନ, ଅରୁଚିକର ଓ ଅଗ୍ରହଣୀୟ ଭାଷା ପ୍ରୟୋଗ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରୁଛନ୍ତି। ସେହିଭଳି ବିଜେଡିର ଚବିଶ ବର୍ଷ ଶାସନରେ ଅତିଷ୍ଠ କିଛି ଅଣବିଜେଡି ଗୋଷ୍ଠୀ ଓ ବ୍ୟକ୍ତିବିଶେଷ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଓ ତାଙ୍କର ସହଯୋଗୀଙ୍କ ଉପରେ ସମାନ ଉପାୟରେ ଦାଉ ସାଜୁଛନ୍ତି। ସର୍ବଭାରତୀୟ ସ୍ତରରେ ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କୁ ନେଇ ପ୍ରତିପକ୍ଷ ଗୋଷ୍ଠୀ ଓ ସମର୍ଥକମାନଙ୍କ କାର୍ଯ୍ୟକଳାପ ମଧ୍ୟ ତଦ୍ରୂପ। ଘଟଣା ଏଭଳି ଜଟିଳ ମୋଡ଼ ନେଉଛି ଯେ ସାଧାରଣ ବ୍ୟକ୍ତିଟିଏ ପକ୍ଷରେ ଠିକ୍-ଭୁଲ୍‌ର ହିସାବ ନିକାଶ କରିବା କଠିନ ହେଉଛି। ଫଳରେ ଚା' ଖଟିରୁ ପାନଦୋକାନ ଓ ସାମାଜିକ ଗଣମାଧ୍ୟମରେ ଚାଲିଥିବା ତଥାକଥିତ ମତଭେଦ ଏବଂ ବାଦବିବାଦ ସମାଜରେ ହିଂସା ଓ ଦଙ୍ଗା ସୃଷ୍ଟି କରିବାରେ ସହାୟକ ହୋଇ ମାମଲାକୁ ପୁଲିସ ଥାନା ତଥା କୋର୍ଟ କଚେରୀ ପର୍ଯ୍ୟନ୍ତ ଭିଡ଼ି ନେଉଛି। ନିକଟରେ ଦିଲ୍ଲୀର ଯନ୍ତର ମନ୍ତରଠାରେ ପରିସମାପ୍ତି ଘଟିଥିବା ଦୀର୍ଘ ୩୫ ଦିନର ଛାତ୍ର ଆନ୍ଦୋଳନ ସମୟରେ କିଛି ଆନ୍ଦୋଳନକାରୀଙ୍କ ସହ ନେତା ମନ୍ତ୍ରୀଙ୍କର ଅଶାଳୀନ ବୟାନବାଜି ତଥା ଆନ୍ଦୋଳନ ଶେଷ ହେବା ପରେ ମଧ୍ୟ ସେସବୁ ନ ଥମିବା, ଏସବୁ ଘଟଣାର ଜ୍ୱଳନ୍ତ ଉଦାହରଣ।

କହିବା ବାହୁଲ୍ୟ ଯେ ସୋସିଆଲ ମିଡିଆ ସାଧାରଣ ନାଗରିକଙ୍କୁ ମତ ପ୍ରକାଶର ଏକ ବିଶାଳ ମଞ୍ଚ ଦେଇଛି, ଯାହା ଦ୍ୱାରା ସରକାରୀ ତ୍ରୁଟି, ଦୁର୍ନୀତି, ପ୍ରଶାସନିକ ବିଫଳତା ଏବଂ ଜନସ୍ୱାର୍ଥର ପ୍ରସଙ୍ଗ ଦ୍ରୁତ ଭାବେ ସାମ୍ନାକୁ ଆସୁଛି। ଅନେକ ସମୟରେ ଲୋକମତର ଚାପରେ ସରକାର ନିଷ୍ପତ୍ତି ବଦଳାଇଛନ୍ତି, ଭୁଲ୍ ସଂଶୋଧନ କରିଛନ୍ତି ଏବଂ ଉତ୍ତରଦାୟିତ୍ୱ ବଢ଼ିଛି। କିନ୍ତୁ ଅନ୍ୟ ପଟେ, ଏହାର କୁପ୍ରଭାବ ଅଧିକ ଚିନ୍ତାଜନକ। ମତଭେଦ ଏବେ ଅନେକ ସମୟରେ ବ୍ୟକ୍ତିଗତ ଶତ୍ରୁତାରେ ପରିଣତ ହେଉଛି। ଅଶାଳୀନ ଓ ଅପମାନଜନକ ଭାଷା ପ୍ରୟୋଗ, ଚରିତ୍ର ହନନ, ମିଥ୍ୟା ପ୍ରଚାର ଓ ଧମକର ମନୋଭାବ ସାମାଜିକ ବାତାବରଣକୁ କ୍ଷତିଗ୍ରସ୍ତ କରୁଛି। ପୁଲିସ ଓ ନ୍ୟାୟାଳୟର ମୂଲ୍ୟବାନ ସମୟ ମଧ୍ୟ ଏପରି ବିବାଦରେ ଅପବ୍ୟୟ ହେଉଛି, ଯାହା କେବଳ ବାର୍ତ୍ତାଳାପ ମାଧ୍ୟମରେ ସମାଧାନ ହୋଇପାରିଥାନ୍ତା।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ) ନାଗରିକଙ୍କୁ ମତ ପ୍ରକାଶର ସ୍ୱାଧୀନତା ଦେଇଛି। କିନ୍ତୁ ଅନୁଚ୍ଛେଦ ୧୯(୨) ସ୍ପଷ୍ଟ କରିଛି ଯେ ଏହି ସ୍ୱାଧୀନତା ଅସୀମ ନୁହେଁ। ସାର୍ବଜନୀନ ଶୃଙ୍ଖଳା, ମାନହାନି, ଅପରାଧକୁ ଉସୁକାଇବା, ରାଷ୍ଟ୍ରର ସୁରକ୍ଷା ଇତ୍ୟାଦି କ୍ଷେତ୍ରରେ ଯୁକ୍ତିସଙ୍ଗତ ସୀମାବଦ୍ଧତା ରହିଛି। ୨୦୧୫ ମସିହାର ଶ୍ରେୟା ସିଂଘଲ୍ ରାୟରେ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ 'ଆଲୋଚନା' ଏବଂ 'ସମାଲୋଚନା' ଗଣତନ୍ତ୍ରର ହୃଦୟ; କିନ୍ତୁ ଘୃଣା, ହିଂସାକୁ ଉସୁକାଇବା କିମ୍ବା ଆଇନ-ବିରୋଧୀ କାର୍ଯ୍ୟକୁ ପଶ୍ରୟ ଦେବା କୌଣସି ସ୍ୱାଧୀନତାର ଅଂଶ ହୋଇପାରେ ନାହିଁ। ଏହି ରାୟ ଆମ ସମସ୍ତଙ୍କ ପାଇଁ ଏକ ଦିଗ୍‌ଦର୍ଶକ। ଅସହମତି ଦେଶଦ୍ରୋହ ନୁହେଁ। ସମାଲୋଚନା କରିବା ଶତ୍ରୁତା ଆଚରଣ ନୁହେଁ। ପ୍ରଶ୍ନ ପଚାରିବା ଅପରାଧ ନୁହେଁ। ସେହିପରି ମିଥ୍ୟା, ଘୃଣା ଏବଂ ଅପମାନକୁ ମଧ୍ୟ ମତ ପ୍ରକାଶର ସ୍ୱାଧୀନତା ବୋଲି ଦାବି କରାଯାଇ ପାରିବ ନାହିଁ।

ଡିଜିଟାଲ ଯୁଗରେ ଅନ୍‌ଲାଇନ୍ ଆଚରଣ, ପରସ୍ପର ପ୍ରତି ସମ୍ମାନ ଓ ସୁରକ୍ଷାର ସ୍ତରକୁ ମାପିବା ପାଇଁ ମାଇକ୍ରୋସଫ୍ଟ ଡିଜିଟାଲ ସିଭିଲିଟି ଷ୍ଟଡି (ଡିସିଏସ୍) ଏବଂ ଡିଜିଟାଲ ସିଭିଲିଟି ଇଣ୍ଡେକ୍ସ (ଡିସିଆଇ) ନାମକ ଏକ ବିଶ୍ୱସ୍ତରୀୟ ଅଧ୍ୟୟନ କରି ଆସୁଥିଲା। ଏହି ସୂଚକାଙ୍କରେ କମ୍ ସ୍କୋର୍‌ର ଅର୍ଥ ହେଉଛି ଅଧିକ ସଭ୍ୟ, ସୁରକ୍ଷିତ ଓ ସକାରାତ୍ମକ ଡିଜିଟାଲ ପରିବେଶ। ଏହି ଅଧ୍ୟୟନରେ ଅନ୍‌ଲାଇନ୍ ବିପଦକୁ ଆଚରଣଗତ, ଅନୁପ୍ରବେଶମୂଳକ, ସୁନାମ ସମ୍ବନ୍ଧୀୟ ଏବଂ ଯୌନ ସମ୍ବନ୍ଧୀୟ- ଚାରିଟି ବର୍ଗରେ ବିଭକ୍ତ କରାଯାଇ ଟ୍ରୋଲିଂ, ସାଇବର ବୁଲିଂ, ଘୃଣା ଉଦ୍ରେକକାରୀ ଭାଷଣ, ଠକେଇ, ଗୋପନୀୟତାର ଉଲ୍ଲଙ୍ଘନ, ଭୁଲ୍ ସୂଚନା ଓ ଅନ୍‌ଲାଇନ୍ ଉତ୍ପୀଡ଼ନ ପରି ବିଷୟଗୁଡ଼ିକର ମୂଲ୍ୟାଙ୍କନ କରାଯାଏ। ଭାରତ ଏହି ଅଧ୍ୟୟନରେ ୨୦୧୭ରେ ୨୩ଟି ଦେଶ ମଧ୍ୟରେ ସପ୍ତମ ସ୍ଥାନ ଅଧିକାର କରିଥିଲା ଏବଂ ୨୦୨୦ରେ ଭାରତର ସ୍କୋର୍ ୨୦୧୯ରେ ୭୧ରୁ ଉନ୍ନତି ହୋଇ ୬୮କୁ ଆସିଥିଲା। ୨୦୨୦ ପରେ ମାଇକ୍ରୋସଫ୍ଟ ଭାରତକୁ ସାମିଲ କରି କୌଣସି ନୂତନ ଡିସିଆଇ ରିପୋର୍ଟ ପ୍ରକାଶ କରିନାହିଁ। ଆମକୁ ଡିସିଆଇର ଏହି ସୂଚକାଙ୍କରେ ଆହୁରି ଉପରକୁ ଉଠିବାକୁ ପଡ଼ିବ, ଅର୍ଥାତ୍ ସ୍କୋରକୁ କମ୍ କରିବାକୁ ପଡ଼ିବ। ତେଣୁ ଭାରତୀୟମାନଙ୍କ ମଧ୍ୟରେ ସହନଶୀଳତା, ପରସ୍ପର ପ୍ରତି ସମ୍ମାନ ଓ ଦାୟିତ୍ୱଶୀଳ ଡିଜିଟାଲ ଆଚରଣର ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ଆମକୁ ଘୃଣା ଉଦ୍ରେକକାରୀ ଭାଷଣ, ସମାଲୋଚନାରେ ଅଶାଳୀନତା, ଟ୍ରୋଲିଂ ଓ ଭୁଲ୍ ସୂଚନାରୁ ଦୁରେଇ ଯିବାର ଯଥେଷ୍ଟ ଆବଶ୍ୟକତା ରହିଛି।

ଗଣତନ୍ତ୍ରର ଶକ୍ତି ସଂଖ୍ୟାଗରିଷ୍ଠତାରେ ନୁହେଁ; ଭିନ୍ନମତକୁ ସମ୍ମାନ କରିବାର କ୍ଷମତାରେ। ସଂସଦର ଗରିମା କେବଳ ଶାସକ ଦଳର ଭାଷଣରେ ବଢ଼େ ନାହିଁ; ବରଂ ଏକ ଦୃଢ଼, ଦାୟିତ୍ୱଶୀଳ ଓ ସମ୍ମାନିତ ବିରୋଧୀ ଦଳର ଉପସ୍ଥିତିରେ ବଢ଼େ। ସେହିପରି ସରକାରର ପରିପକ୍ୱତା କେବଳ ଯୋଜନା ଘୋଷଣାରେ ନୁହେଁ; ନିଜ ସମାଲୋଚକଙ୍କ କଥାକୁ ଧୈର୍ଯ୍ୟର ସହିତ ଶୁଣିବାରେ ପ୍ରକାଶ ପାଏ। ଇତିହାସ ସାକ୍ଷୀ ଅଛି- ମହାତ୍ମା ଗାନ୍ଧୀ ନିଜର କଟୁ ସମାଲୋଚକଙ୍କୁ ମଧ୍ୟ ଶୁଣୁଥିଲେ। ଡକ୍ଟର ବିଆର୍ ଆମ୍ବେଦକର ସମ୍ବିଧାନ ରଚନା ସମୟରେ ମତଭେଦକୁ ଗଣତନ୍ତ୍ରର ପ୍ରାଣବାୟୁ ବୋଲି ଗ୍ରହଣ କରିଥିଲେ। ଜବାହାରଲାଲ ନେହରୁ କହିଥିଲେ ଯେ ଲୋକତନ୍ତ୍ରରେ ସରକାରକୁ ପ୍ରଶ୍ନ କରିବା ନାଗରିକଙ୍କ ଅଧିକାର। ଅଟଳ ବିହାରୀ ବାଜପେୟୀ ସଂସଦରେ ତୀବ୍ର ମତଭେଦ ସତ୍ତ୍ୱେ ବିରୋଧୀଙ୍କ ପ୍ରତି ସମ୍ମାନ ରଖୁଥିଲେ। ରାଜନୈତିକ ମତ ଭିନ୍ନ ଥିଲା, କିନ୍ତୁ ଗଣତାନ୍ତ୍ରିକ ସଂସ୍କାର ସାଧାରଣ ଥିଲା ଏବଂ ସମାଲୋଚନାରେ ଶାଳୀନତା ଥିଲା। ଆଜି ସେହି ସଂସ୍କାରର ଅଭାବ ଅନୁଭୂତ ହେଉଛି।

ଅତଏବ, ଆମ ରାଜନୈତିକ ସଂସ୍କୃତିରେ ଆଜି ଏକ ନୂଆ ଆବଶ୍ୟକତା ଅନୁଭୂତ ହେଉଛି- ସମାଲୋଚନାର ସଂସ୍କୃତି। ଏ ସଂକ୍ରାନ୍ତରେ ନାଗରିକ ସମାଜ, ଗଣମାଧ୍ୟମ, ରାଜନୈତିକ ଦଳ, ସରକାର, ବିରୋଧୀ ଦଳ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀ- ସମସ୍ତଙ୍କର ସମାନ ଦାୟିତ୍ୱ ଅଛି। ଅସହମତିକୁ ସମ୍ମାନ କରିବା ଦୁର୍ବଳତା ନୁହେଁ; ଏହା ଗଣତାନ୍ତ୍ରିକ ପରିପକ୍ୱତାର ସର୍ବୋଚ୍ଚ ପରିଚୟ। ଆଜି ଆମେ ଯଦି ସମାଲୋଚକଙ୍କୁ ଶତ୍ରୁ ଭାବୁ, କାଲି ସତ୍ୟ କହିବାକୁ କେହି ସାହସ କରିବେ ନାହିଁ। ଆଜି ଯଦି ପ୍ରଶ୍ନକୁ ଦମନ କରିବା, କାଲି ଭୁଲ୍‌କୁ ସଂଶୋଧନ କରିବାର ସୁଯୋଗ ମଧ୍ୟ ହରାଇବା। ଯେଉଁଠାରେ କେବଳ ପ୍ରଶଂସା ଶୁଣାଯାଏ, ସେଠାରେ ଶାସନ ନୁହେଁ, ଆତ୍ମପ୍ରବଞ୍ଚନା ଜନ୍ମ ନିଏ। ଯଦି ସରକାର ସମାଲୋଚନାକୁ ଶୁଣିବେ, ବିରୋଧୀ ଦଳ ଦାୟିତ୍ୱପୂର୍ଣ୍ଣ ଭାବେ ଗଠନମୂଳକ ସମାଲୋଚନା କରିବେ, ସମର୍ଥକମାନେ ସଂଯମତା ଅବଲମ୍ବନ କରିବେ, ମିଡିଆ ସତ୍ୟ ଓ ତଥ୍ୟ ଯାଞ୍ଚ କରି ଖବର ପରିବେଷଣ କରିବ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ସମାଲୋଚନାରେ ଭାଷାର ଶାଳୀନତା ରକ୍ଷା କରିବେ, ତେବେ ଗଣତନ୍ତ୍ର ଅଧିକ ସୁଦୃଢ଼ ହେବ। ଗଣତନ୍ତ୍ରର ଶକ୍ତି ନିରବତାରେ ନୁହେଁ; ବାର୍ତ୍ତାଳାପରେ। ଭୟରେ ନୁହେଁ; ବିଶ୍ୱାସରେ। ମାମଲାରେ ନୁହେଁ; ମତ ବିନିମୟରେ। ଆସନ୍ତୁ, ଆମେ ଏମିତି ଏକ ରାଜନୈତିକ ସଂସ୍କୃତି ଗଢ଼ିବା, ଯେଉଁଠାରେ ଯୁକ୍ତିର ଉତ୍ତର ଯୁକ୍ତିରେ ଦିଆଯିବ, ମତଭେଦର ଉତ୍ତର ବାର୍ତ୍ତାଳାପରେ ଦିଆଯିବ ଏବଂ ସମାଲୋଚନାର ଉତ୍ତର କାର୍ଯ୍ୟ ଦକ୍ଷତାରେ ଦିଆଯିବ। କାରଣ, ଯେଉଁ ସମାଜ ସମାଲୋଚନାକୁ ସମ୍ମାନ କରେ, ସେହି ସମାଜ ହିଁ ପ୍ରକୃତ ଅର୍ଥରେ ପ୍ରଗତିର ପଥରେ ଆଗେଇ ଯାଏ। ଯେଉଁ ସମାଜରେ ପ୍ରଶ୍ନ କରିବାର ସାହସ ମରିଯାଏ, ସେଠାରେ ସତ୍ୟ ମଧ୍ୟ ଧୀରେ ଧୀରେ ନିରବ ହୋଇଯାଏ। ସମାଲୋଚନା ଗଣତନ୍ତ୍ରର ଶତ୍ରୁ ନୁହେଁ- ତାହାର ବିବେକ, ତାହାର ଦର୍ପଣ ଏବଂ ତାହାର ଆତ୍ମା।



ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର
ମୋ: ୯୪୩୭୦୨୨୬୬୯

# ମୋଦୀ,ମେଟା ଏବଂ ପ୍ରତିବାଦକାରୀଗଣ

ନିକଟ ଅତୀତରେ ଦିଲ୍ଲୀର ଯନ୍ତର ମନ୍ତରଠାରେ ବିଦ୍ୟାର୍ଥୀମାନଙ୍କ ବିକ୍ଷୋଭ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେମାନଙ୍କୁ କ୍ଷମା ଯାଚନା କରିଥିବା ବେଳେ ସେମାନେ କୁଆଡ଼େ ପ୍ରଧାନମନ୍ତ୍ରୀଙ୍କୁ ଗାଳି ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା ଏବଂ ସେମାନେ ତାଙ୍କଠାରୁ ତାହା ଆଶା କରୁଥିଲେ ସୁଦ୍ଧା ତା' ପରିବର୍ତ୍ତେ ସେମାନଙ୍କୁ ଘଉଡ଼ାଇବା ପାଇଁ ସେମାନଙ୍କ ଉପରେ ହୋଇଥିବା ପୁଲିସ ବର୍ବରତା ଭାରତୀୟ ରାଜନୀତିରେ ଏକ ଉଲ୍ଲେଖଯୋଗ୍ୟ ମୁହୂର୍ତ୍ତର ସାକ୍ଷୀ ହୋଇ ରହିଗଲା। ସମଗ୍ର ଅଧ୍ୟାୟଟି ଏକଥା ପ୍ରମାଣିତ କରିଛି ଯେ କେବଳ ସଚ୍ଚୋଟତାପୂର୍ଣ୍ଣ ଭାବ ବିନିମୟ ହିଁ ଭାରତୀୟ ଯୁବ ପିଢ଼ିଙ୍କ ପାଖରେ କାମ କରିପାରେ, ଯେଉଁମାନେ କି ପ୍ରକୃତ ବୁଝାମଣାରୁ ବାଦ୍ ପଡ଼ିଥିବା ଯେ କୌଣସି ଘଟଣା ପ୍ରତି ଆଦୌ ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ, ଯାହା କି ଅତୀତରେ ଘଟି ଆସୁଥିଲା, ଯେତେବେଳେ ଭାବପ୍ରବଣତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲା। ଅର୍ଥାତ୍ ଗୋଟିଏ ବାକ୍ୟରେ କହିଲେ, ଆଜିକା ସମୟର ଯୁବ ବର୍ଗ ବାସ୍ତବବାଦୀ, ଆଦୌ କୌଣସି ଭାବାବେଗପୂର୍ଣ୍ଣ କାଳ୍ପନିକ କଥାରେ ପ୍ରତ୍ୟୟ କରନ୍ତି ନାହିଁ। ତେଣୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଓ ତାଙ୍କ ପ୍ରଶାସନ ତଥା ସବୁ ଦଳର ରାଜନେତାମାନଙ୍କ ପାଇଁ, ଯେଉଁମାନେ ଏହି ଶିକ୍ଷା ଗ୍ରହଣ କରିବାକୁ ଦଶନ୍ଧି ଦଶନ୍ଧି ଧରି ସେମାନଙ୍କର ଇଚ୍ଛାଶକ୍ତିକୁ ଦମନ କରି ଆସୁଥିଲେ, ସେମାନଙ୍କ ପାଇଁ ମଧ୍ୟ କାର୍ଯ୍ୟ ହେଉଛି ଏଭଳି ଏକ ରଣନୀତି ସହିତ କାମ କରିବା, ଯାହାକି ଯୁବ ବର୍ଗଙ୍କୁ ନିୟୋଜିତ କରି ରଖିବ। ଏଭଳି ବାକ୍ୟ ବିନିମୟ ପାଇଁ ପୃଷ୍ଠଭୂମିଟିଏକୁ ଯାହା ପ୍ରସ୍ତୁତ କରିଥିଲା, ସେହି ତଥ୍ୟଗୁଡ଼ିକ ବେଶ୍ ସୁସ୍ପଷ୍ଟ, କଠୋର ଏବଂ ପ୍ରମାଣିତ: କେନ୍ଦ୍ର ସରକାର ଯେତେବେଳେ ଏକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ କଲେ, ଯେଉଁଥିରେ ଲକ୍ଷ ଲକ୍ଷ ପିଲା ପରୀକ୍ଷାର୍ଥୀ ଭାବରେ ଉପସ୍ଥିତ ରହିଲେ ଏବଂ ସେମାନଙ୍କର ପରିବାରବର୍ଗ ଯାହାକୁ ସେମାନଙ୍କ ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରନ୍ତି, ସେଥି ପ୍ରତି ବେପରୁଆ ମନୋଭାବ ପ୍ରଦର୍ଶନ କରିବା ସହିତ ଅପରାଧିକ ଭାବରେ ଅବହେଳା କଲେ। ଏହା ତା'ପରେ ଏକ ଯୋଗ୍ୟତା ଅର୍ଜନକାରୀ ପରୀକ୍ଷା ସମ୍ପାଦନ କରିବାର ଖେଳ ଖେଳିଲେ, ଯାହା ପୁଣିଥରେ ଲକ୍ଷ ଲକ୍ଷ ବିଦ୍ୟାର୍ଥୀଙ୍କ ଜୀବନକୁ ପ୍ରଭାବିତ କଲା। ସରକାର ସେମାନଙ୍କୁ କ୍ଷମା ମାଗିଲେ ନାହିଁ; ପରିବର୍ତ୍ତେ ଏହା ଏକ ଅସ୍ଥାୟୀ ପଦକ୍ଷେପ ଏବଂ ତୁରନ୍ତ ଘଟଣାକୁ ଚପାଇ ଦେବାର ପଦ୍ଧତିକୁ ନେଇ ଆସିଲେ।

କଥା ହେଉଛି ଏୟା ଯେ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ସେହିମାନଙ୍କ ଦ୍ୱାରା ଘଟିଲା, ଯେଉଁମାନଙ୍କୁ ଏହାର ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ନିମନ୍ତେ ନିଯୁକ୍ତ କରା ଯାଇଥିଲା, ତାହା ବ୍ୟବସ୍ଥାରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇଛି, ତାକୁ ସୂଚାଇବା ସହିତ ସରକାର ମଧ୍ୟ ତାଙ୍କ ନାକ ତଳେ ଘଟୁଥିବା ଘଟଣା ବିଷୟରେ କେତେ ଅଜ୍ଞ, ତାକୁ ସାମ୍ନାକୁ ଆଣିଥିଲା। ପୁନଶ୍ଚ, ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ମୂଲ୍ୟାୟନର ଭାର ସରକାର ଅପରାଧିକ ପୃଷ୍ଠଭୂମି ରହିଥିବା ଏକ କମ୍ପାନୀକୁ ଦେବା ତାଙ୍କର ଅପରାଧକୁ ଅଧିକ ବଢ଼ାଇ ଦେଲା। ସବୁଠୁ କଦର୍ଯ୍ୟ କଥା ହେଉଛି, ସତ୍ୟକୁ ସମସ୍ତଙ୍କ ସମ୍ମୁଖକୁ ଆଣିବା ପାଇଁ ସରକାର କିଛି ହେଲେ କଲେ ନାହିଁ; ପ୍ରଭାବିତ ବିଦ୍ୟାର୍ଥୀମାନେ ନିଜେ ନିଜେ ହିଁ ଏହି କାର୍ଯ୍ୟ କଲେ। ପ୍ରତିବାଦକାରୀମାନେ ସେତିକି ବେଳେ ହିଁ ସଡ଼କକୁ ଓହ୍ଲାଇଲେ, ଯେତେବେଳେ ସରକାର ସତେ ଯେମିତି ସବୁକିଛି ଠିକ୍‌ଠାକ୍ ଚାଲିଛି, କେଉଁଠି କିଛି ଅସୁବିଧା ନାହିଁ ସହିତ ଦେଶ ପୁଣିଥରେ ତା'ର ସ୍ୱାଭାବିକ କାମ କରିବାର ପଦ୍ଧତିକୁ ଫେରି ପାରିବ ବୋଲି ଅଭିନୟ କରିବା ଆରମ୍ଭ କରିଦେଲେ। ଅସମ୍ବେଦନଶୀଳ ସରକାର ଏବେ ସୁଦ୍ଧା ନିଜର ପଦକ୍ଷେପରେ ସନ୍ତୁଷ୍ଟ ଏବଂ କହି ଚାଲିଛନ୍ତି ଯେ ନିଟ୍ ପରୀକ୍ଷାକୁ ପୁନର୍ବାର ସୁରୁଖୁରୁରେ ସମ୍ପନ୍ନ କରାଯିବା ବିଦ୍ୟାର୍ଥୀ ସମ୍ପ୍ରଦାୟଙ୍କ ପ୍ରତି ସରକାରଙ୍କର ଯଥେଷ୍ଟ ପରିମାଣରେ ସହାନୁଭୂତି ଓ ପ୍ରତିବଦ୍ଧତାର ପ୍ରମାଣ; ସମାନୁଭୂତି ତ ଦୂରର କଥା, ସରକାରୀ କଳର ଲୋକମାନେ ଏବେ ବି ବୁଝିବାକୁ ନାରାଜ ଲକ୍ଷ ଲକ୍ଷ ପିଲା ଏବଂ ସେମାନଙ୍କର ପରିବାରବର୍ଗ ଏଥି ପାଇଁ କେତେ କଷ୍ଟ ଯନ୍ତ୍ରଣା ଭୋଗ କରିଛନ୍ତି। ପ୍ରାୟ ୨୩ ଜଣ ପିଲା ଏହାକୁ ସହ୍ୟ କରି ନପାରି ମୃତ୍ୟୁର ଶୀତଳ ହାତକୁ ଆଦରି ନେବା ସେମାନଙ୍କ ଉପରେ କିଛି ହେଲେ ପ୍ରଭାବ ପକାଇ ପାରିନାହିଁ।

ତେଣୁ ପ୍ରଧାନମନ୍ତ୍ରୀ ମୋଦୀ, ତାଙ୍କ ସରକାର ଏବଂ ତାଙ୍କ ଦଳ ଏକଥାକୁ ପୂର୍ଣ୍ଣ ପ୍ରାଣରେ ସ୍ୱୀକାର କରିବା ଉଚିତ ଯେ ସରକାର ପ୍ରଥମେ ଭୁଲ୍ କଲେ, ଏବଂ ପୁଣି ଥରେ ଭୁଲ୍ କଲେ ଯେତେବେଳେ ବିଦ୍ୟାର୍ଥୀମାନେ ଯାହାକୁ ସେମାନଙ୍କ ପ୍ରତି ଏକ ଗୁରୁତର ଅନ୍ୟାୟ ବୋଲି ବିବେଚନା କରି ଆଦୌ ଅପରାଧୀ ଭାବରେ ସନ୍ଦେହ ନ କରାଯାଇ ପାରିବା ଭଳି ପ୍ରତିବାଦକାରୀ ବିଦ୍ୟାର୍ଥୀମାନଙ୍କ ଉପରେ ପୁଲିସର ନିର୍ମମତାକୁ ଦେଖାଇବା ନିମନ୍ତେ ସେମାନଙ୍କୁ ଖୋଲା ଛାଡ଼ିଦେଲେ। ତେଣୁ ସେମାନଙ୍କୁ କ୍ଷମା ମାଗିବା ଏକ ନ୍ୟାୟୋଚିତ କର୍ତ୍ତବ୍ୟ; ସେମାନେ ଯେ ଏଥି ପ୍ରତି କ୍ୱଚିତ୍ କିଛି ମୂଲ୍ୟ ଦେଇଥାନ୍ତି, ତାହା ଏକ ସ୍ୱାଭାବିକ ଘଟଣା। ତେଣୁ ସରକାର ନିଜର ଭୁଲ୍ ଏବଂ ଅପାରଗତାକୁ ବୁଝିବାକୁ ଆଗେଇ ଆସନ୍ତୁ ଏବଂ ଯୁବ ବର୍ଗଙ୍କ ସହିତ ଭାବ ବିନିମୟ କରିବାକୁ ଏକ ସଚ୍ଚା ଉଦ୍ୟମ କରନ୍ତୁ। ସେମାନଙ୍କ ସାମ୍ନାରେ ପ୍ରମାଣିତ କରି ଦେଖାଇ ଦିଅନ୍ତୁ ଯେ ଏହି ଘଟଣାର ଭବିଷ୍ୟତରେ ଆଉ ପୁନରାବୃତ୍ତି ହେବନାହିଁ ଏବଂ ଏଥିରେ ସମ୍ପୃକ୍ତ ଥିବା ଦୋଷୀମାନଙ୍କୁ ସେମାନଙ୍କର ଅପରାଧ ନିମନ୍ତେ ବହୁମୂଲ୍ୟ ଦେବାକୁ ପଡ଼ିଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ପୁନର୍ଗଠନ ଏବଂ ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ ଆଇନକୁ କଡ଼ାକଡ଼ି କରିବା ସେମାନଙ୍କୁ କଦାଚିତ୍ ପ୍ରଭାବିତ କରି ପାରିବ, କାରଣ ଅତୀତରେ ସରକାର ଯେଉଁଭଳି ଅପ୍ରଭାବୀ ପଦକ୍ଷେପମାନ ନେଇଥିଲେ, ସେଥିପାଇଁ ଏହି ଘଟଣାର ପୁନରାବୃତ୍ତି ଘଟିଥିଲା। ବିଦ୍ୟାର୍ଥୀମାନଙ୍କ ଆଗରେ ନିଜର ବଡ଼ପଣିଆ ଦେଖାଇ ହେବା କି ସେମାନଙ୍କୁ ଡରାଇବା, ଧମକାଇବା ସେମାନଙ୍କ ଉପରେ କିଛି ହେଲେ ପ୍ରଭାବ ପକାଇବ ନାହିଁ; ନା ମଧ୍ୟ ନିଜକୁ ନିରପରାଧ ଦେଖାଇବାର କୁମ୍ଭୀର କାନ୍ଦଣା କାନ୍ଦିବା। ସାଧୁତା, ସ୍ୱଚ୍ଛତା ଏବଂ ସତ୍ୟବାଦିତାର କୌଣସି ବିକଳ୍ପ ନାହିଁ। ତାହା ସବୁ ପିଢ଼ିଙ୍କ କ୍ଷେତ୍ରରେ କାମ କରିଥାଏ; ଆଉ ଜେନ୍-ଜି ଏଥିରୁ ଆଦୌ ବାଦ୍ ନୁହନ୍ତି।

# ତୋତେ ହିଁ ତୁହି ରକ୍ଷାକର



ସୀତାକାନ୍ତ ତ୍ରିପାଠୀ

ସମ୍ପ୍ରତି ଅଯୋଧ୍ୟା ରାମ ମନ୍ଦିରରେ ଅର୍ଥ ହେରଫେର ନେଇ ତୁମ୍ବିତୋଫାନ ଚାଲିଥିବା ବେଳେ ପୁଣି ବଦ୍ରିଧାମରୁ ଅର୍ଥ ହେରଫେର ହେବା ଘଟଣା ସାଧାରଣ ଜନମାନସରେ ଭୂକମ୍ପନ ସୃଷ୍ଟି କରିଛି। ଏହାକୁ ଆଧାର କରି କିଏ ଧାର୍ମିକ ଭାବନା ପ୍ରତି ତାଚ୍ଛଲ୍ୟ କଲାଣି ତ ଆଉ କିଏ ଏହାକୁ ରାଜନୀତିର ପଶାପାଲି ରୂପେ ବର୍ଣ୍ଣନା କରୁଛି। ଯେଉଁ ରାମ ମନ୍ଦିର ନିର୍ମାଣ ତଥା ଉନ୍ନତି ପାଇଁ ଭକ୍ତମାନେ ଶ୍ରଦ୍ଧାରେ ଦାନ ଅର୍ଥ ପ୍ରଦାନ କରିଥିଲେ, ତାହାକୁ ହେରଫେର କରିବା ବିଧର୍ମୀମାନଙ୍କ ଉଚ୍ଚାରଣ ଓ ଆଚରଣଠାରୁ କ'ଣ କୌଣସି ଗୁଣରେ କମ୍! ଇତିହାସର ବର୍ଣ୍ଣନା ଅନୁଯାୟୀ, ପୂର୍ବରୁ ରାଜା ମହାରାଜାମାନେ ବିଭିନ୍ନ ମଠ, ମନ୍ଦିର, ଧର୍ମାନୁଷ୍ଠାନ ତିଆରି କରି ସେଗୁଡ଼ିକର ସୁପରିଚାଳନା ଏବଂ ସ୍ଥିର ଭବିଷ୍ୟତ ଲକ୍ଷ୍ୟ ନେଇ ସୁନା, ରୂପା, ହୀରା ଆଦି ଗଚ୍ଛିତ କରି ରଖୁଥିଲେ, ଯାହା ଫଳରେ ଯଦି କୌଣସି କାରଣରୁ ଏସବୁ ଅନୁଷ୍ଠାନ ଆର୍ଥିକ ଦୁର୍ଗତିର ସାମ୍ନା କରିବେ, ତା'ହେଲେ ଏସବୁ ମୂଲ୍ୟବାନ ଧାତୁକୁ ବିକ୍ରି କରି ଅନ୍ତତଃ ଦୈନନ୍ଦିନ ପରିଚାଳନା କରାଯାଇ ପାରିବା ସହିତ ବିଭିନ୍ନ ପରିଚାଳନାଗତ ସମସ୍ୟାଗୁଡ଼ିକୁ ସଠିକ୍ ଭାବେ ସମ୍ନା କରିହେବ। ଏହା ବାଦ୍ ଅନୁଷ୍ଠାନଗୁଡ଼ିକ ନାମରେ ଜମିବାଡ଼ି, ପୋଖରୀ ଆଦି ବିଭିନ୍ନ ଭୂସମ୍ପତ୍ତି କରାଯାଇ ସେଗୁଡ଼ିରୁ ସଂଗୃହୀତ ଅର୍ଥକୁ ଦୈନନ୍ଦିନ ପରିଚାଳନା କରିବାର ବ୍ୟବସ୍ଥା କରିଥିଲେ। ଉକ୍ତ ଅନୁଷ୍ଠାନର ସେବକମାନେ କିପରି ବିନା ଦ୍ୱିଧା, ସହଜ, ସରଳ ଏବଂ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଦେବେ ସେଥିପାଇଁ ମଧ୍ୟ ସେମାନଙ୍କ ନାଁରେ ଜମିବାଡ଼ି କରିବା ସହିତ ସନ୍ଦଲିପି ଲେଖିଦେଇ ଯାଇଥିଲେ।

ବିଭିନ୍ନ ସମୟରେ ଅନେକ ବିଧର୍ମୀ ଏବଂ ଲୋଭୀ ଆକ୍ରମଣକାରୀ ରାଜାମାନେ ଉକ୍ତ ମନ୍ଦିରମାନଙ୍କରୁ ଧନସମ୍ପତ୍ତି ଲୁଟ୍ କରି ପୂଜା ପାଉଥିବା ବିଗ୍ରହମାନଙ୍କୁ ଭାଙ୍ଗିରୁଜି ଦେବା ସହିତ ନିଜ ସାଙ୍ଗରେ ନେଇ ଯାଇଥିଲେ, ଯାହାକୁ ଆଧାର କରି ଆମ ଦେଶରେ ଅଦ୍ୟାବଧି ଧର୍ମ-ଧର୍ମ ମଧ୍ୟରେ ହିଂସା, ରକ୍ତପାତ, ପ୍ରତିଶୋଧ ପରାୟଣତା ଲାଗି ରହିଛି। ଲୋକମାନଙ୍କ ମତରେ, ସେମାନେ ଯଦି ଆମ ଧର୍ମର ହୋଇ ଥାଆନ୍ତେ, ତା'ହେଲେ ହୁଏତ ଏ ପ୍ରକାର ଅପକର୍ମ କରିବାରୁ ନିଶ୍ଚିତ ଭାବେ ନିବୃତ୍ତ ରହି ଥାଆନ୍ତେ। ଯଦି ବର୍ତ୍ତମାନର ଧାର୍ମିକ ପରିସ୍ଥିତି ଓ ପରିବେଶ ସହିତ ଠାକୁରଙ୍କ ସମ୍ପତ୍ତି କଥା ଆଲୋଚନା କରାଯାଏ, ତା'ହେଲେ ବିଭିନ୍ନ ମଠ ସହିତ ଠାକୁର ମନ୍ଦିରର ଜମିବାଡ଼ିକୁ କିଛି ଅସାଧୁ ଲୋକ କଳା କୌଶଳ ଲଗାଇ ନିଜ ନାଁରେ କରାଇ ନେଲେଣି। ସେସବୁ ଆଉ ଠାକୁରଙ୍କର ହୋଇ ନାହିଁ। ବରଂ ବ୍ୟକ୍ତିଗତ ସମ୍ପତ୍ତି ହୋଇଗଲାଣି। ପୁରୁଷାନୁକ୍ରମେ ଠାକୁରଙ୍କ ସମ୍ପତ୍ତି ଭୋଗ କରି ଆସୁଥିବା ଏବଂ ସେବା ଯୋଗାଇ ଆସୁଥିବା ପରିବାରଗୁଡ଼ିକ ବର୍ତ୍ତମାନ ନିଜର ପେସା ବଦଳାଇ ଦେବା ଫଳରେ ମନ୍ଦିରମାନଙ୍କରେ ସେବାପୂଜାରେ ମଧ୍ୟ ବ୍ୟାଘାତ ଘଟିବାର ଉଦାହରଣ ସୃଷ୍ଟି ହେଲାଣି। କେବଳ ନିଜ ଧର୍ମର ହୋଇଥିବାରୁ ଏସବୁ ବ୍ୟକ୍ତିବିଶେଷମାନଙ୍କର କାର୍ଯ୍ୟକଳାପଗୁଡ଼ିକ କ'ଣ ଗ୍ରହଣୀୟ? ବିଭିନ୍ନ ଧାର୍ମିକ ଅନୁଷ୍ଠାନଗୁଡ଼ିକରୁ ମୂର୍ତ୍ତି ଚୋରି କରାଯାଇ ତାହା ବିଦେଶକୁ ଉଚ୍ଚ ଦାମ୍‌ରେ ଚାଲାଣ କରାଯାଉଛି, ସତେ ଯେପରି ସେସବୁ ପଣ୍ୟଦ୍ରବ୍ୟ! ଚୋରମାନେ ପୁଣି ଆମ ନିଜ ଧର୍ମର। ତେଣୁ ପୁରାତନ କାଳରୁ ଏ ପର୍ଯ୍ୟନ୍ତ ଆମ ଧାର୍ମିକ ଅନୁଷ୍ଠାନମାନଙ୍କରୁ ଲୁଟ୍‌ପାଟ୍ କରିବା ଏବଂ ସେସବୁକୁ ଭଙ୍ଗାରୁଜା କରିବା ହେତୁ ସେସବୁ ସମ୍ପ୍ରଦାୟମାନଙ୍କ ଉପରେ ରହିଥିବା ଆମର ଘୃଣା ତଥା ଅସୂୟା ଭାବନା କେତେ ମାତ୍ରାରେ ଠିକ୍? ଚୋରି, ଆତଙ୍କବାଦ, ଘୃଣା ତଥା ଧାର୍ମିକ ବିଦ୍ୱେଷ ସୃଷ୍ଟିକାରୀମାନେ କୌଣସି ନିର୍ଦ୍ଦିଷ୍ଟ ଜାତି କିମ୍ବା ଧର୍ମ ମଧ୍ୟରେ ଯେ ସୀମିତ ନୁହନ୍ତି, ତାହା କହିବା ବାହୁଲ୍ୟ ମାତ୍ର। ବରଂ ସେମାନେ ଏକ ଭିନ୍ନ ଗୋଷ୍ଠୀର ବ୍ୟକ୍ତିବିଶେଷ। କାରଣ, ପୃଥିବୀର ସମସ୍ତ ଧର୍ମ ତଥା ଧାର୍ମିକ ଭାବନା ଶାନ୍ତି, ସଦ୍‌ଭାବନା ଏବଂ ଭାଇଚାରା ଉପରେ ପର୍ଯ୍ୟବସିତ। ଯିଏ ଏହି ପ୍ରକାର ଭାବନା ଉପରେ କୁଠାରାଘାତ କଲା, ସିଏ ଧର୍ମଦ୍ରୋହୀ ବା ବିଧର୍ମୀ- ସିଏ ନିଜ ଧର୍ମର ହେଉ କିମ୍ବା ଅନ୍ୟ ଧର୍ମର ହେଉ। ସାଧାରଣତଃ ନିଜର ସୁରକ୍ଷା, ଉନ୍ନତି ଏବଂ ଶାନ୍ତି ପାଇଁ ଆମେ ବିଭିନ୍ନ ଧାର୍ମିକ ଅନୁଷ୍ଠାନକୁ ଯାଇ ପ୍ରାର୍ଥନା, ପୂଜା, ଦାନ-ଧ୍ୟାନ ଆଦି କରିଥାଉ। ଯେତେବେଳେ ଠାକୁର ନିଜେ ସୁରକ୍ଷିତ ନୁହନ୍ତି କିମ୍ବା ଆମ ବିଶ୍ୱାସ ଅନୁଯାୟୀ ସିଏ ରହୁଥିବା ଧର୍ମାନୁଷ୍ଠାନଗୁଡ଼ିକ ତଥା ଅର୍ଥ ସୁରକ୍ଷିତ ନୁହେଁ, ତା'ହେଲେ ଆମେ କାହାକୁ ଗୁହାରି କରିବା?

ଭାଗବତର ବର୍ଣ୍ଣନା ଅନୁଯାୟୀ, ଶ୍ରୀକୃଷ୍ଣ ଜନ୍ମଲାଭ କରି ସାରିବା ପରେ ଯେତେବେଳେ ପିତା ବସୁଦେବ ତାଙ୍କୁ ନେଇ ନନ୍ଦପୁରରେ ଛାଡ଼ିବା ପାଇଁ ବନ୍ଦୀଘର ଛାଡ଼ି ବାହାରକୁ ଆସିଲେ, ସେତେବେଳେ ତାଙ୍କୁ ଅନେକ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିଥିଲା, ଯେଉଁ ସବୁକୁ ସାମ୍ନା କରିବା ଏତେ ସହଜ ଓ ସରଳ ନଥିଲା। ସେଥିପାଇଁ ତାଙ୍କ ପାଟିରୁ ବାହାରି ପଡ଼ିଥିଲା- 'ତୋତେ ହିଁ ତୁହି ରକ୍ଷାକର, ମୁଁ ଛାର ନିମିତ୍ତ ମାତର।' ତେଣୁ ବିଶ୍ୱନିୟନ୍ତା ଯଦି ନିଜର ସୁରକ୍ଷା ନିଜେ ନ କରିବେ, ତାଙ୍କୁ କିଏ ସୁରକ୍ଷା ଦେବ? ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଉଭୟ ଚୋର ଏବଂ ସାଧୁ ହେଉଛନ୍ତି ତାଙ୍କର ସନ୍ତାନ ଏବଂ ସେମାନଙ୍କୁ କିପରି ଶାସନ କରାଯିବ, ସେକଥା ତାଙ୍କୁ ଭଲ ଭାବରେ ଜଣା। ତେଣୁ ତାକୁ ଆଧାର କରି ଧାର୍ମିକ ବିଦ୍ୱେଷ ସୃଷ୍ଟି ହେବା ସହ ରାଜନୀତି ଜୋର୍ ଧରିବା ମାନବିକତାର ପରିପନ୍ଥୀ। ସେମାନେ କେବଳ ଗୋଟିଏ ଧର୍ମକୁ ଆଧାର କରି କେମିତି ନିଜର ସ୍ୱାର୍ଥ ସାଧନ କରିବେ, ସେଥିପାଇଁ ସତତଃ ପ୍ରୟାସ କରିଥାଆନ୍ତି। ଧର୍ମ ସେମାନଙ୍କ ପାଇଁ ବିଶ୍ୱାସ ନୁହେଁ, ବରଂ ଅସ୍ତ୍ର, ଯାହାଦ୍ୱାରା ସେମାନେ ଜନସମର୍ଥନ ଯୋଗାଡ଼ କରି ପାରନ୍ତି କିମ୍ବା ଜନଆକ୍ରୋଶ ମଧ୍ୟ ସୃଷ୍ଟି କରି ପାରନ୍ତି। ତେଣୁ ବିଧର୍ମୀ କେବଳ ନିଜ ଧର୍ମ ବାହାରର ଲୋକ ନୁହନ୍ତି, ବରଂ ନିଜ ଧର୍ମ ଭିତରେ ରହି ଧର୍ମ ପ୍ରତି ଷଡ଼ଯନ୍ତ୍ର ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କୁ କହିଲେ ମଧ୍ୟ ସମୀଚୀନ ହେବ। ତେଣୁ ଦୋଷୀମାନଙ୍କୁ ଚିହ୍ନିବାର ଅଛି; ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଅଛି; କିନ୍ତୁ ଦୋଷୀମାନଙ୍କ ଧର୍ମକୁ ଆଧାର କରି କୌଣସି ଟୀକା ଟୀପ୍ପଣୀ ଦେବା ଅପରିଣାମଦର୍ଶିତାର କାର୍ଯ୍ୟ ହେବ।



ତଳଗୋପବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ
୯୭୭୮୭୬୪୩୯୪

# ଅଭିମାନ ଥିଲେ ବିଦ୍ୟା ମିଳେନା

ଅଭିମାନ ଥିବା ପର୍ଯ୍ୟନ୍ତ ମଣିଷ ବିଦ୍ୟା ଗ୍ରହଣ କରି ପାରେନା। କେବେ ଧନ, ପଦ, ପ୍ରତିଷ୍ଠା, କ୍ଷମତାକୁ ନେଇ ମଣିଷ ଭିତରେ ଅଭିମାନ ବସା ବାନ୍ଧିଥାଏ। ଏଇ ଅଭିମାନ ଶିକ୍ଷା ଗ୍ରହଣ କରିବାର ଦ୍ୱାରକୁ ରୁଦ୍ଧ କରିଦିଏ। ମଣିଷ ନିଜକୁ ଯେତିକି ଅଜ୍ଞାନ ବିଚାର କରେ, ସେ ସେତିକି ବିଦ୍ୟା ଗ୍ରହଣ କରିପାରେ। ନିଜ ଆଖି ଆଗରେ ହାତ ବା କିଛି ଆବରଣ ଦେଇଦେଲେ ଅନ୍ୟ ଦୃଶ୍ୟ ସବୁ ଦେଖି ହୁଏନା। ଠିକ୍ ସେମିତି ମଣିଷ ମନରେ ଅଭିମାନ ରୂପକ ଆବରଣଟିଏ ପଡ଼ିଗଲେ ଅନ୍ୟର ଜ୍ଞାନ, ବୁଦ୍ଧି, ପ୍ରଶଂସା ସହଜରେ ଗ୍ରହଣ କରି ହୁଏନା। ଅଭିମାନ ସବୁବେଳେ ନିଜକୁ ବଡ଼ କରି ରଖିବାକୁ ଚେଷ୍ଟାକରେ। ପ୍ରଶଂସା ଯୋଗାଡ଼ କରେ। ମନେ ରଖିବାକୁ ହେବ, ଅଭିମାନ ଥିବା ଯାଏଁ ଜ୍ଞାନଲାଭ ସହଜରେ ହୁଏନା। ଯେଉଁ ଜ୍ଞାନଲାଭ ହୁଏ, ତାହା କ୍ରିୟାଶୀଳ ହୁଏନା। ଜ୍ଞାନ ଗ୍ରହୀତା ଯେତେ ସରଳ ଓ ନିରଭିମାନ ହେବେ, ବିଦ୍ୟା ଗ୍ରହଣ ସେତେ ପ୍ରାଞ୍ଜଳ ହୋଇ ପାରିବ। ଏ ନେଇ ସନ୍ଥ ଛାନ୍ଦୋଗ୍ୟ ଉପନିଷଦରୁ କଥାଟିଏ କହିଲେ-

ଜାନଶ୍ରୁତି ନାମରେ ଜଣେ ରାଜା ଥିଲେ। ସେ ଖୁବ୍ ଉଦାର, ଦାନୀ, ଧାର୍ମିକ ଓ ସୁଶାସକ ଥିଲେ। ରାଜା ଜାନଶ୍ରୁତି ବ୍ରହ୍ମଜ୍ଞାନ ପ୍ରଭାବରେ ତେଜସ୍ୱୀ ଦେଖା ଯାଉଥାନ୍ତି। ଦିନେ ପୂର୍ଣ୍ଣିମା ରାତିରେ ରାଜା ଦୁଇ ଜଣ ପରିବ୍ରାଜକ ସନ୍ନ୍ୟାସୀଙ୍କଠାରୁ ଶୁଣିବାକୁ ପାଇଲେ ଜଣେ ଶଗଡ଼ିଆ ଅଛନ୍ତି। ସେ ରାଜାଙ୍କଠାରୁ ବଡ଼ ସାଧକ। ତାଙ୍କ ନାଁ ରୈକ୍ୱ। ପରଦିନ ସକାଳେ ରାଜା ଜାନଶ୍ରୁତି ସେବକକୁ ଡକାଇ ଶଗଡ଼ିଆ ମହାତ୍ମା ରୈକ୍ୱଙ୍କ ସମ୍ବନ୍ଧରେ ଅନୁସନ୍ଧାନ କରିବାକୁ ଆଦେଶ ଦେଲେ।

ପବାରବିନ୍ଦ

ସେବକ ରାଜାଙ୍କ ଆଜ୍ଞା ପାଳନ କରି ମହାତ୍ମା ରୈକ୍ୱଙ୍କୁ ଅନେକ ସ୍ଥାନରେ ଖୋଜିଲେ। ବହୁତ ସ୍ଥାନ ଖୋଜିବା ପରେ ଦେଖିଲେ ଗୋଟିଏ ବଳଦ ଗାଡ଼ି ତଳେ ଉଦାସୀନ ହୋଇ ଜଣେ ମଣିଷ ବସିଥିଲେ। ବୋଧହୁଏ ତାଙ୍କୁ କୌଣସି ଚର୍ମରୋଗ ହୋଇଥିଲା। ତେଣୁ ଦେହ କୁଣ୍ଡାଇ ହେଉଥିଲେ। ସେବକଟି ପ୍ରଣାମ କରି ତାଙ୍କୁ ପଚାରିଲା- 'ଆପଣ ଗାଡ଼ିବାଲା ରୈକ୍ୱ କି?' ସେ ହଁ ଭରିଲେ। ରୈକ୍ୱଙ୍କର ମୁଖମଣ୍ଡଳରେ ଅସାଧାରଣ ସନ୍ତୋଷର ଚିହ୍ନ ଫୁଟିଉଠୁଥିଲା। ବ୍ରହ୍ମ ବିଦ୍ୟାର ତେଜରେ ସେ ଜାଜ୍ୱଲ୍ୟମାନ ଦିଶୁଥିଲେ। ସେବକ ଫେରିଆସି ରାଜାଙ୍କୁ ସମସ୍ତ ସୂଚନା ଦେଲା।

ରାଜା ଜାନଶ୍ରୁତି ଛଅ ଶହ ଗାଈ, ଗୋଟିଏ ସୁନା ହାର ଏବଂ ଅଶ୍ୱଚାଳିତ ରଥ ନେଇ ମହାତ୍ମା ରୈକ୍ୱଙ୍କୁ ସାକ୍ଷାତ କରିବାକୁ ଗଲେ। ରାଜା କହିଲେ- 'ମହାତ୍ମା! ଆପଣ ଯେଉଁ ଦେବତାଙ୍କ ଆରାଧନା କରନ୍ତି, ମୋତେ ସେହି ଉପଦେଶ ଦିଅନ୍ତୁ।' ରୈକ୍ୱ ରାଜାଙ୍କୁ ବିଦ୍ୟା ଦେଲେନାହିଁ। ଏସବୁ ଉପହାର ସ୍ୱୀକାର କଲେନାହିଁ। ପୁଣି କିଛି ଦିନ ପରେ ରାଜା ଜାନଶ୍ରୁତି ଏକ ହଜାର ଗାଈ, ଅଶ୍ୱଖଚିତ ରଥ, ବହୁମୂଲ୍ୟ ଅଳଙ୍କାର ଏବଂ ନିଜର ଯୁବତୀ କନ୍ୟାକୁ ନେଇ ପହଞ୍ଚିଲେ ଧର୍ମାତ୍ମା ରୈକ୍ୱଙ୍କ ନିକଟରେ। ସମସ୍ତ ପଦାର୍ଥ ରୈକ୍ୱଙ୍କୁ ପ୍ରଦାନ କଲେ। ନିଜର ସୁଶୀଳା କନ୍ୟାକୁ ବିବାହ କରିବା ପାଇଁ ରୈକ୍ୱଙ୍କୁ ନିବେଦନ କଲେ। ରୈକ୍ୱ ଏସବୁ ଉପହାର ଗ୍ରହଣ କଲା ପରେ ରାଜା ତାଙ୍କୁ ସେହି ଅଧ୍ୟାତ୍ମ ବିଦ୍ୟା ବିଷୟରେ ପଚାରିଲେ। ରୈକ୍ୱ ଜାଣିଲେ ରାଜା ନିଜର କନ୍ୟାକୁ ଜଣେ ଗାଡ଼ିବାଲା ପାଖରେ ସମର୍ପଣ କରିଛନ୍ତି। ଏହା ଭିତରେ ରାଜା ଓ ଗାଡ଼ିବାଲା ମଧ୍ୟରେ ଥିବା ମାନସିକ ଭେଦ ରାଜାଙ୍କ ଭିତରୁ ଚାଲି ଯାଇଛି। ରାଜାର ଅଭିମାନ ତାଙ୍କ ପାଖରେ ନାହିଁ। ଆଧ୍ୟାତ୍ମ ଜ୍ଞାନ ପ୍ରାପ୍ତ ହେବା ପାଇଁ ରାଜାଙ୍କ ଏକାନ୍ତ ନିଷ୍ଠା ଓ ଉତ୍କଣ୍ଠା ଦେଖି ରୈକ୍ୱ ରାଜାଙ୍କୁ ଶ୍ରେଷ୍ଠବିଦ୍ୟା ପ୍ରଦାନ କଲେ। ସେତେବେଳେ ରାଜାଙ୍କ ଭିତରୁ ସମସ୍ତ ଅଭିମାନ ଚାଲି ଯାଇଥିଲା। ଜାତି, କର୍ମ, ଗୁଣ ଭେଦଭାବ କିଛି ହିଁ ନଥିଲା। ରାଜା ମଧ୍ୟ ବୁଝିଥିଲେ ଅଭିମାନ ଥିବା ପର୍ଯ୍ୟନ୍ତ ବିଦ୍ୟା ସହଜରେ ମିଳେନାହିଁ।

# ସରେଦଇପୁର-ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ଶିଳାନ୍ୟାସ



**ନିମାପଡ଼ା,୩।୮/ଏନ୍ଏନ୍ଏସ୍:** ନିମାପଡ଼ା ଜୟଶ୍ରୀ ଛକ ନିକଟରେ ପୂର୍ତ୍ତ ବିଭାଗ ଭୁବେନଶ୍ୱର (୨)ର ସରେଦଇପୁର-ନିମାପଡ଼ା ରାସ୍ତାର ଶିଳାନ୍ୟାସ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜୟେଦବ ବିଧାୟକ ନବକିଶୋର ମଲ୍ଲିକ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସଚ୍ଚିନ କୁମାର ସାହୁ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ନିମାପଡ଼ା ଜୟଶ୍ରୀ ଛକରୁ ସରେଦଇପୁର ପର୍ଯ୍ୟନ୍ତ ୨୩ କୋଟି ବ୍ୟୟରେ ୧୬ କିମି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତିକରଣ କରାଯିବ । ପୂର୍ବରୁ ଏହି ରାସ୍ତାଟି ବାରମ୍ବାର ମରାମତି ହେଉଥିଲା । ଦୁଇ ନିର୍ବାଚନମଣ୍ଡଳୀର ଜନସାଧାରଣ ସହଯୋଗ କଲେ ଏହି ନୂତନ ରାସ୍ତାର ନିର୍ମାଣ କାର୍ଯ୍ୟ ୬ ମାସ ମଧ୍ୟରେ ସରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି । ନିମାପଡ଼ା ଓ ଜୟଦେବ ନିର୍ବାଚନମଣ୍ଡଳୀ ବହୁ ଜନସାଧାରଣ ଉପକୃତ ହେବେ । ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ଏନ୍ଏସି ପ୍ରତିନିଧୀ ମୀନଲତା ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, ଏନ୍ଏସି ଯୁବ ସଭାପତି ସାଇ ପ୍ରୀତମ ପଟ୍ଟନାୟକ, ସମ୍ପାଦକ ଜ୍ୟୋତିରଞ୍ଜନ ସାହୁ, ସନ୍ତୋଷ ଓଝା ଓ ସତ୍ୟ ଭୂଷଣ ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ । ସେହିପରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ୍ ମେସିନ୍ ଗୃହ ଓ ଡିଜିଟାଲ୍ ଏକ୍ସରେ ମେସିନ୍ର ଉଦ୍‌ଘାଟନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ହୋଇଥିଲା । ଉଦ୍‌ଘାଟନ ପରେ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀସେବା ବୁଲି ଦେଖିଥିଲେ । ପରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୀ ସିଡିଏମ୍ଓ ଡା. ଅକ୍ଷୟ କୁମାର ଶତପଥୀ, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ସୁବ୍ରତ କୁମାର ମହାପାତ୍ର, ନିମାପଡ଼ା ବିଡିଓ ଡଃ ଅଭିଜିତ ଷଡ଼ଙ୍ଗୀ ଓ ୱାଟେକୋ ସହକାରୀ ନିର୍ବାହୀ ଯନ୍ତ୍ରୀ ଧର୍ମେନ୍ଦ୍ର ପଟ୍ଟନାୟକଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ନିମ୍ନମାନର ନୂତନ ଗୃହ ଛାତ କାର୍ଯ୍ୟ ଘଟଣା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବିଡିଓଙ୍କ ତଦନ୍ତ



**ମାହାଙ୍ଗା,୩।୮/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତସ୍ଥିତ ପୁରୁଷୋତ୍ତମପୁର ଗ୍ରାମରେ ପ୍ରତିଷ୍ଠିତ ବରୁଣେଇ ୟୁଜିଏମ୍ଇ ବିଦ୍ୟାଳୟର ନୂତନ ଗୃହ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଗ୍ରାମବାସୀ ବିଦ୍ୟାଳୟ ବନ୍ଦ କରିଥିଲେ । ଏହି ବିଦ୍ୟାଳୟର ନୂତନ ଗୃହ ନିମନ୍ତେ ୮ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇ ନିର୍ମାଣ କାର୍ଯ୍ୟ କରାଯାଉଥିଲା । ପ୍ରଥମେ ପୁରୁଣା ଗୃହ ଭଙ୍ଗା ଯାଇଥିଲା । ପରେ ନୂତନ ଗୃହ ଆରମ୍ଭ ହୋଇଥିବା କାର୍ଯ୍ୟରେ ପୁରୁଣା ଗୃହର ଇଟା ଲଗାଯିବା ସହ ନିମ୍ନମାନର ଗୃହ କାର୍ଯ୍ୟ କରାଯାଇଥିଲା ।

ଏହି ବିଦ୍ୟାଳୟର ନୂତନ ଗୃହର ଛାତ କାର୍ଯ୍ୟ ଚାଲୁଥିବା ସମୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅନୁପସ୍ଥିତି ଥିବାରୁ ଏହାର ସୁଯୋଗ ନେଇ ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିଲେ । ଏନେଇ ସ୍ଥାନୀୟ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ଏହି କାର୍ଯ୍ୟର ତଦନ୍ତ ନିମନ୍ତେ ମାହାଙ୍ଗା ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ବିଡିଓ ଶ୍ରୀମତୀ ପୃଷ୍ଟି ବିଦ୍ୟାଳୟରେ ପହଞ୍ଚି ଅଭିଯୋଗକାରୀଙ୍କଠାରୁ ସମସ୍ତ ବିଷୟ ପଚାରି ବୁଝିବା ସହ ହୋଇଥିବା କାର୍ଯ୍ୟର ତଦନ୍ତ କରିଥିଲେ । ଏନେଇ ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ ଯୋଗାଯୋଗ କରିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଅଭିଯୋଗର ତଦନ୍ତ କରିଛି । ଏହି ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯିବ ବୋଲି କହିଥିଲେ । ଏହି ତଦନ୍ତ ସମୟରେ ପଞ୍ଚାୟତ ପିଇଓ ରଜନୀକାନ୍ତ ଦାସ ଉପସ୍ଥିତ ଥିଲେ ।

# 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ




**ବୋଲଗଡ଼,୩।୮/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବୋଲଗଡ଼ ବ୍ଲକ୍ ପ୍ରଶାସନ ପକ୍ଷରୁ ଫାସିଓଦା ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୂତ ବିଭିନ୍ନ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଏବଂ ଅଭିଯୋଗ ଶୁଣାଣି ନେଇ ଆୟୋଜନ ହୋଇଥିଲା । ଏଥିରେ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମିଳିତଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା ଓ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଭଟ୍ଟ, ସମିତିସଭ୍ୟ ପ୍ରଦୀପ କୁମାର ପ୍ରଧାନ, ଗୋଷ୍ଠୀ ବିତ୍ତ ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପବିତ୍ର କୁମାର ସ୍ୱାଇଁ ଓ ସନ୍ତୋଷ କୁମାର ବଳିୟାରସିଂହ ଏଡିଇଓ ପ୍ରମୁଖ ସହାୟତା ସହ ସମସ୍ତ ଅଭିଯୋଗର ସମାଧାନରେ ସହଯୋଗ କରିଥିଲେ । ଏଥିରେ ରାସନ୍ ବାବଦକୁ ଗୋଟିଏ ଅଭିଯୋଗ ଆସିଥିବାବେଳେ ଗୋସୁଗମ ୫ଟି, ଭତ୍ତା ୩ଟି, ପିଏମ୍ କିଷାନ ଓ ସିଏମ୍ କିଷାନରେ ୪ଟି, ଗ୍ରାମୀଣ ଗୃହ ଯୋଜନା ଗୋଟିଏ, ବ୍ୟାଙ୍କ ଲିଙ୍କଜ୍ ଅଫ୍ ଏସ୍ଏଚ୍ଜି ୭ଟି, ଅଟଳ ପେନସନ୍ ଯୋଜନା ୧ଟି ଓ ସୁଭଦ୍ରା ଯୋଜନା ବାବଦରେ ଗୋଟିଏ ଅଭିଯୋଗ ରହିଥିଲା । ଏପରି ବିଭିନ୍ନ ବିଭାଗୀୟ ଶିବିରରେ ମୋଟ୍ ୨୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ତେବେ ତନ୍ମଧ୍ୟରୁ ୧୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ବଳକା ୭ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଶିକ୍ଷା, ଜଳସେଚନ, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ, ପଶୁ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁ ପାଳନ, ମିଶନ୍‌ଶକ୍ତି ଆଦି ବିଭାଗ ଅଂଶଗ୍ରହଣ କରିଥିଲେ । ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ମୁଖ୍ୟ କିରାଣୀ ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରାବଣମାସର ପ୍ରଥମ ସୋମବାର

# ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ପ୍ରଭୁ ଧବଳେଶ୍ୱର



**ଚୌଦ୍ୱାର,୩।୮/ଏନ୍ଏନ୍ଏସ୍:** ଶ୍ରାବଣ ମାସର ପ୍ରଥମ ସୋମବାରରେ ପ୍ରଭୁ ଧବଳେଶ୍ୱର ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଚଳିତ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଧବଳେଶ୍ୱର ପୀଠରେ ଜଳାଭିଷେକ କରିବା ପାଇଁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବାରଣ ସହ କଟକଣା ଜାରି କରାଯାଇଥିବାବେଳେ ଗୁରୁବାର ସଂଧ୍ୟାରେ ଏହି କଟକଣାକୁ ଉଠାଯାଇଥିଲେ ମଧ୍ୟ ବହୁ କାଉଡ଼ିଆ ଆଶା ଆଶଙ୍କାରେ ପୀଠକୁ ଆସି ପାରିନଥିଲେ । ଫଳରେ ଆଜି ପୀଠରେ କାଉଡ଼ିଆଙ୍କ ସେଭଳି ଭିଡ଼ ପରିଲକ୍ଷିତ ହୋଇପାରିନଥିଲା । ଠାକୁରଙ୍କୁ ୧୦୮ ଗରା ସୁବାସିତ ଜଳରେ ମହାସ୍ନାନ, ମଙ୍ଗଳ ଆଳତୀ ଓ ପହିଲି ଧୂପ କରାଯିବା ପରେ ବାବାଙ୍କୁ ଜଳାଭିଷେକ କରାଯାଇ କ୍ଷୀର, ଦହି, ମହୁ, ଘିଅ ଓ ଛେନାରେ ଘର୍ଷଣ କରାଯିବା ପରେ ଠାକୁରଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲା ଯାଇଥିଲା । ଏହାସହ ଠାକୁରଙ୍କୁ ବିଭିନ୍ନ ପ୍ରକାର ସୁବାସିତ ଫୁଲରେ ରାଜରାଜେଶ୍ୱର ବେଶରେ ସାଜିବା ସହ ଖେଚୁଡ଼ି ଭୋଗ ଲାଗି କରାଯିବା ପରେ ମାନସିକଧାରୀ କାଉଡ଼ିଆମାନେ ଠାକୁରଙ୍କ ପାଖରେ ଜଳଲାଗି କରିଥିଲେ । କାଉଡ଼ିଆ ଓ ଭକ୍ତଙ୍କ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଥିବାବେଳେ ଦେବୋତ୍ତର ବିଭାଗ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ଗୁରୁଡ଼ିଝାଟିଆ ଥାନାଧିକାରୀ ଶୁଭେନ୍ଦୁ ମିଶ୍ର ପ୍ରକାଶ କରିଛନ୍ତି । ପରେ ଦିନ ୯ଟାରେ ନୀତିଧୂପ କରାଇ ୧୦ ମିନିଟ୍ ପାଇଁ ପହୁଡ଼ ପକାଯାଇଥିଲା । ସଂଧ୍ୟାରେ ଆଳତୀ ହେବା ପରେ ସୋମବାର ମେଳା ଚାଲିଥିଲା ଏବଂ ରାତିରେ ଚୂଡ଼ାଘଷା ଲାଗି କରାଯାଇ ଠାକୁରଙ୍କ ପହୁଡ଼ ପକାଯାଇଥିଲା ।

# ଲଡୁବାବାଙ୍କ ପୀଠରେ ଭକ୍ତଙ୍କ ଜଳଲାଗି

**ଶରଣକୁଳ:** ଶ୍ରାବଣ ମାସର ପ୍ରଥମ ସୋମବାରରେ ଶରଣକୁଳ ଲଡୁବାବାଙ୍କ ପୀଠରେ ହାଜର ହଜାର ବୋଲବମ୍ ଭକ୍ତ ମନୋସ୍କାମନା ପୂରଣ ନିମନ୍ତେ ଜଳାଭିଷେକ କରିଛନ୍ତି । ଜିଲ୍ଲା ଓ ବାହାର ଜିଲ୍ଲାର ମାନସିକଧାରୀ କାଉଡ଼ିଆମାନେ କଣ୍ଟିଲୋସ୍ଥିତ ନୀଳମାଧବ ପୀଠ ମହାନଦୀରୁ ପାଣି ଉଠାଇ ପାଣି ଭାର ଧରି ପ୍ରାୟ ୫୦ କିଲୋମିଟର୍ ରାସ୍ତା ଚାଲି ଚାଲି ଆସି ଲଡୁବାବାଙ୍କ ପୀଠରେ ପହଞ୍ଚିଥିଲେ । ମହିଳାମାନେ ଶୃଙ୍ଖଳାର ସହ ଜଳ ଢାଳିବା ପାଇଁ ଶୈବ ସେବାୟତ କର୍ମକର୍ତ୍ତା, ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ରାତି ପ୍ରାୟ ଗୋଟାଏ ପରେ ଠାକୁରଙ୍କ ପହୁଡ଼ ଭଙ୍ଗାଯାଇ ଅବକାଶ ନୀତି କରାଯାଇଥିଲା । ପରେ ସୁଆରସାହି ମାଳି ସେବାୟତଙ୍କ ସହଯୋଗରେ କାଉଡ଼ିଆମାନେ ଠାକୁରଙ୍କୁ ଜଳାଭିଷେକ କରିଥିଲେ । ବହୁ ଭକ୍ତଙ୍କ ସମାଗମରେ ଶରଣକୁଳ ରବିବାର ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା । ସମଗ୍ର ଶରଣକୁଳ ଅଞ୍ଚଳ କାଉଡ଼ିଆମୟ ହୋଇପଡ଼ିଥିବାବେଳେ ରାତିରେ ବିଶ୍ରାମ କରିବାକୁ ମହିଳାଙ୍କ ପାଇଁ ମନ୍ଦିର ବେଢ଼ାରେ ଏବଂ ପୁରୁଷଙ୍କ ପାଇଁ ଯାତ୍ରା ପଡ଼ିଆରେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ରାତି ୧୨ଟା ପରେ ମନ୍ଦିର ସିଂହଦ୍ୱାରର ଉଭୟ ପାର୍ଶ୍ୱରେ ଲମ୍ବା ଧାଡ଼ିରେ କାଉଡ଼ିଆମାନେ ବ୍ୟାରିକେଟ୍ ଦ୍ୱାରା ମନ୍ଦିର ଭିତରକୁ ପ୍ରବେଶ କରି ବାବାଙ୍କ ପାଖରେ ଜଳାଭିଷେକ କରିଥିଲେ । ହରହର ମହାଦେବ ଓ ଜୟ ଲଡୁବାବା ଧ୍ୱନିରେ ମନ୍ଦିର ଚର୍ତୁପାର୍ଶ୍ୱ ପ୍ରକମ୍ପିତ ହୋଇପଡ଼ିଥିଲା । ମାଧ୍ୟାହ୍ନରେ ଭକ୍ତମାନେ ଜଳଲାଗି କରିସାରିବା ପରେ ଠାକୁରଙ୍କ ସକାଳର ସମସ୍ତ ନୀତି ସମାପନ କରାଯାଇ ପହଡ଼ ପଡ଼ିଥିଲା । ସେହିପରି ବାବା ଦ୍ୱତୀକେଶ୍ୱର, ମଧୁକେଶ୍ୱର ଓ ସ୍ୱପ୍ନେଶ୍ୱର ପୀଠରେ ଶାନ୍ତି ଶୃଙ୍ଖଳାରେ କାଉଡ଼ିଆ ଜଳଲାଗି କରିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ପୁରୀ,୩।୮/ଏନ୍ଏନ୍ଏସ୍:** ସଦ୍‌ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିବା ସହ ଅଭିଯୋଗର ଶୁଣାଣି କରିଥିଲେ । ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଯେଉଁ ବିଭାଗକୁ ଅଭିଯୋଗପତ୍ର ପଠାଯାଉଛି ଆଇନ ଅନୁଯାୟୀ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୋଟ୍ ୧୦୪ଟି ଅଭିଯୋଗପତ୍ର ମିଳିଥିଲା । ସେଥିରୁ ବ୍ୟକ୍ତିଗତ ୯୫ଟି, ସାମୁହିକ ୫ଟି ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୪ଟି ଆବେଦନ ପତ୍ର ମିଳିଥିଲା । ତତକ୍ଷଣାତ୍ ୩ଟିର ସମାଧାନ ହୋଇଥିଲା । ଅନ୍ୟ ଗୁଡ଼ିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା । ଏହି ଶିବିରରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତି, ପୁରୀ ମୁନିସିପାଲ୍ କମିଶନର୍ ଯୁଗ୍ମ କମିଶନର୍ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା ଓ ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଆସନ୍ତା ୧୦ ତାରିଖ କୃଷ୍ଣ ପ୍ରସାଦ ବ୍ଲକ୍ ସମ୍ମିଳନୀ ଗୃହରେ, ୧୭ ତାରିଖ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ ଗୃହରେ, ୨୪ ତାରିଖ ସତ୍ୟବାଦୀ ବ୍ଲକ୍ ସମ୍ମିଳନୀ ଗୃହରେ ଓ ୩୧ ତାରିଖ ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀ ଗୃହରେ ଦିବା ୧୦ଟାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି ।

## ଖୋର୍ଦ୍ଧାରେ ଦାଦାବଟି ପାଇଁ ଗୁଳିକାଣ୍ଡ

# ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ, ୮ ଗିରଫ



**ଖୋର୍ଦ୍ଧା,୩।୮/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ପାନବରଜ ସଦକା ସାହିରେ ଦାଦାବଟିକୁ କେନ୍ଦ୍ର କରି ଘଟିଥିବା ଗୁଳିକାଣ୍ଡ ଘଟଣାରେ ପୁଲିସ୍ ବଡ଼ ସଫଳତା ପାଇଛି । ଏହି ମାମଲାରେ ୮ ଜଣ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିଥିବାବେଳେ ଗୋଟିଏ ବିଦେଶୀ ପିସ୍ତଲ୍, ୪ ରାଉଣ୍ଡ୍ ଜୀବନ୍ତ ଗୁଳି, ୨ଟି କାର୍, ଗୋଟିଏ ସ୍କୁଟି, ୬ଟି ମୋବାଇଲ୍ ଫୋନ୍ ଓ ନଗଦ ୯,୫୦୦ ଟଙ୍କା ଜବତ କରିଛି । ଏନେଇ ଆରକ୍ଷୀ ଅଧୀକ୍ଷକ ପରମାରସ୍ମିତ ପାରୋସତ୍ତମଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନାନୁଯାୟୀ ଜାକରା ଗ୍ରାମର ଦିବ୍ୟଜ୍ୟୋତି ମିଶ୍ରଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଥିଲା । ଉକ୍ତ ଅଭିଯୋଗରେ ସୂର୍ଯ୍ୟକାନ୍ତ ମହାନ୍ତି ଓ ତାଙ୍କ ସହଯୋଗୀମାନେ ପାନବରଜ ମୌଜାରେ ପ୍ଲଟିଂ ବ୍ୟବସାୟ କରୁଥିବାବେଳେ ୫ ଲକ୍ଷ ଟଙ୍କା ଦାଦାବଟି ଦାବି କରିଥିଲେ । ଟଙ୍କା ଦେବାକୁ ମନା କରିବା ପରେ ଜରିପୁଟ ହନୁମାନ ମନ୍ଦିର ନିକଟରେ ତାଙ୍କୁ ଅଟକାଇ ଧମକ ଦେଇଥିଲେ । ପରବର୍ତ୍ତୀ ସମୟରେ ପାନବରଜ ସଦକା ସାହିରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚ୍‌ସା ହୋଇଥିବାବେଳେ ସୂର୍ଯ୍ୟ ନାରାୟଣ ମହାନ୍ତି ଅଭିଯୋଗକାରୀଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ । ଗୁଳିଟି ଅନିଲ ଛୋଟରାୟଙ୍କ କାନ୍ଧରେ ବାଜିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ଏସ୍‌ପି ଶ୍ରୀ ପରଶୋତ୍ତମଦାସଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୮ ଜଣଙ୍କୁ ଗିରଫ କରିଥିଲା । ଘଟଣାର ଅଧିକ ତଥ୍ୟ ପାଇଁ ପୁଲିସ୍ ତଦନ୍ତ ଜାରି ରଖିଛି ।

# ସ୍ୱାଧୀନତା ଦିବସ ନିମନ୍ତେ କୋଣାର୍କ ଏନ୍ଏସିର ପ୍ରସ୍ତୁତି



**କୋଣାର୍କ,୩।୮/ଏନ୍ଏନ୍ଏସ୍:** ଆସନ୍ତା ୧୫ ତାରିଖରେ ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ କୋଣାର୍କ ଏନ୍ଏସି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କୋଣାର୍କ ଥାନା ଏସ୍ଆଇ କେଦାର ଚନ୍ଦ୍ର ଡୋରା, ଅଗ୍ନିଶମ ଅଧିକାରୀ ବିଚିତ୍ର ଚୌଧୁରୀ, କାଉନସିଲର୍ ସମୟ ରଞ୍ଜନ ସାହୁ, କୃଷ୍ଣ ପ୍ରିୟା ନାୟକ, ସ୍ୱପ୍ନାରାଣୀ ଗୋଛାୟତ, କୋଣାର୍କ ଏନ୍ଏସି ବରିଷ୍ଠ କର୍ମଚାରୀ ଭାଗିରଥୀ ବରାଳଙ୍କ ସମେତ ୨୩ଟି ସ୍କୁଲ୍‌ର ପ୍ରଧାନଶିକ୍ଷକ, ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସ୍ୱାଧୀନତା ଦିବସ ପାଳନ ପାଇଁ ସକାଳ ୬ଟାରେ ପ୍ରଥମେ ରାମଧୁନ ଓ ପ୍ରଭାତଫେରି କରାଯିବା ପରେ ସକାଳ ୮ଟା ୪୫ରେ ପତାକା ଉତ୍ତୋଳନ ସହ ୮ଟା ୫୦ରେ ଜାତୀୟ ସଙ୍ଗୀତ ପରିବେଷଣ କରାଯିବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଥିଲା । ମୁଖ୍ୟଅତିଥି ଓ ଅତିଥିଙ୍କ ଭାଷଣ ସରିବା ପରେ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯିବା ପରେ ୯ଟା ୧୫ ମିନିଟ୍‌ରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ୟାରେଡ୍ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଥିଲା । ପରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସ୍କୁଲ୍, କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷଣ, ରଚନା, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା, ଫ୍ୟାନ୍ସିଡ୍ରେସ୍ ପ୍ରତିଯୋଗିତା ପରି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ ନିମନ୍ତେ ବରିଷ୍ଠ ବ୍ୟକ୍ତିଙ୍କ ମନୋନୟନ, ଦଶମ ଓ ଦ୍ୱାଦଶଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ଏବଂ ଉତ୍ସବ ପାଳନ ନିମନ୍ତେ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକକୁ କୋଣାର୍କ ଅଞ୍ଚଳର ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ୍ ରାମକୃଷ୍ଣ ମହାନ୍ତି ପରିଚାଳନା କରିଥିଲେ ।

# ଭଗବତୀ ହାଇସ୍କୁଲ୍‌ରେ ପରିଚାଳନା କମିଟି ଗଠିତ



**ବଳଙ୍ଗା,୩।୮/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ଭଗବତୀ ହାଇସ୍କୁଲ୍‌ରେ ରୁପଦେଇପୁର ପରିଚାଳନା କମିଟି ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଶିକ୍ଷାଧିକାରୀ ପିତବାସ ସେଠୀ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭସ୍ମିତା ମଲ୍ଲିକ ବିଦ୍ୟାଳୟ ପରିଚାଳନା କମିଟି ଗଠନ ବିଷୟରେ ଗୃହର ସମସ୍ତ ସଦସ୍ୟଙ୍କୁ ବୁଝାଇବା ପରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ରାଜେଶ କୁମାର ମହାନ୍ତି ଏବଂ ଉପସଭାପତି ଭାବେ ଗୀତାଞ୍ଜଳି ଦାଶଙ୍କୁ ମନୋନୀତ କରାଯାଇଥିଲା । ଏତଦ୍‌ବ୍ୟତୀତ କମିଟି ବିଦ୍ୟାଳୟର ସମସ୍ତ ନିର୍ମାଣ କାର୍ଯ୍ୟ ସହ ପାଠପଢ଼ା ସମସ୍ତ ଶୈକ୍ଷିକ ଅଣଶୈକ୍ଷିକ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଧାନଶିକ୍ଷକ ଗୃହକୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଲକ୍ଷ୍ମୀପ୍ରୀୟା ସାହୁ, ଗଣେଶ ସିକାରୀ, ରାଜନ୍ ପ୍ରଧାନ,ରିତା ଜେନା, ରଞ୍ଜନ ବେହେରା ଓ ଶିବାନୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଖିଳ ମିନିଟ୍ରକ୍ ସଂଘ ପକ୍ଷରୁ ବନ୍ୟା ସହାୟତା



**ବୟାଳିଶମୌଜା,୩।୮/ଏନ୍ଏନ୍ଏସ୍:** ନିଖିଳ ମିନିଟ୍ରକ୍ ମାଲିକ ମହାସଂଘ ପକ୍ଷରୁ ବନ୍ୟା ବିପନ୍ନଙ୍କ ନିମନ୍ତେ ଝିଙ୍କିରିଆ ଗ୍ରାମ୍ୟ କମିଟି ସେବାକାର୍ଯ୍ୟ ଓ ସହଯୋଗର ହାତ ବଢ଼ାଇଛି । ଏଥିରେ ଗ୍ରାମର ଅଧିକାରୀ ଚିନ୍ମୟ ଦେବତାଙ୍କ ତତ୍ତ୍ୱାବଧାନରେ ଝିଙ୍କିରିଆ ଗ୍ରାମର ମାତୃଶକ୍ତିର ସମସ୍ତ ମହିଳାମାନେ ଏକତ୍ରିତ ହୋଇ ୨୦ କୁଇଣ୍ଟାଲ୍ ଚୁଡ଼ା ସହିତ ବିସ୍କୁଟ୍, ଚିନି ଓ ପାଣି ଆଦି ପ୍ୟାକେଟ୍ ସେବାକାର୍ଯ୍ୟ କରିଥିଲେ । ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଆଦି ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟା ଯାଇଥିଲା । ଏଥିରେ ରାଜ୍ୟର ନିଖିଳ ମିନିଟ୍ରକ୍ ମାଲିକ ମହାସଂଘ ଏତତ୍‌ବ୍ୟତୀତ ଝିଙ୍କିରିଆ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟମାନେ ଏକତ୍ରିତ ହୋଇ ବନ୍ୟାଞ୍ଚଳରେ ରିଲିଫ୍ ବାଣ୍ଟିଥିଲେ ।

## ବନ୍ୟାଜଳରେ ଚାଷ ଜମି ନଷ୍ଟ

# 'ଚିତ୍ରୋତ୍ପଳା ଗୁଆଳିନସୀର ସୁରକ୍ଷା ପାଇଁ ସ୍ଥାୟୀ ସମାଧାନ କରାଯିବ'



**ସାଲେପୁର,୩।୮/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ୍ ତରିଡୋ ପଞ୍ଚାୟତ ଚିତ୍ରୋତ୍ପଳା ନଦୀ ଗୁଆଳିନସୀରେ ବନ୍ୟାଜଳରେ ବ୍ୟାପକ ଭାବେ କୂଳଖାଇ ଏକର ଏକର ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇଯାଇଛି । ମହାନଦୀରୁ ଚିତ୍ରୋତ୍ପଳା ନଦୀର ଉତ୍ପତ୍ତିସ୍ଥଳରେ ଏଭଳି ସ୍ଥିତି ଦେଖି ଦ୍ୱୀପାଞ୍ଚଳ ପ୍ରାୟ ୨୫ଟି ପଞ୍ଚାୟତର ଜନସାଧାରଣ ଭୟରେ ଦିନ କାଟୁଥିବା ଦେଖାଯାଇଥିଲା । ଶହ ଶହ ଏକର ପନିପରିବା ଚାଷ ଜମି ବନ୍ୟାଜଳରେ ବୁଡ଼ି ନଷ୍ଟ ହୋଇଯାଇଛି । ଚାଷୀକୂଳ ଜୀବିକା ହରାଇ ହତାଶ ହୋଇପଡ଼ିଛନ୍ତି । ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ଓ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ସ୍ଥିତି ଅନୁଧ୍ୟାନ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ କଥା ହେବା ପରେ ଅସ୍ଥାୟୀ ଭାବେ ଅତଡ଼ା ଖାଉଥିବା ସ୍ଥାନକୁ ବଲ୍ହା ଓ ବାଲିବସ୍ତା ଦେଇ ମରାମତି କରାଯାଇଥିଲା । ଏବେ ନଦୀରେ ପାଣି କମୁଥିବା ଦେଖାଯାଇଛି । ସେହି ସ୍ଥାନକୁ ଦୁଇ ଦୁଇ ଥର ଯାଇଥିବା କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ତଥା ସାଲେପୁର ବିଜେପି ନେତା ଡ. ହିମାଂଶୁ ମହାନ୍ତି ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଏବେ ଏହି ଚିତ୍ରୋତ୍ପଳା ନଦୀ ମୁହାଣ ଗୁଆଳିନସୀର ସୁରକ୍ଷା ପାଇଁ ସ୍ଥାୟୀ ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଡ. ମହାନ୍ତି କହିଛନ୍ତି । ଏବିଷୟରେ ସେ ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି ।

## ୯୬ ଲକ୍ଷର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ



**ବାରିପଦା,୩।୮/ଏନ୍‌ଏନ୍‌ଏସ୍‌:** ବାରିପଦା ସହରର ଭିତ୍ତିଭୂମି ବିକାଶକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ୯୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨ଟି ଜନହିତକାରୀ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଉନ୍ନତି ଯୋଜନା ଅନ୍ତର୍ଗତ ଜନସାଧାରଣଙ୍କ ଦୀର୍ଘଦିନର ଦାବି ଓ ଅଭିଯୋଗର ସମାଧାନ ପାଇଁ ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି। ୩ ନମ୍ବର ୱାର୍ଡ ଅନ୍ତର୍ଗତ ବାଘଡ଼ାରୋଡ୍‌ରୁ ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଏବଂ ଶୁକଯୋଡ଼ା ନାଳ ଉପରେ ନିର୍ମିତ ପୋଲକୁ ମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ୪୮ ଲକ୍ଷ ୨୬ ହଜାର ଟଙ୍କା ଅଟକଳ ମୂଲ୍ୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ସେହିପରି ପାଲବଣୀ ୧୮ ନମ୍ବର ଜାତୀୟ ରାଜପଥଠାରୁ ନିକୋ ପଛପଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୪୮ ଲକ୍ଷ ୧୫ ହଜାର ଟଙ୍କାର ଅଟକଳରେ ଶିଳାନ୍ୟାସ କରାଯାଇଛି। ଏହି ରାସ୍ତା ପାଇଁ ସହରର ୨୫ ଓ ୨୮ ନମ୍ବର ୱାର୍ଡବାସୀ ଦୀର୍ଘ ୪୦ ବର୍ଷ ହେବ ଦାବି କରିଆସୁଥିଲେ। ସହରବାସୀଙ୍କ ଦୀର୍ଘଦିନର ସମସ୍ୟା ସମାଧାନ କରିବା ଏବଂ ଗମନାଗମନକୁ ସୁଗମ କରିବା ଆମ ସରକାରଙ୍କ ପ୍ରାଥମିକତା। ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଉନ୍ନତି ଯୋଜନା ମାଧ୍ୟମରେ ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି। ବାରିପଦା ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆଗାମୀ ଦିନରେ ଏପରି ଆହୁରି ଅନେକ ଜନକଲ୍ୟାଣକାରୀ ଯୋଜନା ହାତକୁ ନିଆଯିବ ବୋଲି ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ପୌରପାଳିକା ଅଧିକାରୀ, ବିଭାଗୀୟ ଅଧିକାରୀ ଓ ବହୁସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

### ମାସା ଆର୍ମୀ ସଂଗଠନ ପକ୍ଷରୁ ବିକ୍ଷୋଭ

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ବଦଳି ଦାବି




**ବାରିପଦା,୩।୮/ଏନ୍‌ଏନ୍‌ଏସ୍‌:** ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ବଦଳି କରିବା ଦାବିରେ ମାସା ଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରାଉ କରାଯାଇ ଜୋରଦାର୍ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ବଦଳି ନକଲେ ଚଳିତ ମାସ ୧୧ ତାରିଖ ମୟୂରଭଞ୍ଜ ବନ୍ଦ ହେବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ସ୍ମାରକପତ୍ରରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ବଦଳି କରାଯିବା, ସରକାରଙ୍କ ୩ ବର୍ଷିଆ ବଦଳି ନିୟମକୁ ସମସ୍ତ ସରକାରୀ ବିଭାଗରେ କଡ଼ାକଡ଼ି ଭାବେ ଲାଗୁ କରିବା, ବିପଦସଙ୍କୁଳ ଅବସ୍ଥାରେ ଥିବା ମୟୂରଭଞ୍ଜର ସମସ୍ତ ବିଦ୍ୟାଳୟକୁ ଚିହ୍ନଟ କରି ତୁରନ୍ତ ମରାମତି କରାଯିବା ସହ ଭିତ୍ତିଭୂମିର ବିକାଶ କରାଯିବା, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରାଯାଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା, ଛାତ୍ରଛାତ୍ରୀଙ୍କୁ ପ୍ରୋଟିନ୍‌ଯୁକ୍ତ ଓ ପୌଷ୍ଟିକ ମଧ୍ୟାହ୍ନଭୋଜନ ନିୟମିତ ଭାବେ ପ୍ରଦାନ କରିବା, ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ ପାଠ୍ୟପୁସ୍ତକ ପ୍ରଦାନ କରାଯିବା ଭଳି ଦାବିମାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ମୁର୍ମୁ, ରାଜ୍ୟ ସମ୍ପାଦକ ପଦ୍ମଲୋଚନ ମୁର୍ମୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଟିକା ବାଦଲ ମାରାଣ୍ଡି, ବାରିପଦା ଉପଖଣ୍ଡ ସଭାପତି ଶଙ୍କର ବାସ୍କେ, କୃଷ୍ଣ ଟୁଡୁ, ବିଶୁ ମୁର୍ମୁ, ଚାନ୍ଦ୍ରାୟ ମାରାଣ୍ଡି, ରାଜେଶ ମାରାଣ୍ଡି, ବାଦଲ ମୁର୍ମୁ, ରାଇସେନ ମୁର୍ମୁ, ଦୀପକ ହେମ୍ବ୍ରମ୍, ସୁବାଷ ମୁର୍ମୁ, ବୀରଭୀମ ମାରାଣ୍ଡି, ପି ଏସ୍ ମେମ୍ବର୍ ସୁନୀଲ କୁମାର ଟୁଡୁ, ସରପଞ୍ଚ ମଙ୍ଗଲ ବ୍ରଜେଶ ମୁର୍ମୁ, ଅବିନାଶ ମାରାଣ୍ଡି, ଚିତ୍ତ ମାରାଣ୍ଡି, ବିକ୍ରମ ମୁର୍ମୁ, ଗୌରୀଶଙ୍କର ଟୁଡୁ, ମିଥୁନ ମାରାଣ୍ଡି, ଲାଲମୋହନ ବାସ୍କେ ଓ ଧରମବୀର ହେମ୍ବ୍ରମ୍ ପ୍ରମୁଖ ସାମିଲ୍ ଥିଲେ।

## ବେଆଇନ୍ ସ୍କ୍ରାପ୍ କାରବାର, ୨ ଗିରଫ

**ଯୋଡ଼ା,୩।୮/ଏନ୍‌ଏନ୍‌ଏସ୍‌:** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଲକ୍ଷ୍ମୀ ମନ୍ଦିର ନିକଟସ୍ଥ ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ୍ ଭାବେ ସ୍କ୍ରାପ୍ ସାମଗ୍ରୀ କାରବାର ଚାଲିଥିବା ନେଇ ଅଭିଯୋଗ ହେବାରୁ ସୋମବାର ଯୋଡ଼ା ପୁଲିସ୍ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ସ୍କ୍ରାପ୍ ସାମଗ୍ରୀ ବୋଝେଇ ହେଉଥିବା ଏକ ଟ୍ରକ୍‌କୁ ଜବତ କରାଯିବା ସହ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ପୁଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀଧର ମହାନ୍ତି ଓ ଟ୍ରକ୍ ଚାଳକ ସୁନୀଲ ଗୁପ୍ତା। ଲକ୍ଷ୍ମୀଧରଙ୍କ ଘରେ ଦୀର୍ଘଦିନ ଧରି ବେଆଇନ୍ ଭାବେ ସ୍କ୍ରାପ୍ ସାମଗ୍ରୀ ସଂଗ୍ରହ ଓ ଚୋରାଚାଲାଣ କରାଯାଉଥିବା ନେଇ ସ୍ଥାନୀୟସ୍ତରରେ ଅଭିଯୋଗ ଉଠୁଥିଲା। ସୋମବାର ସକାଳେ ସ୍କ୍ରାପ୍ ସାମଗ୍ରୀ ଏକ ଟ୍ରକ୍ ଯୋଗେ ଚୋରା ଭାବେ ବାହାରକୁ ଚାଲାଣ ହେବାକୁ ଥିବା ନେଇ ବିଶେଷ ସୂତ୍ରରୁ ସୂଚନାପାଇ ଯୋଡ଼ା ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା। ଏହି ସମୟରେ ସ୍କ୍ରାପ୍ ବୋଝେଇ ଟ୍ରକ୍‌କୁ ପୁଲିସ୍ ଜବତ କରିଥିଲା। ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଥିବାବେଳେ ବେଆଇନ୍ ସ୍କ୍ରାପ୍ କାରବାର ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିଲେ ସେମାନଙ୍କ ବିରୋଧରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଡ଼ା ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି।

# ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ 'ନିଶାମୁକ୍ତ ଯୁବ ଅଭିଯାନ'




**କେନ୍ଦୁଝର,୩।୮/ଏନ୍‌ଏନ୍‌ଏସ୍‌:** ଜାତୀୟ ସେବା ଯୋଜନା, ଧରଣୀଧର ବିଶ୍ୱବିଦ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ 'ନିଶାମୁକ୍ତ ଯୁବା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ, ଗୋନାଶିକା ମହାବିଦ୍ୟାଳୟ ଓ କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ବ୍ରହ୍ମାକୁମାରୀ ଈଶ୍ୱରୀୟ ମହାବିଦ୍ୟାଳୟ ଭଉଣୀମାନେ ଓ କେନ୍ଦୁଝର ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ଯୁବ ସ୍ୱେଚ୍ଛାସେବୀ ମିଶି ମୋଟ୍ ୪୦୭ ଜଣ ଅଂଶଗ୍ରହଣ କରିଥିଲେ। ଧରଣୀଧର ବିଦ୍ୟାଳୟର କୁଳପତି ଡକ୍ଟର ସଞ୍ଜୟ କୁମାର ପାତ୍ର ମୁଖ୍ୟଅତିଥି ଭାବ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ 'ନିଶାମୁକ୍ତ ଯୁବା' ସଙ୍କଳ୍ପ ପାଠ କରାଇଥିଲେ ଏବଂ ନିଶାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଥିଲେ। କୁଳସଚିବ ସୁଶ୍ରୀ ସରିତା ପୃଷ୍ଟି, ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରିଚାଳିକା ବିନ୍ଦୁ ଭଉଣୀ ସମ୍ମାନିତ ଅତିଥି, ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତ ବତ୍ସଳ ମହାନ୍ତି ବିଶେଷ ଅତିଥିଭାବେ ଯୋଗଦେଇ ବିକଶିତ ଭାରତ ଗଠନରେ ଯୁବକର ଭୂମିକା, ନିଶାମୁକ୍ତ ଯୁବା ଅଭିଯାନକୁ ସଫଳ କରିବା, ଯୁବଗୋଷ୍ଠୀ ନିଶାଠାରୁ ଦୂରେଇ ରହିବା ଓ ଯୋଗ ପ୍ରାଣାୟାମ କରିବା ବିଷୟରେ ବୁଝାଇଥିଲେ। ଭିଡ଼ିଓ ସ୍କ୍ରିନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ନିଶାମୁକ୍ତ ଯୁବା'ର ବାର୍ତ୍ତା ଶୁଣିଥିଲେ। ଜାତୀୟ ସେବା ଯୋଜନାର ବ୍ୟୁରୋ ଡକ୍ଟର ସରିତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ଅଧିକରୀ ଡକ୍ଟର ସୁନୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ବିଜେଡି ନେତାଙ୍କ ପରଲୋକ

**ସୋର,୩।୮/ଏନ୍‌ଏନ୍‌ଏସ୍‌:** ସୋର ପୌରପାଳିକା ଅନ୍ତର୍ଗତ ୧୮ ନମ୍ବର ୱାର୍ଡର ଚକବାରାହାପୁର୍ ନିବାସୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ରବିବାର ରାତି ୧୧ଟା ୪୦ରେ ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ପଟ୍ଟନାୟକ ଜଣେ ଦୟାଳୁ, ଧର୍ମପରାୟଣ ଓ ମିଷ୍ଟଭାଷୀ ସ୍ୱଭାବର ବ୍ୟକ୍ତି ଥିଲେ। ରାଜନୀତିରେ ସେ ସୋର ନଗର ବିଜେଡିରେ ସଭାପତି ରୂପେ ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଥିଲେ। ସୋର ସ୍ୱର୍ଣ୍ଣକାର ବଣିକ ସଂଘର ସଭାପତି ଭାବେ ମଧ୍ୟ ସେ ନିଜର କାର୍ଯ୍ୟ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସୋର ବିଧାୟକ ମାଧବ ଧଡ଼ା, ୧୨ ନମ୍ବର ୱାର୍ଡର ପାରିଷଦ ରାଜେନ୍ଦ୍ର କୁମାର ମହାନ୍ତି, ୧୮ ନମ୍ବର ୱାର୍ଡ ପାରିଷଦ ନିଶାକର ମହାନ୍ତି, ପୂର୍ବତନ ପାରିଷଦ ମହେଶ ବେହେରା, ଗୌରାଙ୍ଗ ତ୍ରିପାଠୀ ଓ ବର୍ତ୍ତମାନ ବିଜେଡିର ନଗର ସଭାପତି ସୁକାନ୍ତ ମିଶ୍ର ପ୍ରମୁଖ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ପରେ ସୋର ନୀଳାଚଳ ସାରସ୍ୱତ ସଂଘ ଆସନ ମନ୍ଦିରକୁ ନିଆଯାଇଥିଲା। ସୋର ଶାଖା ପକ୍ଷରୁ ଅନନ୍ତ ଚନ୍ଦ୍ର ପାତ୍ର, ରାଧାକୃଷ୍ଣ ମହାପାତ୍ର , ବାସୁକୃଷ୍ଣ ମହାପାତ୍ର ଓ ଆନନ୍ଦଭାଇ ପ୍ରମୁଖ ସଂଘ ଆସନ ମନ୍ଦିରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଣ୍ଣକାର ସଂଘ ପକ୍ଷରୁ



ତାଙ୍କର ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗ୍ରାମବାସୀ, ଶୁଭେଚ୍ଛୁ ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ତାଙ୍କ ମରଶରୀରକୁ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅଭିଶେକ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

## ଡକାୟତି ଉଦ୍ୟମ ବିଫଳ

# ଘର ମାଲିକଙ୍କ ପେଟକୁ ଗୁଳିକରି ଫେରାର୍

**କେନ୍ଦୁଝର,୩।୮/ଏନ୍‌ଏନ୍‌ଏସ୍‌:** ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ପୁଲିସ୍ ବିଟ୍ ଅଞ୍ଚଳ ତୋରାଣି ପୋଖରୀ ପଞ୍ଚାୟତ ଖୁଦୁପୁଟୁଳି ଗ୍ରାମର ଯତିନ୍ଦ୍ର ମହାନ୍ତ (୫୧)ଙ୍କ ଘରେ ପଶି ତାଙ୍କ ପେଟକୁ ଗୁଳିକରି ୪ ଜଣ ଡକାୟତ ଫେରାର୍ ହୋଇଯାଇଛନ୍ତି। ରବିବାର ରାତି ୧୦ଟାରେ ଏହି ଘଟଣା ଘଟିବା ପରେ ଗୁରୁତର ଯତିନ୍ଦ୍ରଙ୍କୁ ପ୍ରଥମେ କେନ୍ଦୁଝର ଓ ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତାଙ୍କ ଘରେ ପଶିଥିବା ୪ ଡକାୟତଙ୍କ ମଧ୍ୟରୁ ଜଣେ ମୁଖା ପିନ୍ଧିଥିବାବେଳେ ଅନ୍ୟମାନେ ମୁହଁ ଖୋଲା ରଖିଥିଲେ ମଧ୍ୟ ତାଙ୍କୁ ଘର ଲୋକେ ଚିହ୍ନି ପାରିନଥିଲେ। ପ୍ରଥମେ ଡକାୟତମାନେ ତାଙ୍କ ବାଡ଼ିପଟ ଅଣଅସାରିଆ କବାଟ ଖୋଲି ଘରେ ପଶିବା ପରେ ଏହି କାଣ୍ଡ ଭିଆଇଥିଲେ। ଗୁଳି ଶବ୍ଦ ଶୁଣି ଲୋକେ ପାଟି କରିବାରୁ ଡକାୟତି କରିନପାରି ସେମାନେ ଫେରାର୍ ହୋଇଯାଇଥିଲେ। ଖବରପାଇ ଘଟଗାଁ ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଘଟଗାଁ ଥାନାଧିକାରୀ ଶୁଭ୍ରାଂଶୁ କୁମାର ଜେନା ଓ ଢେଙ୍କିକୋଟ ବିଟ୍ ଅଧିକାରୀ ତ୍ରିନାଥ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ମଧ୍ୟ ଡକାୟତଙ୍କ ପତ୍ତା ମିଳିନାହିଁ। ସୋମବାର ସାଇଣ୍ଟିଫିକ୍ ଟିମ୍ ଗୁଳିମାଡ଼ ସ୍ଥାନରେ ପହଞ୍ଚି ତଦନ୍ତ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ଧାମନଗର,୩।୮/ଏନ୍‌ଏନ୍‌ଏସ୍‌:** ଧାମନଗର ଅଞ୍ଚଳରେ ଏକ ମରଣାନ୍ତକ ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କିଛି ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ମାଡ଼ ମାରି ଗୁରୁତର କରିବା ସହ ଭୁଜାଲିରେ ଆକ୍ରମଣ କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ମାମଲାରେ ପୁଲିସ୍ ଜଣକୁ ଗିରଫ କରିଥିବାବେଳେ ଅନ୍ୟଜଣେ ଫେରାର୍ ଥିବା ଜଣାପଡ଼ିଛି। ସୂଚନାଥାଉକି ସୋମବାର ୧୧ଟାରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ତୋଡ଼ଗାଁର ବିମଳ କୁମାର ଖୁଣ୍ଟିଆ କୌଣସି କାମରେ ବାରିକପୁର ବଜାରକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅପରାଧୀମାନେ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଜଳମଣ୍ଡୁଆ ଗ୍ରାମର ମଣ୍ଟୁ ଦାଶ ଏବଂ ଚନ୍ଦ୍ରପୁର ଗ୍ରାମର ବଳିଆ ପ୍ରଧାନ ମିଶି ବିମଳଙ୍କୁ ଗାଡ଼ିରୁ ଟାଣି ଆଣି ଲୁହା ରଡ୍ ଓ ଭୁଜାଲିରେ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଫଳରେ ସେ ରକ୍ତାକ୍ତ ଅବସ୍ଥାରେ ରାସ୍ତାକଡ଼ରେ ପଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଧାମନଗର ଏବଂ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତାଙ୍କର ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ବର୍ତ୍ତମାନ ଆକ୍ରମଣର ଶିକାର ହୋଇଥିବା ବିମଳ କୁମାର ଖୁଣ୍ଟିଆ ଡାକ୍ତରଖାନାରେ ଜୀବନ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି। ଏନେଇ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପତ୍ନୀ ନିର୍ମଳା ବେହେରା ଧାମନଗର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



# ରାସ୍ତାକାର୍ଯ୍ୟ ନହେବାରୁ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ଧାରଣା

### ପ୍ରତିଶ୍ରୁତି ପାଣିର ଗାର

**ସୋର,୩।୮/ଏନ୍‌ଏନ୍‌ଏସ୍‌:** ସୋର ବ୍ଲକ୍ ମୁଳିସିଂ ପଞ୍ଚାୟତ ପୋତାଗଡ଼ିଆ ଗ୍ରାମର ଗ୍ରାମ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା। ଏବାବଦରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଉକ୍ତ ରାସ୍ତାର ନିର୍ମାଣ ପାଇଁ ସାଂସଦ ଅଭିମନ୍ୟୁ ସେଠୀଙ୍କ ପ୍ରଚେଷ୍ଟାରେ ବିଭାଗୀୟ ଅଧିକାରୀଙ୍କୁ ସରକାରଙ୍କ ପକ୍ଷରୁ କାର୍ଯ୍ୟାଦେଶ ଆସିଥିଲା। ଉକ୍ତ ରାସ୍ତାକୁ ବର୍ଷା ଦିନ ପୂର୍ବରୁ ଅସ୍ଥାୟୀ ରୂପେ ସ୍କୁଲ୍ ପିଲା ଓ ଗ୍ରାମବାସୀଙ୍କ ଯାତାୟାତ ପାଇଁ ନିର୍ମାଣ ସାରିବାକୁ ସାଂସଦଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଲଗାଣ ବର୍ଷା ପ୍ରତିଶ୍ରୁତି ଦେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଲଗାଣ ବର୍ଷାରେ ଉକ୍ତ ରାସ୍ତା ଅତି ଦୟନୀୟ ଏବଂ ଶୋଚନୀୟ ହୋଇପଡ଼ିଛି। ଉପରୋକ୍ତ ଦାବି ଗୁଡ଼ିକ ପୂରଣ ହେଉନଥିବାରୁ ପୋତାଗଡ଼ିଆ ଗ୍ରାମର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଗ୍ରାମବାସୀମାନେ ସୋର ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିଥିଲେ। ଧାରଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ଯଥାଶୀଘ୍ର କାମ ଆରମ୍ଭ ହେବାନେଇ ପ୍ରତିଶ୍ରୁତି ଦେବାରୁ ଅନଶନ ପ୍ରତ୍ୟାହୃତ ହୋଇଥିଲା।






## AFFIDAVIT

BY Virtue of an affidavit No-5284/31.07.2026 sworn before the Executive Magistrate Cuttack, I Suryamani Sethi, aged about 51 years, S/o-Late Pagal Sethi, permanent resident of, At/Po-Bentalpur, Ps-Chandbali, Dist-Bhadrak, currently residing At-CDA, Sector-9, Plot No-F-583, Po/Ps-Markat Nagar, Dist - Cuttack, Odisha, Pin-753014, here by declare that I have changed my minor daughter's name from **Sunirekha Sethi** (old name) to **Swarnarekha Sethi** (new name). Henceforth she shall be known as **Swarnarekha Sethi** for all purposes.

**Sd/- Suryamani sethi**

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 13-SBP-TRD-OT-2026-27, ତା.30.07.2026ରିଖ

କାର୍ଯ୍ୟର ନାମ : "ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ ଏବଂ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ ପରିସୀମା ଅଧିନସ୍ଥ 19 ନଂ-ଲେଭେଲକ୍ରସିଂ ଗେଟରେ ବୁମିଙ୍ଗ ଫାଟକ ଠାରେ ସଂକେତ ଏବଂ ଦୂରସଂଚାର କର୍ମିକ ରୁମ୍ ନିର୍ମାଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 71,81,629.93, EMD (ଟଙ୍କାରେ): 1,43,600/-, ସମ୍ପୂର୍ଣ୍ଣ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.08.2026 ରିଖ 1530 ଘଣ୍ଟିକା।

[illegible]

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନୋଟିସ ସହିତ ୱେବ୍‌ସାଇଟ www.ireps.gov.in ରେ ଉପଲବ୍ଧ ଅଛି।

ଟିପ୍ପଣୀ : [illegible] ... IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-339/R/26-27

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡରର ବିଜ୍ଞପ୍ତି ସଂ. ST-SBP-TENDER-2026-22, ତା.29.07.2026ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଟେଲିକମ୍ କେବୁଲ୍ ପାଇଁ କେବୁଲ୍ ରୁଟ୍ ମାର୍କର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 6,14,33,885/-, ଜିନ୍ ସିକ୍ୟୁରିଟି (ଟଙ୍କାରେ) : 12,28,700/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.08.2026 ରିଖ 1100 ଘଣ୍ଟିକାରେ।

[illegible]

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନୋଟିସ ସହିତ ୱେବ୍‌ସାଇଟ www.ireps.gov.in ରେ ଉପଲବ୍ଧ ଅଛି।

ଟିପ୍ପଣୀ : [illegible]

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଂଚାର), ସମ୍ବଲପୁର

PR-338/R/26-27

## Notice (for Minor)

By virtue of an affidavit sworn before EXECUTIVE MAGISTRATE, BALASORE, dated 03-08-2026 I, ARABINDA SAHOO Address Village/Post Office: MAKUAKATENI, Tehsil/Police Station : KANKADAHADA, District: DHENKANAL, State: ODISHA, Pin Code:759039 declare that I have changed the name of my son from **A S ANANYA** to **DIVIT SAHOO**. Henceforth, he shall be known as **DIVIT SAHOO** for all purposes.

(ARABINDA SAHOO)

## OFFICE OF THE BALESHWAR MUNICIPALITY, BALESHWAR

No. 5420 Date : 29.07.2026

13001/1396/2627

**E-Procurement Notice**

**BID Identification No. BM_11_2026_27**

Bid Documents consisting of work, Estimated cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the work : Civil works as mentioned in DTCN
2. No. of works : 01 No.
3. Estimated cost : As per work list
4. Period of completion : As per DTCN
5. Date and time of bidding : 30.07.2026 to 10.08.2026
6. Last date and time for receipt: 10.08.2026 up to 5.00PM
7. Bids received online shall be opened on : 11.08.2026 from 11.00 AM onwards
8. Name and address of the officer inviting bid : Executive officer, Baleshwar Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

Sd/- Executive Officer
Baleshwar Municipality

OIPR-13001/13154/1/26-27/0025

## UNITY SMALL FINANCE BANK LIMITED

5th Floor, Tower 1, Seawoods Grand Central, Sec-40, Seawoods, above Seawoods Darave Railway Station, Navi Mumbai -400706

### DEMAND NOTICE

ଆର୍ଥିକ ସମ୍ପତ୍ତିର ସୁରକ୍ଷା ଏବଂ ପୁନର୍ନିର୍ମାଣ ତଥା ସୁରକ୍ଷା ସ୍ୱାର୍ଥ ଆଇନ, ୨୦୦୨ ('ଆଇନ') ଓ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ ('ନିୟମ') ବ୍ୟବସ୍ଥା ଅଧୀନ ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍ (ବ୍ୟାଙ୍କ)ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ... [illegible]

| କ୍ର. ନଂ | ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ/ମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ ଏବଂ ବକେୟା ପରିମାଣ | ସୁରକ୍ଷିତ (ବନ୍ଧକ) ସମ୍ପତ୍ତି ସମ୍ବନ୍ଧିତ ବିବରଣୀ (ସ୍ଥାବର ସମ୍ପତ୍ତି) |
| --- | --- | --- | --- |
| ୧. | ଲୋନ୍ ଆକାଉଣ୍ଟ ନଂ (ଏସ): USFBBHUMSME000003526 ୧. ବିଷ୍ଣୁ ଫାର୍ମାସ୍ୟୁଟିକାଲ୍ସ ୨. ପ୍ରଫୁଲ୍ଲ କୁମାର ସ୍ୱାଇଁ ୩. ଅନୀତା ସ୍ୱାଇଁ [illegible] | ୦୮.୦୬.୨୦୨୬ ୪୧,୩୪,୪୧୩.୦୬/- [illegible] | [illegible] |
| ୨. | ଲୋନ୍ ଆକାଉଣ୍ଟ ନଂ (ଏସ): USFBBALLOAN000005016477 [illegible] | ୦୮.୦୬.୨୦୨୬ [illegible] | [illegible] |
| ୩. | ଲୋନ୍ ଆକାଉଣ୍ଟ ନଂ (ଏସ): USFBBHUMSME00000860 [illegible] | ୦୮.୦୬.୨୦୨୬ [illegible] | [illegible] |

[illegible]

ସ୍ଥାନ : ଓଡ଼ିଶା
ତାରିଖ : ୦୫.୦୮.୨୦୨୬

ସ୍ୱାକ୍ଷର/-
(କ୍ଷମତାପ୍ରାପ୍ତ ଅଧିକାରୀ)
ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ପ୍ରାରମ୍ଭିକ ପର୍ଯ୍ୟାୟରେ ...

ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୫୨୯ଟି ରିଲିଫ୍ ଶିବିର ଓ ୩୧ଟି ପଶୁ ଶିବିର କାର୍ଯ୍ୟକ୍ଷମ ରହିଛି ।ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚାଇବା ପାଇଁ ପ୍ରାୟ ୪୧ କ୍ୱିଣ୍ଟାଲ ଚାଉଳ, ୧୧୧୫ କ୍ୱିଣ୍ଟାଲ ଚୁଡ଼ା, ୪୯୬ କ୍ୱିଣ୍ଟାଲ ଗୁଡ଼, ୩୮୬୯ଟି ପଲିଥିନ୍ ସିଟ୍ ସହ ବିଭିନ୍ନ ଜରୁରୀ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି । ସେହିପରି ପଶୁପାଳକମାନଙ୍କୁ ସହାୟତା ଦେବା ପାଇଁ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି ।ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ୨୦ଟି ଓଡ୍ରାଫ ଦଳ, ୭ଟି ଏନ୍‌ଡିଆର୍‌ଏଫ୍ ଦଳ ଓ ୧୭୨ଟି ଅଗ୍ନିଶମ ବାହିନୀ ଦଳ, ଅର୍ଥାତ୍ ସର୍ବମୋଟ ୧୯୯ଟି ଉଦ୍ଧାରକାରୀ ଦଳ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନିରନ୍ତର କାର୍ଯ୍ୟରତ ରହିଛନ୍ତି । ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫୬୭ଟି ଘର କ୍ଷତିଗ୍ରସ୍ତ ହୋଇଛି । ସେହିପରି ପ୍ରାୟ ୩୩,୪୫୮.୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି । ବର୍ତ୍ତମାନ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରିରହିଛି । ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପଶୁଚିକିତ୍ସା, ପଲିଥିନ୍ ସିଟ୍ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ନିରନ୍ତର ଭାବେ ଯୋଗାଇ ଦିଆଯାଉଛି ।

### ଓଡ଼ିଶାରେ ରାଷ୍ଟ୍ରପତି ...

ଯୋଗେ ଭୁବନେଶ୍ୱରରୁ ବ୍ରହ୍ମପୁର ଯିବେ । ସେଠାରୁ ସଡ଼କ ପଥରେ ଯିବେ ତପ୍ତପାଣି । ଯେଉଁଠାରେ ମା' କନ୍ଧୁଣୀ ଦେବୀଙ୍କୁ ଦର୍ଶନ କରିବେ । ରାଷ୍ଟ୍ରପତି ହେବା ପରେ ଓଡ଼ିଶାରେ ଏହା ତାଙ୍କର ପ୍ରଥମ ଟ୍ରେନ୍ ଯାତ୍ରା ହେବ । ଏଥିପାଇଁ ରେଳବାଇ ପକ୍ଷରୁ ହୋଇଛି ସ୍ୱତନ୍ତ୍ର ସାଲୁନ ଟ୍ରେନ୍ ବ୍ୟବସ୍ଥା । ନୂଆଦିଲ୍ଲୀରୁ ଆସିଥିବା ଏହି ଟ୍ରେନ୍‌ରେ ରହିଛି ସ୍ୱତନ୍ତ୍ର ସୁବିଧା । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ବ୍ଲୁବୁକ୍ ଅନୁସାରେ, ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସ୍ୱତନ୍ତ୍ର ସାଲୁନ ଟ୍ରେନକୁ ଏସ୍କର୍ଟ କରିବ ଦୁଇଟି ଟ୍ରେନ୍ । ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରେନ୍‌ର ଆଗ ଓ ପଛରେ ପାଇଲଟ୍ ଟ୍ରେନ୍ ଚଳାଚଳ କରିବ । ଏହାଛଡ଼ା ଏକ ଷ୍ଟାଣ୍ଡବାଇ ଟ୍ରେନ୍‌କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି । ଟ୍ରେନ୍ ଚଳାଚଳ ସମୟରେ ସମ୍ପୂର୍ଣ୍ଣ ରେଳପଥକୁ ଖାଲି କରାଯିବ ଏବଂ ଅନ୍ୟ କୌଣସି ଟ୍ରେନ୍‌କୁ ସେହି ଲାଇନ୍‌ରେ ଚଳାଚଳ କରିବାକୁ ଦିଆଯିବନାହିଁ । ଅନ୍ୟପକ୍ଷରେ ବ୍ରହ୍ମପୁରରେ ମା' କନ୍ଧୁଣୀ ଦେବୀଙ୍କୁ ଦର୍ଶନ ପରେ ରାଷ୍ଟ୍ରପତି ବ୍ରହ୍ମପୁର ଫେରି ଗୋଳନ୍ଥରା ଆର୍ମିଏଡି କଲେଜରେ ରାତ୍ରିଯାପନ କରିବେ । ବୁଧବାର ସକାଳେ ସ୍ୱତନ୍ତ୍ର ଟ୍ରେନ ଯୋଗେଁ ରାଷ୍ଟ୍ରପତି ଭୁବନେଶ୍ୱର ଫେରିବା ପରେ ସେଠାରୁ ଦିଲ୍ଲୀ ଫେରିଯିବେ ।

### ମହିଳାଙ୍କୁ ଟାଣି ନେଲା ...

ଖୋଜାଖୋଜି କରି ଥିଲେ । ନଈ କୂଳରେ ତାଙ୍କ ବ୍ୟବହୃତ ଜିନିଷପତ୍ର ପଡ଼ିଥିବା ଦେଖି କୁମ୍ଭୀର ତାଙ୍କୁ ଟାଣି ନେଇଥିବା ସନ୍ଦେହ କରିଥିଲେ । କୁମ୍ଭୀର ଟାଣି ନେଇଥିବା ସ୍ପଷ୍ଟ ହେବା ପରେ ପୁଲିସ ଓ ଅଗ୍ନିଶମବାହିନୀଙ୍କୁ ଖବର ଦିଆଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ୍ କରିଥିଲା । ତେବେ ଖୋଜାଖୋଜି କରିବାର ୨ ଘଣ୍ଟା ପରେ ତାଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା ।

### ରଥଯାତ୍ରାକୁ ୟୁନେସ୍କୋରେ ...

ପୂର୍ବରୁ ସମସ୍ତ ପ୍ରକାର ଦସ୍ତାବିଜ୍ ଦାଖଲ କରିସାରିଛି । ୟୁନେସ୍କୋ ତାଲିକାରେ ସାମିଲ ହେଲେ ଭାରତର ଅମୂର୍ତ୍ତ ସାଂସ୍କୃତିକ ପରମ୍ପରାକୁ ବିଶ୍ୱସ୍ତରରେ ଅଧିକ ଋଦ୍ଧିମନ୍ତ କରିବ । ଯଦି ଆବଶ୍ୟକ ପଡ଼େ ଶ୍ରୀମନ୍ଦିର ପ୍ରଶାସନ ଏବଂ ସହାୟତା ବିଭାଗ ଅଧିକ ତଥ୍ୟ ଯୋଗାଇ ଦେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ରଥଯାତ୍ରା କେବଳ ଏକ ମହାନ୍ ପର୍ବ ନୁହଁ ବରଂ ସାଂସ୍କୃତିକ ବିବିଧତା, ଏକତା , ଆଧ୍ୟାତ୍ମିକତା, କଳାକୌଶଳ ଏବଂ ଜନ ସହଭାଗିତାର ଏକ ପ୍ରତୀକ । ଯେଉଁଥିପାଇଁ ପ୍ରତିବର୍ଷ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ଦେଖିବାକୁ ମିଳିଥାଏ । ତେଣୁ କେନ୍ଦ୍ରମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରି ସଂସ୍କୃତି ମନ୍ତ୍ରାଳୟ ସ୍ତରରେ ପ୍ରସ୍ତାବର ଶୀଘ୍ର ବିଚାର କରାଇବା ଓ ୟୁନେସ୍କୋ ନିକଟରେ ନାମାଙ୍କନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଅନୁରୋଧ କରିଛନ୍ତି । ଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରା ବିଶ୍ୱର ଅନନ୍ୟ ପରମ୍ପରା । ଯେଉଁଠି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥାନ୍ତି । ଗତବର୍ଷ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଅଧିନସ୍ଥ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ରଥଯାତ୍ରାକୁ ଜାତୀୟ ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଆଉ ଏବେ ୟୁନେସ୍କୋ ମାନ୍ୟତାକୁ ସମସ୍ତେ ଚାହିଁ ବସିଛନ୍ତି । ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାକୁ ସ୍ୱାଗତ କରିଛନ୍ତି ସଂସ୍କୃତି ଗବେଷକ ଓ ଶ୍ରୀମନ୍ଦିରର ପୂର୍ବତନ ପରିଚାଳନା କମିଟି ସଦସ୍ୟ । ଭାରତର ଅନେକ ପର୍ବ ୟୁନେସ୍କୋ ତାଲିକାରେ ସ୍ଥାନ ପାଇସାରିଛି । ଗତବର୍ଷ ଆଲୋକର ପର୍ବ ଦୀପାବଳିକୁ ଏହି ତାଲିକାରେ ଯୋଡା ଯାଇଥିଲା । ସେହିଭଳି ୨୦୨୩ରେ ଗୁଜରାଟର ଗର୍ବା ନୃତ୍ୟ, ୨୦୨୧ରେ କୋଲକାତାର ଦୁର୍ଗାପୂଜା, ୨୦୧୭ରେ କୁମ୍ଭ ମେଳା, ୨୦୧୬ରେ ଯୋଗ ଏବଂ ୨୦୧୦ରେ ପୂର୍ବ ଭାରତ ଛଉ ନୃତ୍ୟକୁ ୟୁନେସ୍କୋ ମାନ୍ୟତା ମିଳିଥିଲା । ସେହିଭଳି ରାମଲୀଳା, ମଣିପୁର ସଂକୀର୍ତ୍ତନ ମଧ୍ୟ ୟୁନେସ୍କୋର ଇନଟାଂଜିବୁଲ୍ କଲଚୁରାଲ ହେରିଟେଜ୍ ତାଲିକାରେ ସାମିଲ ହୋଇଛି । ଏବେ ଅପେକ୍ଷା ରଥଯାତ୍ରା ଭଳି ଏକ ମହାନ ପର୍ବ କେବେ ଏହି ତାଲିକାରେ ଯୋଡ଼ି ହେଉଛି ।

### ସୁପ୍ରିମକୋର୍ଟ ଜଜ୍ ସଂଖ୍ୟା ...

ସମ୍ପର୍କୀତ ବିଲ୍ ଆଜି ଲୋକସଭାରେ ପାରିତ ହୋଇଛି । ବିରୋଧୀଙ୍କ ହଟ୍ଟଗୋଳ ଏବଂ ବାରମ୍ବାର ଗୃହ ମୁଲତବୀ ମଧ୍ୟରେ ଅପରାହ୍ନ ୨ଟାରେ ଯେତେବେଳେ ଗୃହ କାର୍ଯ୍ୟ ପୁନର୍ବାର ଆରମ୍ଭ ହୋଇଥିଲା, ଠିକ୍ ସେହି ସମୟରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସୁପ୍ରିମ୍ କୋର୍ଟ (ସଂଶୋଧନ) ବିଲ୍, ୨୦୨୬କୁ ଆଲୋଚନା ଏବଂ ପାରିତ କରିବା ପାଇଁ ଆଗତ କରିଥିଲେ । ଏହି ସମୟରେ କଂଗ୍ରେସ, ସମାଜବାଦୀ ପାର୍ଟି ସମେତ ସମସ୍ତ ବିରୋଧୀ ଦଳର ସାଂସଦମାନେ ରାମ ମନ୍ଦିରରେ ଦାନ ଅର୍ଥ ହେରଫେର ପ୍ରସଙ୍ଗ ସହ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନ ଭଳି ମୁଦ୍ଦା ଉଠାଇ ଗୃହର ମଧ୍ୟଭାଗରେ ସ୍ଲୋଗାନ୍‌ବାଜି କରିଥିଲେ ।

ଏହା ସତ୍ତ୍ୱେ ବିଲ୍‌ଟି ଧ୍ୱନିମତରେ ଗୃହରେ ପାରିତ ହୋଇଛି । ସୁତରାଂ ଏଣିକି ସୁପ୍ରିମ୍ କୋର୍ଟରେ ଭାରତର ମୁଖ୍ୟ ବିଚାରପତି (ସିଜେଆଇ)ଙ୍କ ସମେତ ମୋଟ ବିଚାରପତିଙ୍କ ସଂଖ୍ୟା ୩୪ରୁ ବୃଦ୍ଧି ପାଇ ୩୮ ହେବା ସମ୍ଭାବନା ସୃଷ୍ଟି ହୋଇଛି । ଏବେ ଏହି ବିଲ୍ ରାଜ୍ୟସଭାରେ ମଧ୍ୟ ଆଗତ ତଥା ପାରିତ କରାଇବାକୁ ସରକାର ଚେଷ୍ଟା କରିବେ । ରାଜ୍ୟସଭାରେ ଅନୁମୋଦିତ ହେବା ପରେ ବିଲ୍‌ଟିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ । ସେହିପରି ରାଜ୍ୟସଭା କାର୍ଯ୍ୟ ମଧ୍ୟ ସକାଳ ୧୧ଟାରେ ଆରମ୍ଭ ହେବା ମାତ୍ରେ ବିରୋଧୀଙ୍କ ହଙ୍ଗାମା ଭେଟ ଚଢ଼ିଥିଲା । ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ୍ ସଦସ୍ୟମାନଙ୍କୁ ଶାନ୍ତ ରହିବାକୁ ଏବଂ ଗୃହ ଚାଲିବାକୁ ଦେବାକୁ ନିବେଦନ କରିଥିଲେ, କିନ୍ତୁ ପାଟିତୁଣ୍ଡ ଜାରି ରହିବାରୁ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ପଡ଼ିଥିଲା । ଅପରାହ୍ନ ୨ଟାରେ ଗୃହ କାର୍ଯ୍ୟ ପୁନର୍ବାର ଆରମ୍ଭ ହୋଇଥିଲା । ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରୀ ଜୀତନ ରାମ ମାଞ୍ଝୀ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ୨୦୨୬କୁ ବିଚାର ପାଇଁ ଗୃହରେ ରଖିଥିଲେ । ବିରୋଧୀଙ୍କ ହୋହଲ୍ଲା ସତ୍ତ୍ୱେ ଏହି ବିଲ୍, ୨୦୨୬ ଧ୍ୱନିମତରେ ପାରିତ ହୋଇଥିଲା । ଏହା ପରେ ରାଜ୍ୟସଭା କାର୍ଯ୍ୟକୁ ମଧ୍ୟ ମଙ୍ଗଳବାର ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

### ଛାତ୍ରଙ୍କ ବିରୋଧରେ ...

ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପୂର୍ବକ ଆନ୍ଦୋଳନକାରୀଙ୍କୁ ଲହୁଲୁହାଣ କରିଥିଲେ ସେମାନଙ୍କ ସମ୍ପର୍କରେ ସରକାରଙ୍କ ଆଭିମୁଖ୍ୟ କ'ଣ ରହିଛି ? ତେବେ ଏହା ଉପରେ ସଲିସିଟର ଜେନେରାଲ କୌଣସି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି । ଅନ୍ୟପକ୍ଷେ ଏହି ମାମଲା ଉପରେ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ରେ ହେବା ନେଇ ତାରିଖ ଧାର୍ଯ୍ୟ କରିଛନ୍ତି ସୁପ୍ରିମକୋର୍ଟ ।

### ବିଜେପି ଗଡ଼ରେ ...

କରିଥିବା ରେଖା କୁମାରୀ ମାତ୍ର ୧୪,୨୭୩ ଭୋଟ୍ (୧୦.୯୫%) ସହ ତୃତୀୟ ସ୍ଥାନରେ ରହିଛନ୍ତି । ବିଜେପି ଏବଂ ଆରଜେଡିକୁ ମିଶାଇ ମୋଟ ୫୯,୧୦୦ ଭୋଟ୍ ମିଳିଛି, ଯାହା କେବଳ ପ୍ରଶାନ୍ତ କିଶୋରଙ୍କ ଏକାକୀ ଭୋଟ୍ ଠାରୁ ମଧ୍ୟ ୫,୦୫୧ କମ୍ । ଏହା ତାଙ୍କର ମଜବୁତ ଅଗ୍ରଗତିକୁ ଦର୍ଶାଉଛି । ନିର୍ବାଚନରେ ମୋଟ ୧,୩୦,୩୧୩ ଭୋଟ୍ ପଡ଼ିଥିଲା । ଏଥିମଧ୍ୟରୁ ପ୍ରାୟ ପ୍ରତ୍ୟେକ ଦ୍ୱିତୀୟ ଭୋଟ୍ ପ୍ରଶାନ୍ତ କିଶୋରଙ୍କ ସପକ୍ଷରେ ଯାଇଛି । ଅନ୍ୟପକ୍ଷେ, ମଧ୍ୟପ୍ରଦେଶର ଦତିଆରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ୬,୦୧୬ ଭୋଟ୍‌ରେ ବିଜୟୀ ହୋଇଛନ୍ତି । ବିଜେପି ଏଠାରେ ପୂର୍ବତନ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କ ଟିକେଟ୍ କାଟି ଆଶୁତୋଷ ତିୱାରୀଙ୍କୁ ପ୍ରାର୍ଥୀ କରିଥିଲା । କିନ୍ତୁ ଆଶୁତୋଷ ତିୱାରୀ ସଫଳ ହୋଇପାରିନାହାନ୍ତି । ତେବେ ଗୁଜରାଟର ମାଞ୍ଜଲପୁରରେ ବିଜେପିର ସତେନ୍ଦ୍ରଭାଇ (ସତୀଶ) ପଟେଲ ୩୦,୬୩୦ ଭୋଟ୍‌ର ବଡ଼ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି । ସେ କଂଗ୍ରେସର ଭିଖାଭାଇ ରବାରୀଙ୍କୁ ହରାଇଛନ୍ତି । ତିନୋଟିଯାକ ଆସନରେ ଜୁଲାଇ ୩୦ରେ ଭୋଟ୍ ଗ୍ରହଣ ହୋଇଥିଲା ।

# ପ୍ରାଣୀ ସମ୍ପଦ ବିକାଶ ବିଭାଗରେ ବ୍ୟାପକ ଦୁର୍ନୀତି


- ବିଲ୍ ପାସ୍ କରିବା ନାଁରେ ଲାଞ୍ଚ କାରବାର
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନିଦାବିଷ୍ଟ

**ମ.ରାମପୁର,୩।୮/ଏନ୍‌ଏନ୍‌ଏସ୍: କଳାହାଣ୍ଡି** ଜିଲ୍ଲା ମଦନପୁର ରାମପୁର ବ୍ଲକ୍ ଗୋଷ୍ଠୀ ପ୍ରାଣୀ ସମ୍ପଦ ବିଭାଗର ଦୁର୍ନୀତି ଏବେ ଚରମ ସୀମାରେ ପହଞ୍ଚିଛି । ବିଭାଗର ବିଭିନ୍ନ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରିବା ସହ ସବ୍‌ସିଡି ଟଙ୍କା ଯୋଗେଇବା ଆଳରେ ଲୋକଙ୍କଠାରୁ ଲାଞ୍ଚ ଦାବି କରିନେଉଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନାନୁଯାୟୀ ମ.ରାମପୁର ବ୍ଲକ୍ ମୋହନଗିରି ଗ୍ରାମର ପ୍ରଦୀପ କୁମାରଙ୍କଠାରୁ ୩୦୦୦ କ୍ଷମତା ବିଶିଷ୍ଟ ବ୍ରଏଲର୍ କୁକୁଡ଼ା ଫାର୍ମ ଅନୁମୋଦନ ସକାଶେ ଉକ୍ତ ବିଭାଗର ଜଣେ ଡାଟାଏଣ୍ଟ୍ରି ଅପରେଟର୍ ପ୍ରଦ୍ୟୁମ୍ନ କୁମାର ବେହେରା ୩ଟି ପର୍ଯ୍ୟାୟରେ ସମୁଦାୟ ୧୫ ହଜାର ଟଙ୍କା ଲାଞ୍ଚ ନେଇଥିବା ଜଣାଯାଇଛି । ଏତଦ୍‌ବ୍ୟତୀତ ପୂର୍ବରୁ ଗୋଛାଡେଙ୍ଗେନ୍ ଓ ସିକେଲକୁପା ଗ୍ରାମର ୨ ବ୍ୟକ୍ତିଙ୍କଠାରୁ ମଧ୍ୟ ଏଭଳି ସୁବିଧା ସୁଯୋଗ ଯୋଗାଇବା ନେଇ ଅଗ୍ରୀମ ଅର୍ଥ ଶୋଷଣ କରିଛନ୍ତି । ଏହାର ସଠିକ୍ ତଦନ୍ତ କରାନଗଲେ ଏଭଳି ଅନେକ ହିତାଧୀକାରୀଙ୍କଠାରୁ ଲାଞ୍ଚ ଦାବି କରିଥିବା ନେଇ ଘଟଣାର ଗୁମର ଫିଟିବ ବୋଲି ଆଶଙ୍କା କରାଯାଉଛି । ତେବେ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନାଗୁଡ଼ିକର ଲାଭାଂଶ ସିଧାସଳଖ ଲୋକେ ପାଇବା ନିୟମ ଥିବାବେଳେ ଏଠି ଅସାଧୁ କର୍ମଚାରୀମାନେ ଏହାର ଲାଭ ନେଉଛନ୍ତି । ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗରେ ବିଭିନ୍ନ ସମୟରେ ଲାଞ୍ଚ କାରବାର ଏବଂ ଆର୍ଥିକ ଅନିୟମିତତା ଭଳି ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସିଛି । ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ବିଭାଗର ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ପ୍ରମୁଖ ଦୁର୍ନୀତିର ସ୍ୱରୂପ ସରକାରୀ ଯୋଜନାର ଅନୁମୋଦନ, ସବ୍‌ସିଡି ଓ ସରକାରୀ ସହାୟତାରେ ଅନିୟମିତତା ନେଇ ଗୋପାଳକମାନେ କାମଧେନୁ ଯୋଜନାରେ ଗାଈ ନକିଣି ମଧ୍ୟ ବିଲ୍ କରିଛନ୍ତି । ଛେଳି ପାଳନରେ ମଧ୍ୟ ଅନିୟମିତତା ହୋଇଛି । ଛେଳି ନଥାଇ ମଧ୍ୟ ଛେଳି ଗୁହାଳର ବିଲ୍ କରିଛନ୍ତି । ରାଜ୍ୟ ସରକାର ଦୁର୍ନୀତି ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ନେଇ ପ୍ରତିଶ୍ରୁତି ଦେଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀ ଉଚିତ୍ ନ୍ୟାୟଦେବା ପାଇଁ ଦାବି ହେଉଛି ।




## ସମାଜସେବୀ ବାଲା ସୁନାଙ୍କ ଦେହାନ୍ତ

**ଭବାନୀପାଟଣା,୩।୮/ଏନ୍‌ଏନ୍‌ଏସ୍:** ସମାଜ ସୁଧାରକ ତଥା ସମାଜସେବୀ ବାଲା ସୁନାଙ୍କ ଅଗଷ୍ଟ ୧ ତାରିଖରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା । ସେ ୧୯୫୯ ମସିହା କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବାଲସି ପଞ୍ଚାୟତ ରେଙ୍ଗାଲି ଗାଁର ଏକ ଗରିବ ଦଳିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ସେ ନୀର୍ଭିକ ଭାବେ ବିଭିନ୍ନ କାର୍ଯ୍ୟ କରିଥିବାବେଳେ ଦଳିତଙ୍କ ସମାଜ ସୁଧାରକ ଓ ସମାଜସେବୀ ଭାବେ ଅଞ୍ଚଳରେ ପରିଚୟ ସୃଷ୍ଟି କରିପାରିଥିଲେ । ସେ ୧୯୯୧ ମସିହାରେ ବାଲସି ପଞ୍ଚାୟତର କାଶୀଡଙ୍ଗର ୩୦ ଏକର ପଥର ଚଟାଣରେ ବୃକ୍ଷରୋପଣ କରି ସେଠାରେ କୃତ୍ରିମ ଜଙ୍ଗଲ ସୃଷ୍ଟି କରିଥିଲେ । ଏନେଇ କିଛି ଲୋକଙ୍କ ରୋଷର ଶିକାର ହୋଇ ଜେଲ୍ ମଧ୍ୟ ଯାଇଥିଲେ । ହେଲେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ନିଶା ଛାଡ଼ିନଥିଲେ । ତେଣୁ ତାଙ୍କୁ ଅଞ୍ଚଳରେ ଜଣେ ପ୍ରକୃତିପ୍ରେମୀ ଭାବେ ଅଞ୍ଚଳରେ ପରିଚିତ ହୋଇଥିଲେ । ସେ ବହୁ ଦିନରୁ କ୍ୟାନ୍ସର୍ ଭଳି ଗମ୍ଭୀର ରୋଗରେ ପୀଡ଼ିତ ଥିବାବେଳେ ଗତ ଅଗଷ୍ଟ ୧ ତାରିଖ ସନ୍ଧ୍ୟା ୯ଟାରେ ତାଙ୍କର ନିଜ ରେଙ୍ଗାଲିସ୍ଥିତ ଘରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତ୍ୟୁବେଳେ ତାଙ୍କର ୪ ପୁଅ ଓ ଏକମାତ୍ର ଝିଅ, ବ୍ୱାଇଁ ଓ ନାତିନାତୁଣୀଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ । ସେ ବୌଦ୍ଧ ଧର୍ମ ଗ୍ରହଣ କରିଥିବାରୁ ବୌଦ୍ଧ ଧର୍ମ ଅନୁଯାୟୀ ସମସ୍ତ ରୀତିନୀତି ସମ୍ପନ୍ନ ହୋଇଥିଲା ।



## ଗଳାକାଟି ମରଣାନ୍ତକ ଆକ୍ରମଣ ଉଦ୍ୟମ, ୮ ଗିରଫ

**ରେଢ଼ାଖୋଲ,୩।୮/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମରେ ବଙ୍ଗାଳି ମିସ୍ତ୍ରୀଙ୍କ ପାଖରେ ରହି କାମ କରୁଥିବା ମାରୁଆଡ଼ିମୁଣ୍ଡା ଗ୍ରାମର ଟୁନା ମାହାର (୩୦) ନାମକ ଜଣେ ଓଡ଼ିଆ ଶ୍ରମିକଙ୍କୁ ଶନିବାର ତଣ୍ଟି କାଟି ହତ୍ୟା ଉଦ୍ୟମ ହୋଇଥିଲା । ଏହି ଘଟଣାରେ ବଙ୍ଗାଳି ଠିକାଦାର ସମେତ ୮ ବଙ୍ଗାଳି ମିସ୍ତ୍ରୀଙ୍କୁ ପୁଲିସ୍ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବଙ୍ଗାଳି ଠିକାଦାର ଅଜିଜୁଲ, ମିସ୍ତ୍ରୀ ମୁର୍ତଜା ସେଖ୍ (୬୨), ମିନାରୁଲ୍ ମୁସ୍ତଫା (୩୫), ଇଜାବୁଲ ସେଖ୍ (୩୪), ପିଆରୁଲ ସେଖ୍ (୨୯), ଅଜମତ୍ ସେଖ୍ (୨୪), ଇସ୍ରାଫିଲ ସେଖ୍ (୪୨) ଓ ରବି ସେଖ୍ (୩୪) । ଏନେଇ ନାକଟିଦେଉଳ ଥାନାରେ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ଏନେଇ ରବିବାର ମାରୁଆଡି ମୁଣ୍ଡା ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ବିଭିନ୍ନ ଥାନାଧିକାରୀ ଉପସ୍ଥିତ ଥିବାବେଳେ ବ୍ୟାପକ ପୁଲିସ୍ ମୁତୟନ କରାଯାଇଥିଲା । ରବିବାର ସାଇଣ୍ଟିଫିକ୍ ଟିମ୍ ଆସି ଅଧିକ ତଦନ୍ତ ଚଳାଇଛି । ଏହି ଘଟଣାରେ ସାଇଣ୍ଟିଫିକ ଟିମ୍ ଦ୍ୱାରା ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରାଯାଉଛି । ଅନ୍ୟପଟେ ଏହି ଘଟଣାରେ ଗ୍ରାମବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖା ଦେଇଥିବାବେଳେ ଏହା ବିସ୍ଫୋରକ ରୂପ ନେବା ଆଶଙ୍କାରେ କିସିଣ୍ଡା, ଯୁଯୋମୁରା ଓ ଚାରମାଳ ଥାନାଧିକାରୀଙ୍କ ସମେତ ୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ରେଢ଼ାଖୋଲ ଓ ନାକଟିଦେଉଳ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବହୁସଂଖ୍ୟକ ବଙ୍ଗାଳି ମିସ୍ତ୍ରୀ ଭଡ଼ାଘର ନେଇ ରହୁଛନ୍ତି କିନ୍ତୁ ସେମାନଙ୍କ କୌଣସି ସଠିକ୍ ପରିଚୟ କାହା ପାଖରେ ନାହିଁ । ତେଣୁ ବିଭିନ୍ନ ସମୟରେ ବଙ୍ଗାଳି ମିସ୍ତ୍ରୀଙ୍କ ଦ୍ୱାରା ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଲୋକେ ଅଭିଯୋଗ କରୁଛନ୍ତି । ତେଣୁ ପୁଲିସ୍ ଓ ପ୍ରଶାସନ ଏହା ଉପରେ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରୁଛନ୍ତି ।



## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

### ନିଶାମୁକ୍ତ ଅଭିଯାନ ପାଇଁ ଶପଥପାଠ



**ମାଲକାନଗିରି,୩।୮/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ତେଲରାଇ ପଞ୍ଚାୟତରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍, ଡିଏଫ୍‌ଓ ସାଇ କିରଣ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ ଓ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ରହି ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗଗୁଡ଼ିକ ସିଧାସଳଖ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ ଲୋକଙ୍କ ସମସ୍ୟାର ସମାଧାନ ସରକାରଙ୍କ ପ୍ରାଥମିକତା । ପ୍ରତ୍ୟେକଟି ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଭିଯୋଗକୁ ସ୍ୱଚ୍ଛତା ସହ ଅନୁଧ୍ୟାନ କରାଯାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନ୍ୟାୟ ପ୍ରଦାନ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଲୋକଙ୍କ ସମସ୍ୟା ତତ୍କାଳ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଶିବିର ପରିସରରେ ଆୟୋଜିତ ହୋଇଥିବା ବିଭିନ୍ନ ସରକାରୀ ଲୋକ କଲ୍ୟାଣକାରୀ ଯୋଜନାର ଷ୍ଟଲଗୁଡ଼ିକୁ ଜିଲ୍ଲାପାଳ ବୁଲି ଦେଖିବା ସହ ସେଗୁଡ଼ିକର କାର୍ଯ୍ୟକାରିତା ଏବଂ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଏଥିରେ ସାମଗ୍ରିକ ଭାବେ ମୋଟ୍ ୩୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୧୩ଟି ବ୍ୟକ୍ତିଗତ ଓ ୨୩ଟି ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ଥିଲା । ଉପସ୍ଥିତ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ତଥ୍ୟ ଅନୁଧ୍ୟାନ କରାଯାଇ ଗୋଟିଏ ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା । ଏହାବ୍ୟତୀତ ସମାଜରୁ ନିଶାଦ୍ରବ୍ୟର ଅପବ୍ୟବହାର ରୋକିବା ଉଦ୍ଦେଶ୍ୟରେ ନିଶାମୁକ୍ତ ଭାରତ ଅଭିଯାନ ଆନୁକୂଲ୍ୟରେ ଏକ ସାମୂହିକ ଶପଥପାଠ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ସମସ୍ତ ଅଧିକାରୀ ଓ ଜନସାଧାରଣ ଏକତ୍ରିତ ହୋଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଙ୍କଳ୍ପ ନେଇଥିଲେ ।

## ସାମୂହିକ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ



**ସିନାପାଲି,୩।୮/ଏନ୍‌ଏନ୍‌ଏସ୍:** ନୂଆପଡ଼ା ଜିଲ୍ଲା ସିନାପାଲିରେ ଆଗାମୀ ନୂଆଁଖାଇରେ ସାମୂହିକ ନୂଆଁଖାଇ ଭେଟଘାଟ୍ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ସ୍ଥାନୀୟ ଯୁବକଙ୍କ ଉଦ୍ୟମରେ ଗତ ଦୁଇ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବାବେଳେ ଚଳିତ ବର୍ଷ ଏହାର ପ୍ରସ୍ତୁତି ସଭା ତ୍ରିନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗତ ବର୍ଷର ସମୀକ୍ଷା କରାଯାଇ ଚଳିତ ବର୍ଷ ନିମନ୍ତେ ରୂପରେଖ ତିଆରି କରାଯାଇଥିଲା । ପାଳନ କମିଟିର ସଭାପତି ଭାବେ ତ୍ରିନାଥ ମେହେର, ଉପସଭାପତି ରଜନି ମାଝୀ, ସୁରଜ ମେହେର, ମନୋରଞ୍ଜନ ମେହେର, ଜିତେନ୍ଦ୍ର ମେହେର, ସୁଶାନ୍ତ କୁମାର, ଶୈଳେସ ସା ଓ ସମ୍ପାଦକ ଭାବେ ପ୍ରଭାତ କୁମାର ମେହେର, ସହସମ୍ପାଦକ ସନ୍ତୋଷ ନାୟକ, ନିତିଶ ମେହେର, ସଞ୍ଜୀବ ଭକ୍ତ, ଅରୁଣ ମେହେର, ସୁନୀଲ ମେହେର, ରାଜୁ ମାଝୀ, ମନୋଜ ଜଗତ, ଅନିଲ ମେହେର, ନରେଶ ମାଝୀ, ସାଂସ୍କୃତିକ ସମ୍ପାଦକ ଯତୀନ୍ଦ୍ର ମେହେର, ପାଣ୍ଠି ସଂଗ୍ରାହକ ବିକାଶ ମେହେରଙ୍କ ଓ କୋଷାଧ୍ୟକ୍ଷ ଭାବେ ରଶ୍ମୀରଞ୍ଜନ ସାଙ୍କୁ ମନୋନୀତ କରାଯାଇଥିଲା । ବୈଶମ୍ପାୟନ ମେହେର, ନୀଳମଣି ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ନାରାୟଣ ପାତ୍ର, ତୁଳସୀରାମ ମେହେର, ନନ୍ଦ କୁମାର ପାତ୍ର, ବୈଷ୍ଣବ ମେହେର, ନବୀନ ଚନ୍ଦ୍ର ମେହେର, ପ୍ରଦ୍ୟୁମ୍ନ ସିଂହ ଛିନ୍ଦା, ପ୍ରିୟରଞ୍ଜନ ମେହେର, ମନୀଷ ପଟେଲ, ଗୌତମ ମେହେର, କୁମୁଦବନ୍ଧୁ ଯୋଶୀ, ନୀତିଶ କୁମାର ମେହେର ପ୍ରମୁଖ ଅଞ୍ଚଳର ଶତାଧିକ ବରିଷ୍ଠ ଓ ଯୁବକମାନେ ଉପସ୍ଥିତ ରହି ଆଲୋଚନା ଅଂଶଗ୍ରହଣ କରିଥିଲେ । ମନୋରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ ।

### ଅନୁମୋଦନ କଲା ...

ବ୍ୟବସ୍ଥାର ବିସ୍ତାର, ମଲ୍ଟିମୋଡାଲ ହବ୍, କର୍ମଜୀବୀଙ୍କ ପାଇଁ ଆବାସ, ଭୁବନେଶ୍ୱର ନୂତନ ସହର, ସହର ପୁନର୍ବିକାଶ, ନଦୀତଟ ଓ ଜଳାଶୟ ବିକାଶ, ବନ୍ଦର ଭିତ୍ତିକ ଶିଳ୍ପ, ଜ୍ଞାନ ଓ ସ୍ୱାସ୍ଥ୍ୟ ହବ୍ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରହିଛି । ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ପରେ ଏହାକୁ ଅର୍ଥ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ୍ ଆଫେୟାର୍ସ (ଡିଇଏ) ପୋର୍ଟାଲରେ ଅପଲୋଡ୍ କରାଯାଇ ପରବର୍ତ୍ତୀ ମୂଲ୍ୟାଙ୍କନ ଓ ଅନୁମୋଦନ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

### ଭିଜିଲାନ୍ସ ଜାଲରେ ...

ଟ୍ରକ୍ ମାଲିକ (ଅଭିଯୋଗକାରୀ) ଏହି ଦାବି ପୂରଣ କରିବାରେ ଅସମର୍ଥ ହୋଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ସୋମବାର ଶ୍ରୀ ମିଶ୍ର ନିଜ କାର୍ଯ୍ୟାଳୟ କୋଠରୀରେ ଅଭିଯୋଗକାରୀଙ୍କଠାରୁ ୨୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା । ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ତାଙ୍କ ନିକଟରୁ ଜବତ କରାଯାଇଛି । ଗିରଫଦାରୀ ପରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ମିଶ୍ରଙ୍କ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି । ସୁନ୍ଦରଗଡ଼ସ୍ଥିତ ତାଙ୍କ ବାସଭବନରେ ଚଢ଼ଉ ସମୟରେ ନଗଦ ୧୪,୩୩,୦୦୦ ଟଙ୍କା ଜବତ କରାଯାଇଛି । ଏହି ଘଟଣାରେ ରାଉରକେଲା ଭିଜିଲାନ୍ସ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

## ଜିଲ୍ଲାସ୍ତରୀୟ ମହାସମାଧାନ ଶିବିର

**ଝାରସୁଗୁଡ଼ା,୩।୮/ଏନ୍‌ଏନ୍‌ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ତ୍ୱରିତ ସମାଧାନ ପାଇଁ ଏକ ଜିଲ୍ଲାସ୍ତରୀୟ ମହାସମାଧନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ଜି ଆର୍ ରାଘବେନ୍ଦ୍ର ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ ।ଏଥିରେ ସର୍ବମୋଟ୍ ୯୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥିମଧ୍ୟରୁ ୭୩ଟି ବ୍ୟକ୍ତିଗତ ଓ ୨୬ଟି ସାମୂହିକ ଅଭିଯୋଗ ଆସିଥିଲା । ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ସ୍ୱରୂପ ୫ ଜଣ ଆବେଦନକାରୀଙ୍କୁ ସର୍ବମୋଟ ୯୦ ହଜାର ଟଙ୍କାର ଆର୍ଥିକ ସହାୟତା ବଣ୍ଟାଯାଇଛି । ଏଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ମାଧ୍ୟମରେ ୩ ଜଣ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଏବଂ ରେଡକ୍ରସ୍ ପାଣ୍ଠିରୁ ୨ ଜଣ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମି ବିବାଦ, ଜମି ଚିହ୍ନଟ ଏବଂ ଏହାର ସଠିକ୍ ମାପଚୁପ, ଜମି ଆବଣ୍ଟନ, ନିଷ୍କାସନ ବା ଡ୍ରେନେଜ୍ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ ନିର୍ମାଣ, ବିଦ୍ୟୁତ୍ ଯୋଗାଣ ସମସ୍ୟା, ଜାତିଗତ ପ୍ରମାଣପତ୍ର, ସଂପୃକ୍ତ ବିଭାଗୀୟ ସମସ୍ୟା ଓ ନିର୍ବାଚନ ସମ୍ବନ୍ଧୀୟ ବିବାଦ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆବେଦନଗୁଡ଼ିକ ଦାଖଲ ହୋଇଥିଲା । ଜିଲ୍ଲାପାଳ ପ୍ରତ୍ୟେକ ବିଭାଗକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏସବୁ ସମସ୍ୟାର ସମାଧାନ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର୍, ବିଡିଓ ଓ ଜିଲ୍ଲାର ସମସ୍ତ ମୁଖ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଦାଦନ ଖଟିବାକୁ ଯାଇ ହାଇଦ୍ରାବାଦରେ ଯୁବକ ମୃତ

**ଲାଞ୍ଜିଗଡ଼,୩।୮/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ସଦର ଥାନା ଅନ୍ତର୍ଗତ ଭଟାଙ୍ଗପଦର ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଛନ୍ତି । ମୃତକ ଜଣକ ହେଲେ ନିରନ ବିଭାର(୩୬) । ନିରନ ଗତ ୨ ମାସ ତଳେ ତାଙ୍କ ସମ୍ପର୍କୀୟଙ୍କ ସହ ହାଇଦ୍ରାବାଦ ଯାଇ ରମନ୍ତାପୁରର ଏକ ଇଟାଭାଟିରେ କାମ କରୁଥିଲେ । ଗତ ଶନିବାର ଅପରାହ୍ନ ୨ଟାରେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନିରନ ଗୁରୁତର ହୋଇଥିଲେ । ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ନିରନଙ୍କ ମୃତ୍ୟୁ ହୋଇଥିଲା । ଶନିବାର ପୁଅର ମୃତ୍ୟୁ ଖବର ଶୁଣି ମାଆ ଓ ତାଙ୍କ ସ୍ତ୍ରୀ ସହ ୩ ସନ୍ତାନ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିବାବେଳେ ସେମାନଙ୍କ ପାଖରେ ହାଇଦ୍ରାବାଦରୁ ଶବ ଆଣିବା ପାଇଁ ସମ୍ବଳ ନଥିଲା । ପରେ ଭଟାଙ୍ଗପଦର ସମିତିସଭ୍ୟ ରୂପେନ୍ଦ୍ର ଛତ୍ରିଆ ଇଟାଭାଟି ମାଲିକଙ୍କୁ ଯୋଗାଯୋଗ କରିବାରୁ ସେ ମୃତଦେହ ପଠାଇବା ପାଇଁ ରାଜି ହୋଇଥିଲେ । ପରେ ମାଲିକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ନିରନଙ୍କ ମରଶରୀର ଗାଁରେ ପହଞ୍ଚିଥିଲା । ଗାଁ ମଶାଣିରେ ତାଙ୍କର ଶବସତ୍କାର କରାଯାଇଥିଲା ।

## ସ୍କ୍ରାପ୍ ବିକ୍ରିରେ ଦକ୍ଷିଣ ପୂର୍ବ ରେଳପଥର ରେକର୍ଡ

**ଭୁବନେଶ୍ୱର,କୋଲକାତା,୩।୮/ଏନ୍ଏନ୍ଏସ୍:** ଦକ୍ଷିଣ ପୂର୍ବ ରେଳପଥ ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସ (ଅପ୍ରେଲରୁ ଜୁଲାଇ ୨୦୨୬) ମଧ୍ୟରେ ୨୦୧.୨୦ କୋଟି ଟଙ୍କାର ରେକର୍ଡ ପରିମାଣର ସ୍କ୍ରାପ୍ (ଅଦରକାରୀ ଜିନିଷ) ବିକ୍ରି କରି ଏକ ବିଶେଷ ସଫଳତା ହାସଲ କରିଛି। ଦକ୍ଷିଣ ପୂର୍ବ ରେଳପଥର ଇତିହାସରେ ଅପ୍ରେଲରୁ ଜୁଲାଇ ମାସ ମଧ୍ୟରେ ଏହା ସର୍ବାଧିକ ସ୍କ୍ରାପ୍ ବିକ୍ରି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଏହି ରାଜସ୍ୱ ଆଦାୟ ୩୧.୮୫ ପ୍ରତିଶତ ଅଧିକ ହୋଇଥିବା ବେଳେ ଏହି ଅବଧି ପାଇଁ ଧାର୍ଯ୍ୟ ଲକ୍ଷ୍ୟଠାରୁ ୫୭.୮୦ ପ୍ରତିଶତ ଅଧିକ ରହିଛି। ଏହି ଅଭୂତପୂର୍ବ ସଫଳତା ସହ ଦକ୍ଷିଣ ପୂର୍ବ ରେଳପଥ ଭାରତର ସମସ୍ତ ଜୋନାଲ୍ ରେଳପଥ ମଧ୍ୟରେ ଶୀର୍ଷରେ ରହିବା ସହ ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ୨୦୦ କୋଟି ଟଙ୍କାର ସୀମା ପାର୍ କରିବାରେ ପ୍ରଥମ ଓ ଏକମାତ୍ର ଜୋନ୍ ପାଲଟିଛି। ସ୍କ୍ରାପ୍ ନିଷ୍କାସନ ଭାରତୀୟ ରେଳବାଇ ପାଇଁ ଏକ ପ୍ରାଥମିକତା କ୍ଷେତ୍ର ଅଟେ, ଯାହା ନା କେବଳ ବିପୁଳ ରାଜସ୍ୱ ଆଦାୟ କରେ ବରଂ ରେଳ ପରିସରକୁ ସ୍ୱଚ୍ଛ ରଖିବା, ରେଳ ସମ୍ପତ୍ତିର ସଠିକ୍ ବିନିଯୋଗ ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି କରି ସରକାରଙ୍କ ସ୍ୱଚ୍ଛତା ଅଭିଯାନକୁ ସହାୟକ ହୋଇଥାଏ। ଦକ୍ଷିଣ ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଏ. କେ. ଜୈନଙ୍କ ମାର୍ଗଦର୍ଶନରେ ଏହି ସଫଳତା ସମ୍ଭବ ହୋଇଛି, ଯିଏ କି ଅକ୍ଟୋବର ୨୦୨୬ ସୁଦ୍ଧା ସମଗ୍ର ଦକ୍ଷିଣ ପୂର୍ବ ରେଳପଥକୁ 'ଶୂନ୍ୟ ସ୍କ୍ରାପ୍' କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ଷ୍ଟୋର୍ସ ବିଭାଗ ପକ୍ଷରୁ ସମସ୍ତ ଡିପୋ, ୱାର୍କସପ୍, ସେଡ୍ ଏବଂ ଅନ୍ୟାନ୍ୟ ରେଳ ପ୍ରତିଷ୍ଠାନଗୁଡ଼ିକରେ ଜମା ହୋଇ ରହିଥିବା ସ୍କ୍ରାପ୍‌କୁ ଚିହ୍ନଟ, ଅଲଗା କରିବା ଏବଂ ବିକ୍ରି କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏହି ନିରନ୍ତର ପ୍ରଚେଷ୍ଟା ଫଳରେ ଜୁଲାଇ ୨୦୨୬ ସୁଦ୍ଧା ୧୫ଟି ସ୍କ୍ରାପ୍ ସୃଷ୍ଟି କରୁଥିବା ୟୁନିଟ୍‌କୁ ସମ୍ପୂର୍ଣ୍ଣ 'ଶୂନ୍ୟ ସ୍କ୍ରାପ୍' ସ୍ଥିତିରେ ପହଞ୍ଚାଯାଇପାରିଛି। ଦକ୍ଷିଣ ପୂର୍ବ ରେଳପଥ ଏହି ଗତିବିଜ୍ଞାନକୁ ବଜାୟ ରଖିବା ସହ ଅକ୍ଟୋବର ୨୦୨୬ ସୁଦ୍ଧା ସମସ୍ତ ଚିହ୍ନଟ ସ୍କ୍ରାପ୍ ୟୁନିଟ୍‌ଗୁଡ଼ିକୁ ସ୍କ୍ରାପ୍‌ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି।

## ଗଣଶିକ୍ଷା ସଚିବ ଓ ଅଭିଭାବକ ମହାସଂଘର ବୈଠକ

**ଭୁବନେଶ୍ୱର,୩।୮/ଏନ୍ଏନ୍ଏସ୍:** ଲୋକସେବା ଭବନଠାରେ ଗଣଶିକ୍ଷା ସଚିବ ଡକ୍ଟର ତିରୁମାଲା ନାଏକଙ୍କ ସହ ଓଡ଼ିଶା ଅଭିଭାବକ ମହାସଂଘର ଏକ ଜରୁରୀ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଯେଉଁ ଅଭିଭାବକମାନେ ପାରାଦର୍ଶୀ ପୋର୍ଟାଲରେ ଅନେକ ଥର ଆବେଦନ କରିବା ପରେ ମଧ୍ୟ ସେମାନଙ୍କ ପିଲାଙ୍କ ଚୟନ ହୋଇନାହିଁ, ସେହି ଖାଲିଥିବା ସିଟ୍‌ଗୁଡ଼ିକୁ ପୂରଣ କରିବା ପାଇଁ ଅଭିଭାବକମାନଙ୍କୁ ଶେଷ ସୁଯୋଗ ସ୍ୱରୂପ ଏକ ସ୍ୱତନ୍ତ୍ର ପ୍ରବେଶ ପ୍ରକ୍ରିୟାର ଅନୁମତି ଦିଆଯାଇ ଚଳିତ ବର୍ଷ ସମସ୍ତ ସିଟ୍ ପୂରଣ କରାଯିବ। ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ) ଅନୁଯାୟୀ ମାଗଣା ପୁସ୍ତକ ଯୋଗାଉ ନଥିବା ସ୍କୁଲଗୁଡ଼ିକ ବିରୋଧରେ କଡ଼ା ନିୟମ ଗ୍ରହଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନିଷ୍ପତ୍ତି ସଠିକ୍ ଭାବେ କାର୍ଯ୍ୟକାରୀ ହେଲେ ଶିକ୍ଷା ବ୍ୟବସ୍ଥାରେ ଅନେକ ସୁଧାର ଆସିବ ବୋଲି ବୈଠକରେ ଯୋଗଦେଇ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ପ୍ରକାଶ କରିଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ'



**ଭୁବନେଶ୍ୱର,୩।୮/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଓଡ଼ିଶୀ କଣ୍ଠ ସଙ୍ଗୀତଜ୍ଞ ଗୁରୁ ପ୍ରଶାନ୍ତ କୁମାର ସାମଲ, ଅବସରପ୍ରାପ୍ତ ଆଧାପକ ଏବଂ ଓଡ଼ିଶୀ କଣ୍ଠଶିଳ୍ପୀ ବୀରବର ଜେନା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ସୁଶୀଲ ପଟ୍ଟନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ କଣ୍ଠ ସଙ୍ଗୀତ ଗାନ, ଦ୍ୱୈତ ବଂଶୀ ବାଦନ, ଦ୍ୱୈତ ତବଲା ବାଦନ ପରିବେଷଣ ହୋଇଥିଲା। ଦ୍ୱୈତ ଓଡ଼ିଶୀ କଣ୍ଠ ସଙ୍ଗୀତ ରାଗାଙ୍ଗରେ ଦ୍ୱୈତ ଗାୟନ ଅର୍ପିତା ଲେଙ୍କା, ସୂର୍ଯ୍ୟସ୍ନାତା ସୁବୁଦ୍ଧି ରାଗ ରାଗେଶ୍ରୀ ତାଳ ଏକ ତାଳି, ଘନକୁନ୍ତଳା ଆଗୋ, ଭାବାଙ୍ଗ ସତେ କି ଭଙ୍ଗି କଲା ପରିବେଷଣ କରିଥିଲେ। ଗୁରୁ ଡ଼. ଭାରତୀ ଜେନା, ଗୁରୁ ପ୍ରଦୀପ କୁମାର ଦାସ, ଗୁରୁ ସୁଶ୍ରୀ ବସୁନ୍ଧରା ପରିଡ଼ା ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ। ଗୁରୁ ସୀତାକାନ୍ତ ଜେନା, ଚନ୍ଦନ ନାୟକ, ଦୀପଙ୍କର ପରିଡ଼ା, ସୌମ୍ୟରଞ୍ଜନ ପଣ୍ଡା, ଦୀକ୍ଷାଧର ଓ ଶକ୍ତି ପ୍ରସାଦ ସାହୁ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। ଶିଳ୍ପୀ ହରିଶ ଚନ୍ଦ୍ର କାଳନ୍ଦୀ, ପୂର୍ଣ୍ଣ ଭୂମିଆ ଦ୍ୱୈତ ବଂଶୀ ବାଦନ ପରିବେଷଣ କରିଥିଲେ। ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ ଗୁରୁ ଶ୍ରୀନିବାସ ଶତପଥୀ। ଗୁରୁ ବିଶ୍ୱରଞ୍ଜନ ନନ୍ଦ, ଗୁରୁ ସୌମ୍ୟରଞ୍ଜନ ନାୟକ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଶିଳ୍ପୀ ଦେବାଶିଷ ପରିଡ଼ା, ମୋତି ରଞ୍ଜନ ଦାସ ଦ୍ୱୈତ ତବଲା ପରିବେଷଣ କରିଥିଲେ। ନିର୍ଦ୍ଦେଶନା ଗୁରୁ ପ୍ରମୋଦ କୁମାର ସାହୁ, ସହ ନିର୍ଦ୍ଦେଶନା ଗୁରୁ ଦୀପ୍ତି ରଞ୍ଜନ ବେହେରା କରିଥିଲେ। ଗୁରୁ କେ. ଭୁବନେଶ୍ୱରୀ ବେହେଲାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେକୁ ସଂଯୋଜନା କରିଥିଲେ ଅନୁସୂୟା ସାହୁ।

### ପିସି-ପିଏନ୍‌ଡିଟି ଆଇନର କାର୍ଯ୍ୟାନ୍ୱୟନ ସମୀକ୍ଷା

# ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପ୍ରଦାନକାରୀଙ୍କୁ ମିଳିବ ପୁରସ୍କାର



**ଭୁବନେଶ୍ୱର,୩।୮/ଏନ୍ଏନ୍ଏସ୍:** ଆଜି ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ପିସି ପିଏନଡିଟି ଆଇନ ସମ୍ବନ୍ଧିତ ରାଜ୍ୟ ସୁପରଭାଇଜରି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ଲିଙ୍ଗ ଅନୁପାତରେ ଉନ୍ନତି ଅଣାଯାଇପାରିବ ସେ ଦିଗରେ ରାଜ୍ୟସ୍ତରୀୟ ବୈଠକରେ ଆଲୋଚନା ହୋଇଛି। ଲିଙ୍ଗ ଅନୁପାତ ଅନୁସାରେ ନିମ୍ନସ୍ତରରେ ଥିବା ଜିଲ୍ଲାଗୁଡିକ ଫଳାଫଳ କିପରି ଉନ୍ନତି ହେବ ସେ ବାବଦରେ ପଦକ୍ଷେପ ନିଆଯିବ। ଜିଲ୍ଲାସ୍ତରୀୟ କମିଟିକୁ ସୁଦୃଢ଼ କରାଯିବା ସହ ଅଲ୍‌ଟ୍ରାସାଉଣ୍ଡ୍ କ୍ଲିନିକ୍‌ଗୁଡିକ ଅଧିକ ନିରୀକ୍ଷଣ ଏବଂ ମନିଟରିଂ କରାଯିବ। ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ କହିଛନ୍ତି। ବୋର୍ଡ ଗୁରୁତ୍ୱାରୋପ କରିଛି ଯେ ପିସି ପିଏନ୍‌ଡିଟି ଆଇନର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ନିୟମ, କଠୋର ଆଇନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗଗୁଡ଼ିକୁ ସାମିଲ କରି ସମନ୍ୱୟଦ୍ୱାରା ଅନୁପାତରେ ଉନ୍ନତି ଅଣାଯାଇହେବ। ବୋର୍ଡ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଇନର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିଛି। ଓଡ଼ିଶା ଅଲ୍ଟ୍ରାସାଉଣ୍ଡ ସୁବିଧାର ଅନଲାଇନ୍ ପଞ୍ଜୀକରଣ ଏବଂ ନବୀକରଣ, ଅନଲାଇନ୍ ଫର୍ମ-ଏଫ ରିପୋର୍ଟିଂ, ପଞ୍ଜିକୃତ ଡାକ୍ତରୀ ପ୍ରାକ୍ଟିସନର୍ ଯାଞ୍ଚ ପାଇଁ ଓଡ଼ିଶା କାଉନସିଲ ଅଫ୍ ମେଡିକାଲ୍ ରେଜିଷ୍ଟ୍ରେସନ ସହିତ ସମନ୍ୱୟ ଏବଂ ଆଭା ପଞ୍ଜୀକୃତ ହିତାଧିକାରୀ ପ୍ରମାଣୀକରଣ କାର୍ଯ୍ୟକ୍ଷମ କରିଛି, ଯାହା ସ୍ୱଚ୍ଛତା, ଦାୟିତ୍ୱ ଏବଂ ତଦାରଖରେ ଉଲ୍ଲେଖନୀୟ ଉନ୍ନତି ଆସିଛି ବୋଲି ବୈଠକରେ ମତପ୍ରକାଶ ପାଇଛି। ବୋର୍ଡ ୨୦୨୪ ରୁ ୨୦୨୬ ମଧ୍ୟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପଦକ୍ଷେପଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲା, ଯେଉଁଥିରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ୬୪୯ଟି ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ୧୧ଟି ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। ସେଥିରୁ ଛଅଟି ବେଆଇନ ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ ସିଲ୍, ଛଅଟି ଅଲ୍ଟ୍ରାସାଉଣ୍ଡ ମେସିନ୍ ଜବତ, ଏଫଆଇଆର୍ ପଞ୍ଜିକରଣ, ଅଭିଯୋଗ ଏବଂ ସରକାରୀ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୋର୍ଡ ଗୁରୁତ୍ୱାରୋପ କରିଥିଲା ଯେ ଆଇନ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ କଠୋର କରାଯିବା, ଅବୈଧ ଲିଙ୍ଗ ଚୟନ କରିବାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ମେଡିକାଲ କଲେଜ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମ୍ଭାବ୍ୟ ପିତାମାତାଙ୍କୁ ସଚେତନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏ ବାବଦରେ ସୂଚନାଦାତା ପ୍ରୋତ୍ସାହନ ଯୋଜନା ଅନୁସାରେ, ଜଣେ ସୂଚନାଦାତା ଅଣପଞ୍ଜିକୃତ ଅଲ୍‌ଟ୍ରାସାଉଣ୍ଡ୍ କ୍ଲିନିକ୍, ଲିଙ୍ଗ ଚୟନ କିମ୍ବା ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପ୍ରଦାନ କରିଲେ ୨୫୦୦୦ ଟଙ୍କାର ପ୍ରୋତ୍ସାହନ ପାଇବ। ବୋର୍ଡ ଜନ୍ମ ସମୟରେ ଲିଙ୍ଗ ଅନୁପାତର ବିଶ୍ଳେଷଣ ସମୀକ୍ଷାରେ ଯାଜପୁରକୁ ସବୁଠୁ ଉନ୍ନତ ପ୍ରଦର୍ଶନ କରିଥିବା ଜିଲ୍ଲା ଏବଂ ନୟାଗଡ଼, ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ ଏବଂ ଖୋର୍ଦ୍ଧାକୁ ରାଜ୍ୟର ସବୁଠାରୁ ପାଞ୍ଚ ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଚିହ୍ନଟ କରିଛି। ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିରୀକ୍ଷଣକୁ ତୀବ୍ର କରିବାକୁ, ଫର୍ମ-ଏଫ ରେକର୍ଡର ଶତ ପ୍ରତିଶତ ଯାଞ୍ଚ ସୁନିଶ୍ଚିତ କରିବାକୁ ଏବଂ ଏହି ଜିଲ୍ଲାଗୁଡ଼ିକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ଅଧିକ ସଚେତନତା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ମାନ୍ୟବର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ତଥା କମିଶନର ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍ ଡ଼ି ଡ଼. ବୃନ୍ଦା ଡ଼ି ଏବଂ ଅନ୍ୟ ନିମନ୍ତ୍ରିତ ସଦସ୍ୟ ଉପସ୍ଥିତ ଥିଲେ।

## ଆସାମ ବନ୍ୟା ସହାୟତା ପାଇଁ ୨୧ କୋଟି ପ୍ରଦାନ କରିବ ରିଲାଏନ୍ସ ଫାଉଣ୍ଡେସନ୍

### ଆମେ ଆପଣଙ୍କ ସହିତ ଅଛୁ: ନୀତା ଅମ୍ବାନୀ



**ଭୁବନେଶ୍ୱର,ଗୌହାଟି,୩।୮/ଏନ୍ଏନ୍ଏସ୍:** ଆସାମରେ ବନ୍ୟା ପ୍ରଭାବିତ ପରିବାରକୁ ସହାୟତା କରିବା ପାଇଁ ରିଲାଏନ୍ସ ଫାଉଣ୍ଡେସନ୍ ଆସାମ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୧ କୋଟି ଟଙ୍କା ପ୍ରଦାନ କରିବା ନେଇ ଘୋଷଣା କରିଛି। ଏହି ରାଶି ବ୍ୟତୀତ ରାଜ୍ୟରେ ପୂର୍ବରୁ ରିଲାଏନ୍ସ ପକ୍ଷରୁ ଚାଲିଥିବା ରିଲିଫ୍ କାମ ଜାରି ରହିବ। ଫାଉଣ୍ଡେସନର ବିଭିନ୍ନ ଦଳଗୁଡ଼ିକ ଶିବସାଗର ଏବଂ ଚରାଇଦେଓ ଜିଲ୍ଲାରେ ଖାଦ୍ୟ, ସୁରକ୍ଷିତ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଅସ୍ଥାୟୀ ଆଶ୍ରୟସ୍ଥଳ ଏବଂ ଗୃହପାଳିତ ପଶୁ ଯତ୍ନ ଯୋଗାଇବାରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ପ୍ରଭାବିତ ପରିବାରଗୁଡିକ ପ୍ରତି ସମବେଦନା ପ୍ରକାଶ କରି ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଛନ୍ତି ଯେ ଆପଣମାନେ ଏକା ନୁହଁନ୍ତି। ଆମେ ଆପଣଙ୍କ ସହିତ ଠିଆ ହୋଇଛୁ ଏବଂ ଆଗାମୀ ଦିନରେ ଆପଣଙ୍କ ପାଖରେ ରହିବୁ। ଏକାଠି, ଆମେ ଜୀବନକୁ ପୁଣି ଟ୍ରାକକୁ ଫେରାଇ ଆଣିବା ଏବଂ ଆଶା ପୁନଃ ଜାଗ୍ରତ କରିବା। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସହାୟତା ପାଇଁ ନୀତା ଅମ୍ବାନୀ ଏବଂ ରିଲାଏନ୍ସ ଫାଉଣ୍ଡେସନକୁ କୃତଜ୍ଞତା ପ୍ରକାଶ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଫାଉଣ୍ଡେସନର ଦଳଗୁଡ଼ିକ ବନ୍ୟା ପ୍ରଭାବିତ ଅଞ୍ଚଳରେ ଭୋଜନ, ସ୍ୱାସ୍ଥ୍ୟସେବା, ଅସ୍ଥାୟୀ ଆଶ୍ରୟସ୍ଥଳ ଏବଂ ପଶୁଧନ ଯତ୍ନରେ ସହଯୋଗ କରୁଛନ୍ତି। ଫାଉଣ୍ଡେସନ୍‌ର ଲକ୍ଷ୍ୟ ଉଭୟ ଜିଲ୍ଲାରେ ଅତି କମ୍‌ରେ ୫୦,୦୦୦ ଜରୁରୀ ସହାୟତା ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ରିଲିଫ୍ ଏବଂ ପୁନର୍ବାସ ସହାୟତା ପ୍ରଦାନ କରିବା। ପ୍ରଭାବିତ ଅଞ୍ଚଳରେ ସାମୁଦାୟିକ ରୋଷେଇ ଘର ମାଧ୍ୟମରେ ଗରମ ଭୋଜନ ପରିବେଷଣ କରାଯାଉଛି। ପାନୀୟ ଜଳ ଯୋଗାଣ ଏବଂ ଜଳ ବିଶୋଧନ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ସଫେଇ ଏବଂ ପୁଣିଥରେ ସକ୍ରିୟ କରିବା ଦିଗରେ ମଧ୍ୟ କାମ କରାଯାଉଛି। ପଶୁମାନଙ୍କ ଯତ୍ନ ସୁନିଶ୍ଚିତ କରିବା ପାଇଁ, ବନତାରାର ବିଭିନ୍ନ ଦଳଗୁଡ଼ିକ ଘରକୁ ଘର ପରିଦର୍ଶନ କରି ପଶୁଚିକିତ୍ସା ସେବା ପ୍ରଦାନ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ଏବଂ ସମୁଦାୟଗୁଡିକ ସହିତ ସହଯୋଗରେ ରିଲିଫ୍ ଅଭିଯାନ ଜାରି ରହିଛି, ଯାହା ଦ୍ୱାରା ରିଲିଫ୍ ଶିବିରରେ ରହୁଥିବା ପରିବାରଗୁଡ଼ିକୁ ଶୀଘ୍ର ସେମାନଙ୍କ ନିଜ ଘରକୁ ଫେରିପାରିବେ।

## ପରେଶ ପଟ୍ଟନାୟକ ପାଇଲେ 'ବେନହୁର ବିଶେଷ ସମ୍ମାନ ୨୦୨୬'

**ଭୁବନେଶ୍ୱର,୩।୮/ଏନ୍ଏନ୍ଏସ୍:** ଲେଖକ, ସୁନାମଧନ୍ୟ ସ୍ତମ୍ଭକାର ଦାଶ ବେନହୁରଙ୍କର ୭୩ ତମ ଜୟନ୍ତୀ ଅବସରରେ ତୃତୀୟ ବର୍ଷ ପାଇଁ ସର୍ବସାଧାରଣଙ୍କ ନିମନ୍ତେ 'ସମ୍ଭାବନା' ଆୟୋଜିତ ଶ୍ରଦ୍ଧାର୍ପଣ ସଞ୍ଜ 'ବେନହୁର ବିଶେଷ' ପରିପ୍ରେକ୍ଷୀରେ ଜୟନ୍ତୀ ଓ ସମ୍ବର୍ଦ୍ଧନାର ଏହି ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'ସମ୍ବାଦ'ର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୌରହରି ଦାସ ତଥା ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଓ ଗବେଷକ ଡକ୍ଟର ଶାନ୍ତନୁ ରଥ ଯୋଗ ଦେଇଥିଲେ। ଅନ୍ୟତମ ପ୍ରମୁଖ ଅତିଥି ଭାବେ ୨୦୨୬ର ଶ୍ରେଷ୍ଠ ଓଡ଼ିଆଣୀ ରେଣୁବାଳା ସାହୁ ଏବଂ 'ସମ୍ଭାବନା'ର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଦାଶ ବେନହୁରଙ୍କ ରଚିତ ତିନୋଟି ପୁସ୍ତକ 'ଟିନା ପାଇଁ ନାନାବାୟା', 'ଶ୍ରୀ ଜଗନ୍ନାଥ ଶତକ' ଏବଂ 'ପଗଡ଼ି ପୁରୁଷ'ର ଇଂରାଜୀ ଅନୁବାଦ ଲୋକାର୍ପିତ ହୋଇଥିଲା। ଏହା ସହିତ ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଶିଷ୍ଟ ସାହିତ୍ୟିକ ପରେଶ ପଟ୍ଟନାୟକଙ୍କୁ କିଶୋର ସାହିତ୍ୟ ରଚନାରେ ବିଶେଷ ଅବଦାନ ପାଇଁ 'ବେନହୁର ବିଶେଷ ସମ୍ମାନ ୨୦୨୬' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗାୟିକା ଛାନ୍ଦସୀ ମିଶ୍ର ଆବାହନୀ ସଙ୍ଗୀତ ପରିବେଷଣ କରିଥିବା ବେଳେ 'ସମ୍ଭାବନା'ର ସମ୍ପାଦକ ଦେବ ପ୍ରସାଦ ପରିଜା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭାଷାବିତ୍ ଡକ୍ଟର ଦେବାଶିଷ ମହାପାତ୍ର ଅତିଥି ପରିଚୟ ଏବଂ ଟ୍ରଷ୍ଟି ସ୍ମୃତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶିତ ପୁସ୍ତକ ତ୍ରୟର ପ୍ରକାଶକ 'ପକ୍ଷୀଘର ପ୍ରକାଶନୀ'ର ମୁଖ୍ୟ ବନୋଜ ତ୍ରିପାଠୀ ଏବଂ 'ପେନ୍ ଇନ୍'ର ମୁଖ୍ୟ ଶୁଭ୍ରାଂଶୁ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଲାଇଫ୍ ଲାଇନ୍ କ୍ଲବ ଆନୁକୂଲ୍ୟରେ ବନ୍ଧୁତା ଦିବସ

**ଭୁବନେଶ୍ୱର,୩।୮/ଏନ୍ଏନ୍ଏସ୍:** ୟୁନିଟ୍-୬ ସ୍ଥିତ 'ଲାଇଫ ଲାଇନ୍' କ୍ଲବ ଆନୁକୂଲ୍ୟରେ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନାମଧନ୍ୟ କଣ୍ଠଶିଳ୍ପୀ ସିଦ୍ଧାର୍ଥ ମିଶ୍ର, ଯଶୋବନ୍ତ ପଟ୍ଟନାୟକ ଏବଂ ଅନନ୍ତ ବାସୁଦେବ ମିଶ୍ର ବନ୍ଧୁତା ବିଷୟରେ ସଙ୍ଗୀତ ପରିବେଷଣ କରିଥିଲେ।

## ବିକଶିତ ଭାରତ ପାଇଁ ନିଶାମୁକ୍ତ ଭାରତ ଅଭିଯାନ



**ଭୁବନେଶ୍ୱର,୩।୮/ଏନ୍ଏନ୍ଏସ୍:** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ରବିବାର 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବ ସମାଜକୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ନିଶାମୁକ୍ତ ଭାରତ ଗଠନରେ ସେମାନଙ୍କର ସକ୍ରିୟ ଭୂମିକାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା।

ଏହି କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଂଚଳିକ ନିର୍ଦ୍ଦେଶାଳୟର ଯୁବ ଅଧିକାରୀ ଏ. ଏସ୍. କବୀର ଓ ଅଜିତ କୁଶୱାହା ଏବଂ ସୋଆ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ ଶ୍ରୀ କବୀର ଏପରି ଏକ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ନିମନ୍ତେ ସୋଆ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିବା ସହିତ ନିଶାମୁକ୍ତ ସମାଜ ଗଠନରେ ଶିକ୍ଷାନୁଷ୍ଠାନ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କୁଳପତି ପ୍ରଫେସର ନନ୍ଦ ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆହ୍ୱାନ ଜଣାଇଥିଲେ ଏବଂ 'ନିଶାମୁକ୍ତ ଭାରତ' ଶପଥ ପାଠ କରାଇଥିଲେ, ଯେଉଁଥିରେ ସମସ୍ତ ଉପସ୍ଥିତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଶାମୁକ୍ତ ଭାରତ ଗଠନର ସଂକଳ୍ପ ନେଇଥିଲେ। ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ଦାସ ସମଗ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ ଡ଼କ୍ଟର ମହନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ 'ମାଇ ଭାରତ' ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ନିଶାମୁକ୍ତ ଭାରତ ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସିଧାସଳଖ ସମ୍ବୋଧନ ଶୁଣିଥିଲେ। ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ଦେଶର ଯୁବଶକ୍ତିଙ୍କୁ ନିଶା ବିରୋଧୀ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେବାକୁ ଆହ୍ୱାନ ଜଣାଇଥିଲେ ଏବଂ ନିଶାମୁକ୍ତ ଭାରତ ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସୋଆ କ୍ୟାମ୍ପସ-୨ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର, ଡିନ ଓ ୫୫୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡଗିରି ବିଜେପି ମଣ୍ଡଳ ସଭାପତି ଆରତୀ ଭୂୟାଁ ବିଧାୟକ ଶ୍ରୀ ବାବୁ ସିଂ ଙ୍କ ପ୍ରତିନିଧି ଭାବରେ ଯୋଗ ଦେଇଥଲେ। ଶେଷରେ ଡକ୍ଟର ମହନ୍ତ ଧନ୍ୟବାଦ୍ ଦେଇଥିଲେ।


### ରାୟଗଡ଼ା ରେଳମଣ୍ଡଳ

# ପଣ୍ୟ ବୋଝେଇରେ ୧୩.୪୫%, ରେକ୍ ଲୋଡିଂରେ ୧୧.୩୨% ଅଭିବୃଦ୍ଧି



**ଭୁବନେଶ୍ୱର, ରାୟଗଡ଼ା,୩।୮/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ରାୟଗଡ଼ା ରେଳ ମଣ୍ଡଳ ୨୦୨୬ ଜୁଲାଇ ମାସରେ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ବର୍ଷର ସମାନ ଅବଧି ତୁଳନାରେ ପଣ୍ୟ ଲୋଡିଂ ଏବଂ ରେକ୍ ଲୋଡିଂ ଉଭୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ରେକର୍ଡ କରାଯାଇଛି।

୨୦୨୬ ଜୁଲାଇ ମାସରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ମୋଟ ୭୮୭ଟି ରେକ୍ ଲୋଡିଂ କରାଯାଇଥିବା ବେଳେ ୨୦୨୫ ଜୁଲାଇରେ ଏହି ସଂଖ୍ୟା ୭୦୭ଟି ଥିଲା। ଏହା ଦ୍ୱାରା ୮୦ଟି ରେକ୍ ତଥା ୧୧.୩୨% ପୂର୍ବବର୍ଷ ତୁଳନାରେ ବୃଦ୍ଧି ହୋଇଛି। ସେହିପରି ପଣ୍ୟ ବୋଝେଇ ୨.୭୫ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୩.୧୨ ନିୟୁତ ଟନ୍‌ରେ ପହଞ୍ଚିଛି, ଯାହା ୦.୩୭ ମିଲିୟନ୍ ଟନ୍ (୧୩.୪୫%) ବୃଦ୍ଧିକୁ ପ୍ରତିଫଳିତ କରୁଛି। ରେଳ ମଣ୍ଡଳର ପ୍ରମୁଖ ପଣ୍ୟ ଭାବେ ଲୌହପଥର ପରିବହନ ଜାରି ରହିଛି। ଜୁଲାଇ ୨୦୨୬ରେ ଲୌହପଥର ବୋଝେଇ ୨.୨୮ ନିୟୁତ ଟନ୍ ରେ ପହଞ୍ଚିଥିବା ବେଳେ, ଗତ ବର୍ଷର ସମାନ ଅବଧି ତୁଳନାରେ ୦.୪୦ ନିୟୁତ ଟନ୍ ତଥା ୨୧.୩% ବୃଦ୍ଧି ଘଟିଛି। ବକ୍ସାଇଟ୍ ଲୋଡିଂ ମଧ୍ୟ ୦.୧୭ ନିୟୁତ ଟନକୁ ବୃଦ୍ଧି ପାଇ ୦.୧୯ ନିୟୁତ ଟନ ରେ ପହଞ୍ଚିଛି, ଯାହା ୧୧.୮% ଅଭିବୃଦ୍ଧିକୁ ସୂଚିତ କରୁଛି। ପଣ୍ୟ ପରିବହନରେ ସଫଳତା ସହିତ ରାୟଗଡ଼ା ରେଳ ମଣ୍ଡଳ ଜୁଲାଇ ମାସରେ ୨୦ଟି ଟ୍ରେନ୍-ଅନ୍-ଡିମାଣ୍ଡ ସ୍ୱତନ୍ତ୍ର କୋଚିଂ ଟ୍ରେନ୍ ସଫଳତାର ସହ ପରିଚାଳନା କରିଛି। ଏହା ଯାତ୍ରୀ ସୁବିଧା ବୃଦ୍ଧି ସହିତ ପରିଚାଳନା ଦକ୍ଷତାକୁ ମଧ୍ୟ ସୁଦୃଢ଼ କରିଛି। ଏହା ବ୍ୟତୀତ ରେଳ ମଣ୍ଡଳ ପକ୍ଷରୁ କାମଲୁର –ଭାଲ୍ଲି ମଧ୍ୟରେ ୧୨.୪୨୮ କିଲୋମିଟର ଏବଂ ବାଇଗୁଡ଼ା – କାକିରିଗୁମା ମଧ୍ୟରେ ୧୨.୩୮୫ କିଲୋମିଟର ରେଳ ସେକ୍ସନରେ ଗୁରୁତ୍ୱପୂର୍ଣ୍ଣ ନନ୍-ଇଣ୍ଟରଲକିଂ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରାଯାଇଛି। ଏହା ରେଳ ଭିତ୍ତିଭୂମିର ସୁଦୃଢ଼ୀକରଣ ସହ ଭବିଷ୍ୟତରେ ଅଧିକ କ୍ଷମତା ବୃଦ୍ଧି ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ, ପଣ୍ୟ ପରିବହନ ଗ୍ରାହକଙ୍କ ସହ ଫଳପ୍ରଦ ସମନ୍ୱୟ ଏବଂ କାର୍ଯ୍ୟ ପରିଚାଳନାରେ ନିରନ୍ତର ଉତ୍କର୍ଷତା ପ୍ରତି ଗୁରୁତ୍ୱ ଦେବାର ପ୍ରତିଫଳନ। ରାୟଗଡ଼ା ରେଳ ମଣ୍ଡଳ ପ୍ରବନ୍ଧକ ଶ୍ରୀ ଅମିତାଭ ସିଂଘଲ ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ପଣ୍ୟ ପରିବହନ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ପାଇଁ ସେମାନଙ୍କର ନିଷ୍ଠା ଓ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହ ଏହି ଅଭିବୃଦ୍ଧିର ଧାରାକୁ ଆଗାମୀ ଦିନରେ ମଧ୍ୟ ବଜାୟ ରଖି ମଣ୍ଡଳର କାର୍ଯ୍ୟ ପରିଚାଳନା ଦକ୍ଷତା ଏବଂ ଗ୍ରାହକ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି।



## ଆଜିର ଇତିହାସ

- ୧୯୨୯-ଅଭିନେତା, ଗାୟକ, ନିର୍ଦ୍ଦେଶକ କିଶୋର କୁମାରଙ୍କ ଜନ୍ମଦିନ।
- ୧୯୩୫-ଭାରତ ଶାସନ ଅଧିନିୟମକୁ ମହାରାଣୀଙ୍କ ସ୍ୱୀକୃତି ମିଳିଥିଲା।
- ୧୯୫୬-ଦେଶର ପ୍ରଥମ ପରମାଣୁ ଅନୁସନ୍ଧାନ ରିଆକ୍ଟର 'ଅପ୍ସରା'ର ଆରମ୍ଭ ହୋଇଥିଲା।
- ୧୯୬୭-ବିଶ୍ୱର ସବୁଠାରୁ ଲମ୍ବା ନାଗାର୍ଜୁନ ସାଗର ବନ୍ଧର ନିର୍ମାଣ ହୋଇଥିଲା।
- ୨୦୦୮-ସରକାର ଭାରତୀୟ ଜାହାଜରାଣୀ ନିଗମକୁ ନବରତ୍ନର ମାନ୍ୟତା ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଦିନଟି ମିଶ୍ରିତ ଫଳ ଦେବ। କିଛି ମାମଲାରେ ଚାପର ସମ୍ମୁଖୀନ ହେବେ। ସଫଳତା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। କାରବାରରେ ଲାଭ ପାଇବେ। ଭାବନା ଓ ବିଚାରକୁ ସଂଯମରେ ରଖନ୍ତୁ।

**ବୃଷ** – ଦିନଟି ଖର୍ଚ୍ଚିଲା ରହିବ। ସୁଖ-ସାଧନର ପ୍ରାପ୍ତି ହେବ। ଆର୍ଥିକ ଲାଭ ପାଇବେ। ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱକୁ ପୂରା କରିବେ। ସୁଖ-ସାଧନ ଉପରେ ଖର୍ଚ୍ଚ କରିବେ। ଛାତ୍ରମାନେ ଖୁବ୍ ବଢ଼ିଆ ପ୍ରଦର୍ଶନ କରିବେ।

**ମିଥୁନ** – ଦିନଟି ଖୁବ୍ ଶାନ୍‌ଦାର। କାର୍ଯ୍ୟଶୈଳୀରେ ବରିଷ୍ଠମାନେ ପ୍ରଭାବିତ ହେବେ। ପ୍ରଶଂସିତ ହେବେ। ନେଣ-ଦେଣର ହିସାବ କରିବେ। ବଡ଼ ଖୁସି ଖବର ପାଇବେ। ଜୀବନ ଆନନ୍ଦଦାୟକ ରହିବ।

**କର୍କଟ** – ବୁଦ୍ଧି ଓ ବିବେକ ବଳରେ ଭାଗ୍ୟର ସହଯୋଗ ପାଇବେ। କାରବାରରେ ଆୟ ବୃଦ୍ଧି ହେବ। ସାମାଜିକ ଗତିବିଧିରେ ଭାଗ ନେଇପାରନ୍ତି। ପାରିବାରିକ ଜୀବନରେ ପ୍ରେମ ଓ ସହଯୋଗ ପାଇବେ।

**ସିଂହ** – ଦିନଟି ମିଶ୍ରିତ ଫଳ ଦେବ। କଠିନ ପରିସ୍ଥିତି ପରେ ସଫଳତା ପାଇବେ। ନୂଆ କାମ କରିବା ପୂର୍ବରୁ ବିଚାର କରନ୍ତୁ। ବଡ଼ ଭାଇର ସହଯୋଗ ପାଇବେ। ପୁରୁଣା ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କନ୍ୟା** – ଦିନଟି ଶୁଭ ଓ ଲାଭଦାୟକ ରହିବ। ସଫଳତା ପାଇବେ। କୁଟନୀତିକ ଉପାୟରେ କାମ ପୂରା କରନ୍ତୁ। ବିତ୍ତୀୟ ପ୍ରବନ୍ଧନ ଜରୁରୀ। ମାତାପିତା ମାର୍ଗଦର୍ଶନ କରେଇବେ। ସୁଖ-ସାଧନ ବୃଦ୍ଧି ହେବ।

**ତୁଳା** – ଅଧିକ ଭାବୁକ ହେବେ। ବାକି କାମ ପୂରା କରିବେ। ଭୌତିକ ସାଧନ ଉପରେ ଖର୍ଚ୍ଚ କରିବେ। ପରିବାରର ସହଯୋଗ ପାଇବେ। ଛୋଟ ବା ଲମ୍ବା ଦୂରର ଯାତ୍ରା ସମ୍ଭବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**ବିଛା** – କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। କାମକୁ ନେଇ ପ୍ରଶଂସିତ ହେବେ। ବଡ଼ ଡିଲ୍ ମିଳିପାରେ। ଘରର ବଡ଼ ସଦସ୍ୟଙ୍କ ସହଯୋଗ ପାଇବେ। ସାମାଜିକ ପ୍ରଭାବ ଓ ସମ୍ମାନ ପାଇବେ।


**ଧନୁ** – ମିଶ୍ରିତ ଫଳ ପାଇବେ। ପୂର୍ବ ପରିଚିତ ମାଧ୍ୟମରୁ ଲାଭ ମିଳିବ। ଯାତ୍ରା ଉପରେ ଖର୍ଚ୍ଚ କରିବେ। ପ୍ରେମୀମାନଙ୍କ ମଧ୍ୟରେ ଥିବା ବିବାଦ ଦୂର ହେବ। ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବେ।

**ମକର** – ଦିନଟି ଅନୁକୂଳ ରହିବ। ଅଟକିଥିବା କାମ ପୂରା ହେବ। ଅଫିସର ପ୍ରଭାବ ପଡ଼ିବ। ସହକର୍ମୀଙ୍କ ପାଇଁ ଚାପଗ୍ରସ୍ତ ହେବେ। ପିତା ଓ ଦାଦାଙ୍କ ଠାରୁ ଅପେକ୍ଷିତ ସହଯୋଗ ପାଇବେ।

**କୁମ୍ଭ** – ବଡ଼ ସଫଳତା ପାଇବେ। ନୂଆ ପ୍ରୋଜେକ୍ଟ ଉପରେ କାମ ଆରମ୍ଭ ହୋଇପାରେ। ପୁରୁଣା ନିବେଶରୁ ବଢ଼ିଆ ରିଟର୍ଣ୍ଣ ପାଇବେ। ମନ ପ୍ରସନ୍ନ ରହିବ। ଆତ୍ମବିଶ୍ୱାସରେ ଭରି ରହିବେ।

**ମୀନ** – ସୁଖ-ସମୃଦ୍ଧି ବୃଦ୍ଧି ହେବ। ରୋମାଞ୍ଚକ ଅବସର ପାଇବେ। ସହଯୋଗ ପ୍ରାପ୍ତି ହେବ। ବିଦ୍ୟାର୍ଥୀମାନେ ଶିକ୍ଷା ଉପରେ ଧ୍ୟାନ ଦେବେ। ପରସ୍ପର ସହିତ ତାଳମେଳ ବଜାୟ ରଖିବେ।

ଶ୍ରୀମଦ୍ ଭଗବଦ୍‌ଗୀତା




**ଯଦହଙ୍କାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ।**
**ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି। (୧୮/୫୯)**

ତୁମେ ଅହଂକାରବଶତଃ ଯୁଦ୍ଧ କରିବି ନାହିଁ ବୋଲି ଯାହା ମନେକରୁଛ ତୁମର ଏହି ନିଷ୍ପତ୍ତି ବୃଥା। କାହିଁକି ନା ପ୍ରକୃତି ତୁମକୁ ଯୁଦ୍ଧରେ ପ୍ରବୃତ୍ତ କରାଇବ।

ଶ୍ରୀ ରାମକୃଷ୍ଣ କହନ୍ତି -ଯେପର୍ଯ୍ୟନ୍ତ ମନୁଷ୍ୟ ଭିତରେ ଅହଂକାର ରହିଥିବ, ସେ ପର୍ଯ୍ୟନ୍ତ ଜ୍ଞାନ ଓ ମୁକ୍ତି ସମ୍ଭବ ନୁହେଁ। ଯିଏ ଅହଂକାର ଦ୍ୱାରା କବଳିତ ତା'ର ଜନ୍ମ ଓ ମୃତ୍ୟୁରେ ଶେଷ ନାହିଁ।

# କମ୍ପନ: ଏକ ମୌନ ଭାଷା



କେବେ କୌଣସି ସ୍ପଷ୍ଟ କାରଣ ବିନା ଜଣେ ଅଜଣା ବ୍ୟକ୍ତିଙ୍କ ସହିତ ସାକ୍ଷାତ କଲେ ତାଙ୍କ ପ୍ରତି ଆପଣାପଣ ବା ଗଭୀରତାର ସହିତ ଏକ ସମ୍ବନ୍ଧ ଥିବାର ଅନୁଭବ କରନ୍ତି କି କିମ୍ବା କୌଣସି ପୁରୁଣା ସାଙ୍ଗ ସହିତ ସାକ୍ଷାତ କଲେ ଏପରି ଅନୁଭବ ପାଆନ୍ତି କି? କିମ୍ବା କୌଣସି ସ୍ଥାନରେ ପ୍ରବେଶ କରିବା ମାତ୍ରେ ଏକ ଅଜବ ପ୍ରକାରର ବୋଧ ଥିବାର ଅନୁଭବ କରନ୍ତି ଯେପରି କୌଣସି ଅଦୃଶ୍ୟ ଶକ୍ତି ବ୍ୟସ୍ତ ବିବ୍ରତ କରୁଛି। ଜାଣିଛନ୍ତି କି ଏସବୁ କେବଳ ସଂଯୋଗ ନୁହେଁ ଓ ଆପଣ ଏସବୁ କେବେ କଳ୍ପନା ମଧ୍ୟ କରିନଥିବେ। ଏହାର ଅର୍ଥ ଆପଣ କମ୍ପନ ବା ଭାଇବ୍ରେସନ୍‌ର ଅନୁଭବ କରୁଛନ୍ତି ଯାହା ଆମର ବିଚାର, ଭାବନା ଓ ଲକ୍ଷ୍ୟଗୁଡ଼ିକରୁ ସୃଷ୍ଟି ହେଉଥିବା ସୂକ୍ଷ୍ମ ଓ ଅଦୃଶ୍ୟ ଶକ୍ତି ଅଟେ। ଏହା ହେଉଛି ଏପରି ଅନୁଭବ ଯେପରି ଏକ ଫୁଲ ନିରବରେ ଲଗାତର ନିଜର ସୁଗନ୍ଧକୁ ଚାରିଆଡ଼େ ମହକଉଥାଏ ଯେପରି ଆମେ ବି ନିରନ୍ତର ନିଜର କମ୍ପନକୁ ରେଡିଏଟ୍ କରନ୍ତି। ଏହି କମ୍ପନ ଆମର ଚାରିଦିଗର ବାୟୁମଣ୍ଡଳରେ ଏକ ବଳୟ ସୃଷ୍ଟି କରାଏ। ଆମର ଜାଣତରେ ହେଉ ବା ଆଜାଣତରେ ପ୍ରତି ମଣିଷ, ସ୍ଥାନ ଓ ପରିବେଶ ଉପରେ ଏହି କମ୍ପନ ପ୍ରଭାବ ପକାଏ।

## କମ୍ପନ ଏକ ଦୁନିଆ ତିଆରି କରେ

ଦୁନିଆ ଯେପରି ଆମେ ଦୁନିଆକୁ ସେପରି ଦେଖନ୍ତି ନାହିଁ। ଆମେ ନିଜେ ଯେପରି ସେହିଭଳି ଦୁନିଆକୁ ଦେଖନ୍ତି। ଆମର କମ୍ପନ ହିଁ ସେହି ଲେନ୍ସ ହୋଇଯାଏ ଯେଉଁଥିରେ ଆମେ ଦୁନିଆକୁ ଦେଖନ୍ତି। ଯେପରି- ମନରେ ବୈଚେନୀ ଥିଲେ ଏହା ଭୟଙ୍କର ମନେହୁଏ। ଯଦି ଆମ ଭିତରେ ସନ୍ତୋଷ ଭାବନା ଥାଏ ଅନ୍ୟ ସମସ୍ତଙ୍କ ପାଇଁ କିଛି ପ୍ରତିବନ୍ଧ ରହିଥିଲେ ମଧ୍ୟ ଏହା ରାସ୍ତା ଦେଖାଏ। ମନର କେଉଁ କୋଣରେ କାହା ପ୍ରତି ଆଲୋଚନା ରହିଥିଲେ ସେହି ଲୋକର ଖରାପ ଗୁଣଗୁଡ଼ିକ ଦେଖାଯାଏ। କିନ୍ତୁ ଆମ ମନ ଯଦି ସ୍ଥିର ଥାଏ ତେବେ ଜିନିଷଗୁଡ଼ିକ ପରିଷ୍କାର ନଜର ଆସେ ଓ ଆମେ ଶାନ୍ତ ରହି ପ୍ରତିକ୍ରିୟା ଦିଅନ୍ତି। ଆମ ଭିତରେ ଯେପରି ଦୁନିଆ ରହିଥାଏ ସେହିପରି ପ୍ରଭାବ ବାହାରକୁ ଦେଖାଯାଏ ଯେଉଁ ସ୍ଥିତିକୁ ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ। ଆମର କମ୍ପନ ଆମର ବିଚାର କରିବାର ଗୁଣବତ୍ତାକୁ ଦର୍ଶାଇଥାଏ। ନକାରାତ୍ମକ, ଭୟମୁକ୍ତ ଓ ଆଲୋଚନାତ୍ମକ ଚିନ୍ତାଧାରା ଆମ ଭିତରେ ଥିବା ଶକ୍ତିକୁ କମ୍ କରାଇଦିଏ। କିନ୍ତୁ ଏହାର ବିପରୀତରେ ଯେତେବେଳେ ଆମର ଚିନ୍ତାଧାରାରେ ଭଲପାଇବା, କୃତଜ୍ଞତା ଓ ପବିତ୍ରତା ରହେ ଏହି ନକାରାତ୍ମକତା ଓ ଶ୍ରେଷ୍ଠ ଚିନ୍ତାଧାରା ଆମକୁ ଶାନ୍ତି ଓ ଶକ୍ତିରେ ଭରିଦିଏ। ଏହା ପରିବର୍ତ୍ତେ ଆମେ ଧ୍ୟାନ କରିବା, ସାତ୍ତ୍ୱିକ ଭୋଜନ କରିବା, ସକାରାତ୍ମକ କଥା ଶୁଣିବା ଉଚିତ। କିନ୍ତୁ ମନରେ ନିରନ୍ତର ବିଚାରର ସ୍ୱର ରହିଲେ ମନ କ୍ଳାନ୍ତ ଅନୁଭବ କରେ। ତେଣୁ ଏକ ଭୁଲ୍ ବା ନକାରାତ୍ମକ ବିଚାର ଯଦି ମନକୁ ବାରମ୍ବାର ଆସେ ତେବେ ତାହା ଆମର ବିଶ୍ୱାସ ପ୍ରଣାଳୀ ହୋଇଯାଏ ଓ ଧୀରେ ଧୀରେ ଆମ ମନରେ ନିରନ୍ତର ବିଚାରର ସ୍ୱର ଉଠେ। ଏହାପରେ ମନ ନିଜର ଦିଗ ପରିବର୍ତ୍ତନ କରେ। ଏପରି ସ୍ଥଳେ ଆମେ ମନକୁ ଯଦି ପରିଷ୍କାର କରିବା ନାହିଁ ତେବେ ଆମେ ସେହି ପୁରୁଣା ଚାପଗୁଡ଼ିକୁ ଅନୁଭବ କରୁଥିବା।

# ଚାଙ୍ଗି ବିମାନବନ୍ଦର



ଦୁନିଆରେ ରହିଛି ଏପରି ଅନେକ ବିମାନବନ୍ଦର ଯେଉଁଗୁଡ଼ିକ ନିଜର ଆଧୁନିକ ସୁବିଧା, ଶାନ୍‌ଦାର ଡିଜାଇନ୍ ଓ ଉତ୍କୃଷ୍ଟ ସେବା ପାଇଁ ବେଶ୍ ପ୍ରସିଦ୍ଧ। କେଉଁଠାରେ ବୈଭବଶାଳୀ ଲାଉଞ୍ଜ ରହିଥାଏ ତ କେଉଁଠାରେ ଯାତ୍ରୀଙ୍କ ପାଇଁ ଦାମୀ ସୁବିଧା ଓ ମନୋରଞ୍ଜନର ସୁବିଧା ବି ରହିଥାଏ। କିନ୍ତୁ ସିଙ୍ଗାପୁରର ଚାଙ୍ଗି ବିମାନବନ୍ଦର ଏସବୁ ଠାରୁ ଅଲଗା। ବିମାନବନ୍ଦରଟି ଏକ ବଡ଼ ପର୍ଯ୍ୟଟନ ସ୍ଥଳ ହୋଇସାରିଲାଣି। ଲୋକମାନେ ସେଠାକୁ କେବଳ ଯାତ୍ରା କରିବା ଉଦ୍ଦେଶ୍ୟରେ ଯାଆନ୍ତି ନାହିଁ ବିମାନବନ୍ଦର ଦେଖିବାକୁ, ସମୟ ଅତିବାହିତ କରିବାକୁ, ଫଟୋ ଉଠେଇବାକୁ, କିଣାକିଣି କରିବାକୁ, ଏପରିକି ବିବାହ ଓ ଅନ୍ୟ ସମାରୋହର ଆୟୋଜନ କରିବା ପାଇଁ ସେଠାରେ ପହଞ୍ଚି ଯାଆନ୍ତି। ଏହାର ସୁନ୍ଦରତା ଓ ଅନୋଖା ସୁବିଧାଗୁଡ଼ିକୁ ଦେଖିବା ପରେ ଏହାକୁ ଦୁନିଆର ସବୁଠାରୁ ସୁନ୍ଦର ବିମାନବନ୍ଦର ସୂଚୀରେ ସାମିଲ କରାଯାଇଛି। ଏହି କାରଣରୁ ସୋସିଆଲ୍ ମିଡିଆରେ ଚାଙ୍ଗି ବିମାନବନ୍ଦରର ଫଟୋ ଓ ଭିଡିଓ ପ୍ରାୟତଃ ଭାଇରାଲ୍ ହେଉଥାଏ। ଚାଙ୍ଗି ବିମାନବନ୍ଦରର ବିଶେଷତା ହେଲା ସେଠାରେ ପାଦ ପକାଇବା ମାତ୍ରେ କୌଣସି ଘନ ଜଙ୍ଗଲକୁ ପ୍ରବେଶ କରିବା ପରି ମନେହେବ। ସେଠାରେ ହଜାର ହଜାର ସଂଖ୍ୟାରେ ଗଛ ଓ ରଙ୍ଗବେରଙ୍ଗ ଫୁଲ ଲଗାଯାଇଛି ଯାହା ପୂରା ପରିବେଶକୁ ପ୍ରାକୃତିକ ରୂପ ଦେଉଛି। ସବୁଜିମାରେ ଭରା ଏହି ବିମାନବନ୍ଦରରେ ଚାଲୁଥିବା ବେଳେ ଯାତ୍ରୀମାନଙ୍କୁ ସହରର ଭିଡ଼ର ଅନୁଭବ ହୁଏ ନାହିଁ। ଏହି କାରଣରୁ ଅନେକ ଲୋକ ନିଜର କନେକ୍ଟିଂ ଫ୍ଲାଇଟ୍ ସମୟରେ ସେଠାରେ ବନ୍ଦରର ଆନନ୍ଦ ଉଠାଇଥାନ୍ତି। ସେଠାରେ ବଟରଫ୍ଲାଇ ପାର୍କ ବି ରହିଛି ଯେଉଁଠାରେ ହଜାର ହଜାର ପ୍ରଜାପତି ରହନ୍ତି ଓ ଲୋକମାନେ ସେ ସ୍ଥାନର ମଜା ଉଠେଇବାକୁ ଭୁଲନ୍ତି ନାହିଁ। ଅନ୍ୟ ଏକ ଆକର୍ଷଣ ହେଉଛି ରେନ୍ ଭୋର୍ଟେକ୍ସ ଯାହାର ଉଚ୍ଚତା ହେବ ୧୩୦ ଫୁଟ୍। କାଚର ବିଶାଳ ଗମ୍ବୁଜ ମଝିରୁ ପ୍ରବାହିତ ଝରଣାରେ ମ୍ୟୁଜିକ୍ ଶୋ' ହୁଏ। ଏହା ବ୍ୟତୀତ ସ୍ୱିମିଂ ପୁଲ୍, ଜ୍ୱେଲ୍ ଚାଙ୍ଗି କମ୍ପ୍ଲେକ୍ସର ଶାନ୍‌ଦାର ବାସ୍ତୁକଳା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି।

# କକ୍‌ରୋଚ୍ କ୍ୟାଫେ

କକ୍‌ରୋଚ୍ ଜନତା ପାର୍ଟିର ଗଠନ ହେବା ପରେ ଏବେ ବିହାରରେ ଏପରି ଏକ କ୍ୟାଫେ ଖୋଲାଯାଇଛି ଯାହା ନିଜର ଅଜବ ନାମ କାରଣରୁ ଚର୍ଚ୍ଚାର ବିଷୟ ହୋଇସାରିଲାଣି। ନାଳନ୍ଦାର ହିଲ୍‌ସା ବାଇପାସ୍‌ରେ ସ୍ଥିତ ଏହି କ୍ୟାଫେର ନାମ ରଖାଯାଇଛି 'କକ୍‌ରୋଚ୍ କ୍ୟାଫେ'। ସୋସିଆଲ୍ ମିଡିଆରେ ଏହି କ୍ୟାଫେର ଫଟୋ ଖୁବ୍ ଭାଇରାଲ୍ ହେଉଛି। ତେବେ ଏହି କ୍ୟାଫେ ଭିତରେ ପ୍ରବେଶ କରିବା ମାତ୍ରେ ବ୍ଲାକ୍ ଥିମ୍ ନଜର ଆସିବ। ଟିଣ ଛାତରେ ହଳଦିଆ ଲଟକିଥିବା ଆଲୋକ, ଆର୍ଟିଫିସିଆଲ୍ ବେଲ୍ ଓ ଫୁଲରେ ସଜାଯାଇଥିବା କାନ୍ଥ ନଜର ଆସେ। ବସିବା ପାଇଁ କଳା ରଙ୍ଗର ସୋଫା, ଲାଲ୍ ଗଦି ଓ କାଚର ଟେବୁଲ୍ ରଖାଯାଇଛି। ଏକ କୋଣରେ ହଳଦିଆ ରଙ୍ଗର ପ୍ଲାଷ୍ଟିକ୍ ଚେୟାର ଓ ଏକ ଛୋଟ ଫ୍ରିଜ୍ ଅଛି। ନୀଳ-ହଳଦିଆ ପେଣ୍ଟର କାନ୍ଥଗୁଡ଼ିକ ଉପରେ ରଖାଯାଇଥିବା କୁଣ୍ଡଗୁଡ଼ିକ ପରିବେଶକୁ ତାଜା ଲୁକ୍ ଦେଉଛନ୍ତି। ସନ୍ଧ୍ୟା ସମୟରେ ଯୁବକ ଯୁବତୀମାନଙ୍କର ଦଳ ଚା' ପିଇବା ଓ ରିଲ୍ କରିବା ପାଇଁ ସେହି କ୍ୟାଫେକୁ ଯାଆନ୍ତି। ତେବେ କ୍ୟାଫେର ସଞ୍ଚାଳକଙ୍କ ଅନୁସାରେ ଲୋକମାନଙ୍କୁ ହସେଇବା ଓ ଆକର୍ଷିତ କରିବା ପାଇଁ କକ୍‌ରୋଚ୍ କ୍ୟାଫେର ନାମ ରଖାଯାଇଛି। ଏହି ନାମ ଶୁଣିଲେ ଦେଖିବା ପାଇଁ ଲୋକମାନେ ଆସିବେ ଓ ନିଜର କ୍ୱାଲିଟି ଟାଇମ୍ ଏଠାରେ ବିତେଇବେ। ତେବେ ଏହି ନାମ ଏକ ବ୍ରାଣ୍ଡ, ଥଟ୍ଟା ପରିହାସ ନୁହେଁ। ସୋସିଆଲ୍ ମିଡିଆରେ ଲୋକମାନେ ଦେଉଥିବା ମନ୍ତବ୍ୟ ଅନୁସାରେ ଏହି ନାମ ଯେତିକି ଭୟଙ୍କର ସେଠିକାର ଚା' ସେତିକି ସ୍ୱାଦିଷ୍ଟ। ସ୍ଥାନୀୟ ଓ ଅନ୍ୟ କିଛି ବୟସ୍କ ଲୋକମାନେ କକ୍‌ରୋଚ୍ କ୍ୟାଫେ ନାମକୁ ନେଇ ଆପତ୍ତି ଜତାଇଲେ ମଧ୍ୟ ଯୁବପିଢ଼ି ଏହି ନାମକୁ ସପୋର୍ଟ କରୁଛନ୍ତି।




# ସ୍ମୃତିରେ ନନ୍ଦିନୀ



୯ ଜୁନ୍, ୧୯୩୧ରେ କଟକର ପିଠାପୁର ଠାରେ ଏକ ବିପ୍ଳବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ନନ୍ଦିନୀ ଶତପଥୀ। ଜଣେ ସୁଲେଖିକା, ସାମ୍ବାଦିକା, ଦକ୍ଷ ରାଜନୀତିଜ୍ଞ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ପରିଚୟ ରହିଛି। ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରତ୍ନମଣି ଦେବୀଙ୍କର ସେ ଥିଲେ ବଡ଼ ଝିଅ। ଶୈଶବରୁ ସେ ସ୍ୱାଭିମାନୀ ଓ ସ୍ୱାଧୀନଚେତା ଥିଲେ। ଛାତ୍ରୀ ଜୀବନରୁ ତାଙ୍କର ରାଜନୀତି ଓ ସାହିତ୍ୟ ପ୍ରତି ଆକର୍ଷଣ ରହିଥିଲା। ରେଭେନ୍ସା କଲେଜରେ ଏମ୍ଏ କରିବା ସମୟରେ କମ୍ୟୁନିଷ୍ଟ ପାର୍ଟିର ଛାତ୍ର ଶାଖା, ଷ୍ଟୁଡେଣ୍ଟ ଫେଡେରେସନ୍ ସହିତ ସେ ଜଡିତ ହେଲେ। ପରେ କଲେଜ ଶିକ୍ଷାର ଫିସ୍ ବୃଦ୍ଧିକୁ ନେଇ ଆନ୍ଦୋଳନ ଆରମ୍ଭ ହୋଇଥିଲା ଯେଉଁ ଆନ୍ଦୋଳନର ସେ ଥିଲେ ଜଣେ ଯୁବନେତ୍ରୀ। ଆନ୍ଦୋଳନରେ ସାମିଲ୍ ହୋଇଥିବାରୁ ନନ୍ଦିନୀ ଜେଲ୍ ଯାଇଥିଲେ। ଜେଲ୍‌ରେ ଫେଡେରେସନ୍‌ର ସଦସ୍ୟ ଦେବେନ୍ଦ୍ର ଶତପଥୀଙ୍କ ସହିତ ସାକ୍ଷାତ ହୋଇଥିଲା ଯାହାଙ୍କୁ ପରେ ସେ ବିବାହ କରିଥିଲେ। ଲୌହମାନବୀ ଭାବରେ ପରିଚିତା ନନ୍ଦିନୀ ଶତପଥୀ ମାତ୍ର ଆଠ ବର୍ଷର ହୋଇଥିବା ସମୟରେ ୟୁନିୟନ୍ ଜ୍ୟାକ୍‌କୁ ଟାଣି ବାହାର କରି ପୁଲିସ୍ ଠାରୁ ମାଡ ଖାଇଥିଲେ। ସେ ସମୟରେ ଏହି ଘଟଣା ଖୁବ୍ ଚର୍ଚ୍ଚାର ବିଷୟ ହୋଇଥିଲା। ୧୯୭୨ରେ ଓଡ଼ିଶା କଂଗ୍ରେସର ମୁଖ୍ୟ ହେବା ପରେ ଇନ୍ଦିରା ଗାନ୍ଧୀ ସରକାରର ଜଣେ ମନ୍ତ୍ରୀ ହେବାର ସୌଭାଗ୍ୟ ତାଙ୍କୁ ମିଳିଥିଲା। ଓଡ଼ିଆ ସାହିତ୍ୟରେ ତାଙ୍କର ଅବଦାନ ପାଇଁ ତାଙ୍କୁ ୧୯୯୮ରେ 'ସାହିତ୍ୟ ଭାରତୀ'ରେ ସମ୍ମାନିତ କରାଯାଇଥିଲା। ଓଡ଼ିଆ ସାହିତ୍ୟ, କଳା ଓ ସଂସ୍କୃତି ପ୍ରତି ତାଙ୍କର ଥିଲା ସ୍ୱତନ୍ତ୍ର ଅବଦାନ। ତାଙ୍କର ଲେଖାଗୁଡ଼ିକ ଅନେକ ଭାଷାରେ ଅନୁବାଦିତ ହୋଇ ପ୍ରକାଶିତ ହୋଇଛି। ଏହି ଅଗ୍ରଣୀ ନାରୀନେତ୍ରୀ ୨୦୦୬ର ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ଆୟୁର୍ବେଦରେ ମଙ୍କି ଫ୍ରୁଟ୍

ଆୟୁର୍ବେଦରେ ଏପରି କେତେକ ଫଳକୁ ସାମିଲ କରାଯାଇଛି ଯେଉଁଗୁଡ଼ିକରେ ଔଷଧୀୟ ଗୁଣ ଭରପୂର ମାତ୍ରାରେ ଥାଏ। ଏଗୁଡ଼ିକ ମଧ୍ୟରୁ କିଛି ଫଳ ବିଷୟରେ ଲୋକମାନେ ଜାଣିଥାନ୍ତି ତ ଆଉ କିଛି ଫଳ ସେହିପରି ଅଜ୍ଞାତ ହୋଇ ରହିଯାଆନ୍ତି। ଏହିପରି ଏକ ଫଳ ହେଉଛି ମଙ୍କି ଫ୍ରୁଟ୍। ପଣସ ପରିବାରରୁ ଆସିଥିବା ଏହି ଫଳ ସ୍ୱାଦରେ ଖଟା ଓ ମିଠା। କେବଳ ବର୍ଷାଋତୁରେ ଦେଖିବାକୁ ମିଳୁଥିବା ଏହି ଫଳ ପାଚିଲେ ହଳଦିଆ ଓ ଗୋଲାପି ରଙ୍ଗ ହେବା ପରେ ମାଟିଆ ରଙ୍ଗର ହୋଇଯାଏ। ବଜାରରେ ଏହି ଫଳର ଦାମ୍ ମାତ୍ର ପାଞ୍ଚ ଟଙ୍କା। କିନ୍ତୁ ଏହା ଔଷଧୀୟ ଗୁଣର ଭଣ୍ଡାର। କେବଳ ଏହାର ଫଳ ଯେ କାମରେ ଆସେ ତାହା ନୁହେଁ ଏହାର ମଞ୍ଜି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ପ୍ରଭାବୀ ବୋଲି କୁହାଯାଏ। କିନ୍ତୁ ଆବଶ୍ୟକରୁ ଅଧିକ ମଙ୍କି ଫ୍ରୁଟ୍ ଖାଇଲେ କ୍ଷତି ମଧ୍ୟ ହୋଇପାରେ। ତେବେ ଏହାର ଚମତ୍କାରୀ ସ୍ୱାସ୍ଥ୍ୟ ଲାଭ ବିଷୟରେ ନିମ୍ନରେ ଦିଆଗଲା।



ମଙ୍କି ଫ୍ରୁଟ୍

- ଖାଇବା ଦ୍ୱାରା ପେଟ ପରିଷ୍କାର ରହେ ଓ ଆମକୁ ଏନର୍ଜି ମିଳେ। କାରଣ ଏଥିରେ ଜିଙ୍କ୍, କପର୍, ଆୟରନ୍, ମାଙ୍ଗାନିଜ୍, ଭିଟାମିନ୍ ସି, ବିଟା କ୍ୟାରୋଟିନ୍, ଆଣ୍ଟି ଭାଇରାଲ୍, ଆଣ୍ଟିଇନ୍‌ଫ୍ଲାମେଟୋରୀ ଓ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଭରି ରହିଥାଏ। ନିୟମିତ ଏହାକୁ ଖାଇଲେ ଶରୀରକୁ ଗରମ ଦାଉରୁ ମୁକ୍ତି ମିଳେ। ଏହା ସହିତ ଲିଭର୍ ସକ୍ରିୟ ରହେ।
- ଏହି ଫଳ ସ୍କିନ୍‌ର କୁଞ୍ଚନରୁ ରକ୍ଷା କରେ। ଶରୀରରେ ହୋଇଥିବା ଘା', ସ୍କିନ୍ ଏଜିଂ ପରି ସମସ୍ୟାଗୁଡ଼ିକରୁ ରକ୍ଷା କରିବାରେ ମଙ୍କି ଫ୍ରୁଟ୍ ସହାୟକ ହୋଇଥାଏ। ଏହାର ଗଛର ଛାଲକୁ ଶୁଖେଇ ପାଉଡର୍ ପ୍ରସ୍ତୁତ କରାଯାଏ। ଏହି ପାଉଡର୍‌କୁ ଘା'ରେ ଲଗେଇଲେ ବହୁତ ଶୀଘ୍ର ଠିକ୍ ହୋଇଯାଏ। ଏହାର ବ୍ୟବହାର ଦ୍ୱାରା ବୟସ ବୃଦ୍ଧି ପାଇଲେ ମଧ୍ୟ ସ୍କିନ୍‌ରେ ସେମିତି ଚମକ ରହିଥାଏ।
- ମଙ୍କି ଫ୍ରୁଟ୍ ବର୍ଷାଦିନେ ହେଉଥିବାରୁ ପାଚନ ତନ୍ତ୍ର ସକ୍ରିୟ ରହେ। ଅପଚ ଓ କୋଷ୍ଠକାଠିନ୍ୟରୁ ମୁକ୍ତି ମିଳେ। ଏଥିରେ ଥିବା ପୋଷକ ତତ୍ତ୍ୱ ରକ୍ତ ସଞ୍ଚାରକୁ ସନ୍ତୁଳିତ ରଖିବା ସହିତ ଟେନ୍‌ସନ୍ ଫ୍ରି କରାଏ।



# ବଲିଉଡ୍ ଡେବ୍ୟୁ ପ୍ରସ୍ତୁତିରେ ସୁରଭି

ନିର୍ମାତା ନିତେଶ ତିୱାରୀଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ର ଟ୍ରେଲର୍ ରିଲିଜ ହେବା ପରଠାରୁ ଦର୍ଶକମାନଙ୍କର ଉତ୍ସାହ ବୃଦ୍ଧି ପାଇଛି। ଫିଲ୍ମଟି ନିଜର ଭିଏଫ୍‌ଏକ୍ସ, ଚରିତ୍ର ଓ କାହାଣୀକୁ ନେଇ ଲୋକମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇ ପୂର୍ବରୁ ରହିଥିଲା। ଏଥିରେ ରଣ୍‌ବୀର କପୁର, ସାଇ ପଲ୍ଲବୀ ଓ ଯଶଙ୍କ ପରି ଅନେକ ଶାନ୍‌ଦାର କଳାକାର ଫିଲ୍ମର ମୁଖ୍ୟ ଅଂଶବିଶେଷ ହୋଇ ରହିଛନ୍ତି। ଏହି ସୂଚୀରେ ରହିଛି ସୁରଭି ଦାସଙ୍କ ନାମ ଯିଏ ୪୦୦୦ କୋଟି ବଜେଟ୍‌ରେ ନିର୍ମିତ ଫିଲ୍ମ 'ରାମାୟଣ' ଜରିଆରେ ବଲିଉଡ୍ ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଛନ୍ତି। ଟିଭି ଦୁନିଆରେ ନିଜର ପରିଚୟ ତିଆରି କରିବା ପରେ ଏବେ ନିତେଶ ତିୱାରୀଙ୍କ ଫିଲ୍ମରେ ନଜର ଆସିବେ ସୁରଭି। ଅଭିନୟରେ ନିଜର କ୍ୟାରିୟର୍ ତିଆରି କରିବା ପାଇଁ ଉତ୍ତର-ପୂର୍ବରୁ ମୁମ୍ବାଇ ଆସିଥିବା ସୁରଭି କହନ୍ତି ଯେ ତାଙ୍କର ଅଭିନୟର ଯାତ୍ରା ମୁକେଶ ଛାବଡ଼ାଙ୍କ ଏକ ଅଡିସନ୍‌ରୁ ଆରମ୍ଭ ହୋଇଥିଲା। ତେବେ ଏହାର କନ୍‌ଫର୍ମେସନ୍ ପାଇଁ ଦୁଇ ମାସର ସମୟ ଲାଗିଯାଇଥିଲା। ସେହି ସମୟ ଭିତରେ ସେ 'ପାଣ୍ଡ୍ୟା ବ୍ରଦର୍ସ'ର ସୁଟିଂ ଆରମ୍ଭ କରିଥିଲେ। ସେ ଅଡିସନ୍ ଦେବାକୁ ଗଲେ। ଏହାପରେ ତାଙ୍କର ଲୁକ୍ସ ଓ କଷ୍ଟ୍ୟୁମ୍ ଟ୍ରାଏଲ୍ କରାଗଲା। ଧୀରେ ଧୀରେ ସେ ବୁଝିଗଲେ ଯେ ସେ ବଡ଼ ବଡ଼ କଳାକାରମାନଙ୍କ ସହିତ ସ୍କ୍ରିନ୍ ସେୟାର୍ କରିବେ। କିନ୍ତୁ ସେ ସମୟକୁ ସଂଘର୍ଷ ବୋଲି କହନ୍ତି ନାହିଁ ସୁରଭି। ଏହା ଏକ ପ୍ରକ୍ରିୟା ଥିଲା। ସଠିକ୍ ଭୂମିକା ମିଳିବା ପରେ କାଷ୍ଟିଂ ନିର୍ଦ୍ଦେଶକଙ୍କ ସହିତ ଲଗାତର ସମ୍ପର୍କରେ ରହିବାକୁ ପଡ଼ିଥାଏ। ତେବେ 'ରାମାୟଣ' ଫିଲ୍ମରେ ସୁରଭି, ସୀତାଙ୍କ ଛୋଟ ଭଉଣୀ ଓ ଶତ୍ରୁଘ୍ନଙ୍କ ପତ୍ନୀ ଶ୍ରୁତକୀର୍ତ୍ତିଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଯଦିଓ ଏହା ଏକ ଛୋଟ ଭୂମିକା କିନ୍ତୁ ସୁରଭି 'ରାମାୟଣ' ପରି ଫିଲ୍ମର ଅଂଶବିଶେଷ ହୋଇଥିବାରୁ ନିର୍ମାତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମ୍ୟାଚ୍ ଫିକ୍ସିଂ: ଆମେରିକୀୟ କ୍ରିକେଟର୍ ୮ ବର୍ଷ ବ୍ୟାନ୍

**ଦୁବାଇ,୩।୮/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଭାରତୀୟ ବଂଶୋଦ୍ଭବ ଆମେରିକୀୟ କ୍ରିକେଟର୍ ବୋଡୁଗୁମ ଅଖିଳେଶ ରେଡ୍ଡୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଅଖିଳେଶଙ୍କ ଉପରେ ୮ ବର୍ଷର ପ୍ରତିବନ୍ଧ ଲଗାଇଛି। ଆଇସିସି ଆଣ୍ଟି-କରପସନ୍ ଟ୍ରିବ୍ୟୁନାଲ୍ ରେଡ୍ଡୀଙ୍କୁ ଭ୍ରଷ୍ଟାଚାର ନିରୋଧକ ସଂହିତା (ଆଣ୍ଟି କରପ୍ସନ୍ କୋଡ୍)ର ତିନିଟି ଗୁରୁତର ଉଲ୍ଲଂଘନରେ ଦୋଷୀ ସାବ୍ୟସ୍ତ କରିଛି।



ଏହି ପୂରା ମାମଲା ୨୦୨୫ ଆବୁଧାବି ଟି-୧୦ ଲିଗ୍ ସହିତ ଜଡ଼ିତ। ଏହି ଟୁର୍ଣ୍ଣାମେଣ୍ଟ୍ ପାଇଁ ଏମିରେଟ୍ସ କ୍ରିକେଟ୍ ବୋର୍ଡ (ଇସିବି) ଆଇସିସିକୁ ଭ୍ରଷ୍ଟାଚାର ରୋଧୀ ଗତିବିଧି ଉପରେ ନଜର ରଖିବା ଦାୟିତ୍ୱ ପ୍ରଦାନ କରିଥିଲା। ଆଇସିସି ଅନୁସାରେ ବୋଡୁଗୁମ ଅଖିଳେଶ ରେଡ୍ଡୀ ଟୁର୍ଣ୍ଣାମେଣ୍ଟ୍ ଅବସରରେ ମ୍ୟାଚ୍‌ର ଫଳାଫଳ ଏବଂ ଖେଳର ଗତିକୁ ଭୁଲ୍ ପ୍ରକାରେ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲେ। ଏତିକି ନୁହେଁ, ସେ ଜଣେ ଅନ୍ୟ ଖେଳାଳିଙ୍କୁ ମଧ୍ୟ ମ୍ୟାଚ୍ ଫିକ୍ସିଂରେ ସାମିଲ ହେବା ପାଇଁ ଉସୁକାଇବା ସହିତ ଷଡ଼ଯନ୍ତ୍ରରେ ସହାୟତା କରିବାର ଉଦ୍ୟମ କରିଥିଲେ। ଯାଞ୍ଚ ବେଳେ ସେ ନିଜ ମୋବାଇଲ୍ ଫୋନ୍‌ରୁ ମହତ୍ତ୍ୱପୂର୍ଣ୍ଣ ଡାଟା ଏବଂ ଚ୍ୟାଟ୍ ଡିଲିଟ୍ କରିଦେଇଥିଲେ, ଯାହା ଫଳରେ ଏଜେନ୍ସିକୁ ପ୍ରମାଣ ମିଳିପାରିବ ନାହିଁ। ଟ୍ରିବ୍ୟୁନାଲ୍ ଏହାକୁ ମଧ୍ୟ ଗୁରୁତର ଅପରାଧ ମାନିଛି। ରେଡ୍ଡୀଙ୍କ ଉପରେ ଲାଗୁ ଆଠ ବର୍ଷର ପ୍ରତିବନ୍ଧ ୨୦୨୫ ନଭେମ୍ବର ୨୧ ତାରିଖରୁ ପ୍ରଭାବଶାଳୀ ହେବ। ଏହି ଦିନ ତାଙ୍କୁ ଅସ୍ଥାୟୀ ଭାବେ ନିଲମ୍ବିତ କରାଯାଇଥିଲା। ଅର୍ଥାତ୍ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ସ୍ତରର ମାନ୍ୟତାପ୍ରାପ୍ତ କ୍ରିକେଟ୍‌ରେ ଭାଗ ନେଇପାରିବେ ନାହିଁ।

୨୬ ବର୍ଷୀୟ ବୋଡୁଗୁମ ଅଖିଳେଶ ରେଡ୍ଡୀ ଆମେରିକାର ଜାତୀୟ ଟିମ୍‌ର ପ୍ରତିନିଧିତ୍ୱ କରିସାରିଛନ୍ତି। ସେ ଆମେରିକା ପାଇଁ ଚାରି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଗୋଟିଏ ୱିକେଟ୍ ମଧ୍ୟ ହାସଲ କରିଛନ୍ତି। ରେଡ୍ଡୀ ନର୍ଥ ଆମେରିକାର ଟି୨୦ କପ୍‌ରେ ମ୍ୟୋନ୍ ଆଇଲାଣ୍ଡ୍‌ସ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ଆମେରିକାରେ ଜନ୍ମିତ ଏବଂ ଆନ୍ଧ୍ରପ୍ରଦେଶରେ ଲାଳିତ ପାଳିତ ହୋଇଥିବା ଅଖିଳେଶଷ ନିଜର ପ୍ରଦର୍ଶନ ଦମ୍‌ରେ ବିଜୟ ହଜାରେ ଟ୍ରଫି ପାଇଁ ହାଇଦ୍ରାବାଦ ଟିମ୍‌ରେ ସ୍ଥାନ ହାସଲ କରିଥିଲେ। ଅବଶ୍ୟ ତାଙ୍କୁ ସୁଯୋଗ ମିଳିନଥିଲା। ସେ ଆଇପିଏଲ୍ ଟିମ୍ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍ଆର୍ଏଚ୍)ର ନେଟ୍ ବୋଲର୍ ମଧ୍ୟ ଥିଲେ।

# ପ୍ରଥମ ଥର ଭାରତୀୟ ଟେଷ୍ଟ ଟିମ୍‌ରେ ଆକିବ୍ ନବୀ

**ବୁମ୍‌ରାଙ୍କ ସ୍ଥାନରେ ଶ୍ରୀଲଙ୍କା ଗସ୍ତ କରିବେ**

**ଟିମ୍ ଇଣ୍ଡିଆରେ ଜମ୍ମୁ-କଶ୍ମୀରର ତୃତୀୟ ଖେଳାଳି**

**ମୁମ୍ବାଇ,୩।୮/ଏଜେନ୍ସି:** ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟ ଟେଷ୍ଟ ଟିମ୍‌ରେ ବଡ଼ ପରିବର୍ତ୍ତନ ହୋଇଛି। ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଆକିବ୍ ନବୀଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ନବୀ ଟିମ୍ ଇଣ୍ଡିଆରେ ଚୟନ ହେବାରେ ଜମ୍ମୁ-କଶ୍ମୀରର ତୃତୀୟ କ୍ରିକେଟର୍। ଜସ୍‌ପ୍ରୀତ୍ ବୁମ୍‌ରା ରବିବାର ଟିମ୍ ଇଣ୍ଡିଆରୁ ବାହାର ହୋଇଥିଲେ। ରିପୋର୍ଟ ଅନୁସାରେ ସେ ଆଣ୍ଠୁ ଆଘାତରୁ ସୁସ୍ଥ ହୋଇନାହାନ୍ତି। ଟିମ୍ ମ୍ୟାନେଜମେଣ୍ଟ ଏବଂ ବିସିସିଆଇ ତାଙ୍କ ଲମ୍ବା କ୍ୟାରିୟରକୁ ଦୃଷ୍ଟିରେ ରଖି କୌଣସି ରିସ୍କ ନନେବାକୁ ନିଷ୍ପତ୍ତି ନେଇଛନ୍ତି।

୨୩ ବର୍ଷୀୟ ଆକିବ୍ ନବୀ ରଣଜୀ ଟ୍ରଫି ୨୦୨୫-୨୬ ସିଜନ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏବେ ତାଙ୍କୁ ଭାରତୀୟ ଟେଷ୍ଟ ଟିମ୍‌ରେ ସୁଯୋଗ ମିଳିଛି। ସେ ଟେଷ୍ଟ ଟିମ୍‌ରେ ସାମିଲ ହୋବାରେ ଜମ୍ମୁ-କଶ୍ମୀରର ପ୍ରଥମ କ୍ରିକେଟର୍। ଯଦି ସେଠାକାର ପରଭେଜ୍ ରସୁଲ୍ ଏବଂ ଉମ୍‌ରାନ୍ ମଲିକ୍ ଭାରତୀୟ ଟିମ୍‌ରେ ଚୟନ ହୋଇଥିଲେ, ତେବେ ସେମାନଙ୍କୁ କେବଳ ଦିନିକିଆ ଓ ଟି-୨୦ ଟିମ୍‌ରେ ସୁଯୋଗ ମିଳିଥିଲା।

୨୦୨୫-୨୬ ରଣଜୀ ସିଜନ୍‌ରେ ଆକିବ୍ ନବୀ ମାତ୍ର ୧୦ ମ୍ୟାଚ୍‌ରେ ୬୦ ୱିକେଟ୍ ଅକ୍ତିଆର କରିଥିଲେ। ଏଥିରେ



ସାତଥର ୫-ୱିକେଟ୍‌ର କାରନାମା ସାମିଲ। ଗତ ଦୁଇଟି ରଣଜୀ ସିଜନ୍‌ରେ ଆକିବ୍ ନବୀ ମୋଟ ୧୦୪ ୱିକେଟ୍ ନେଇଛନ୍ତି। ଏହା ମଧ୍ୟରୁ ୦୨୫-୨୬ରେ ୬୦ ଏବଂ ପୂର୍ବ ସିଜନ୍‌ରେ ୪୪ ୱିକେଟ୍ ସାମିଲ। ଏହି ପ୍ରଦର୍ଶନ ତାଙ୍କୁ ଲାଲ୍ ବଲ୍ କ୍ରିକେଟ୍‌ରେ ଦେଶର ସବୁଠୁ ପ୍ରଭାବଶାଳୀ ବୋଲର୍‌ରେ ଗଣ୍ୟ କରିଛି। ନକ୍ଆଉଟ୍ ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ବିଶେଷ ରୂପେ ଚମତ୍କାର ଥିଲା। ସେ କ୍ୱାର୍ଟର୍‌ଫାଇନାଲ୍‌ରେ ମଧ୍ୟପ୍ରଦେଶ, ସେମିଫାଇନାଲ୍‌ରେ ବେଙ୍ଗଲ୍ ଏବଂ ଫାଇନାଲ୍‌ରେ କର୍ଣ୍ଣାଟକ ବିପକ୍ଷରେ ନିର୍ଣ୍ଣାୟକ ବୋଲିଂ କରିଥିଲେ। ଏହି ପ୍ରଦର୍ଶନ କେବଳ ଜମ୍ମୁ-କଶ୍ମୀରକୁ ପ୍ରଥମ ଥର ରଣଜୀ ଟ୍ରଫି ଟାଇଟଲ୍ ଦେଇନଥିଲା, ବରଂ ଚାପରେ ତାଙ୍କ ଧୈର୍ଯ୍ୟକୁ ମଧ୍ୟ ପ୍ରଦର୍ଶିତ କରିଥିଲା।

# ବର୍ଷକ ପରେ ରେଡ୍ ବଲ୍ କ୍ରିକେଟ୍‌କୁ ଫେରିଲେ ଅର୍ଶଦୀପ

**ଦିଲୀପ୍ ଟ୍ରଫି ପାଇଁ ନର୍ଥ ଜୋନ୍ ଟିମ୍‌ରେ ସାମିଲ**

**ନୂଆଦିଲ୍ଲୀ,୩।୮/ଏଜେନ୍ସି:** ଫାଷ୍ଟ ବୋଲର୍ ଅର୍ଶଦୀପ୍ ସିଂହଙ୍କର ପ୍ରାୟ ଏକ ବର୍ଷ ପରେ ରେଡ୍ ବଲ୍ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ହୋଇଛି। ତାଙ୍କୁ ଦିଲୀପ୍ ଟ୍ରଫି ୨୦୨୬-୨୭ ପାଇଁ ନର୍ଥ ଜୋନ୍ ଟିମ୍‌ରେ ଚୟନ କରାଯାଇଛି। ଅର୍ଶଦୀପ୍ ଶେଷଥର ପାଇଁ ଗତବର୍ଷ ଦିଲୀପ୍ ଟ୍ରଫିରେ ହିଁ ରେଡ୍ ବଲ୍ କ୍ରିକେଟ୍ ଖେଳିଥିଲେ। ୧୫ ଜଣିଆ ଟିମ୍‌ରେ ଜମ୍ମି-କଶ୍ମୀର ୱିକେଟ୍‌କିପର୍ ବ୍ୟାଟର୍ କହ୍ନେୟା ୱାଧାବନଙ୍କୁ କ୍ୟାପ୍ଟେନ୍ ଏବଂ ଦିଲ୍ଲୀ ଅଲ୍‌ରାଉଣ୍ଡର୍ ଆୟୁଷ ବଡ଼ୋନୀଙ୍କୁ ଭାଇସ୍ କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଛି। ନର୍ଥ ଜୋନ୍ ନିଜର ପ୍ରଥମ ମ୍ୟାଚ୍ ଅଗଷ୍ଟ ୨୩ ତାରିଖରେ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ୱେଷ୍ଟ ଜୋନ୍ ବିପକ୍ଷରେ ଖେଳିବ। ନର୍ଥ ଜୋନ୍ ନିକଟରେ ସର୍ବାଧିକ ଟାଇଟଲ୍ ଜିତିବା ମାମଲାରେ ୱେଷ୍ଟ ଜୋନ୍‌ର ସମକକ୍ଷ ହେବାର ସୁଯୋଗ ରହିଛି।



ଟିମ୍ ୱେଷ୍ଟ ଜୋନ୍‌ଠାରୁ ଗୋଟିଏ କମ୍ ଟାଇଟଲ୍ ଜିତିଛି। ନର୍ଥ ଜୋନ୍ ନାମରେ ୧୮ ଟାଇଟଲ୍ ଥିବା ବେଳେ ୱେଷ୍ଟ ଜୋନ୍ ୧୯ ଟାଇଟଲ୍ ଜିତିଛି।

କ୍ୟାପ୍ଟେନ୍ କହ୍ନେୟା ୱାଧାବନଙ୍କ ବ୍ୟତୀତ ଟିମ୍‌ରେ ଜମ୍ମୁ-କଶ୍ମୀରର ଓପନର୍ କାମରାନ୍ ଇକ୍‌ବାଲ୍, ମଧ୍ୟପ୍ରଦେଶର ବ୍ୟାଟର୍ ଅବଦୁଲ ସମଦ, ସ୍ପିନ୍ ଅଲ୍‌ରାଉଣ୍ଡର୍ ଆବିଦ୍ ମୁସ୍ତାକ୍ ଏବଂ ଫାଷ୍ଟ ବୋଲର୍ ଯୋଡ଼ି ସୁନିଲ୍ କୁମାର ଓ ଯୁଦ୍ଧବୀର ସିଂହ ରହିଛନ୍ତି। ଟିମ୍‌ରେ ଦିଲ୍ଲୀର ଚାରିଜଣ ଖେଳାଳି ଆୟୁଷ ଦୋସେଜା, ସନତ ସାଙ୍ଗୱାନ୍, ଯଶ୍ ଧୁଲ୍ ଏବଂ ଆୟୁଷ ବଡ଼ୋନୀଙ୍କୁ ସାମିଲ କରାଯାଇଛି। ଧୁଲ୍ ଓ ବଡ଼ୋନୀଙ୍କୁ ଲଗାତାର ଦ୍ୱିତୀୟ ଥର ଟିମ୍‌ରେ ସ୍ଥାନ ମିଳିଛି। ହରିଆଣାର ଫାଷ୍ଟ ବୋଲର୍ ଅଂଶୁଲ କମ୍ବୋଜ୍‌ଙ୍କୁ ମଧ୍ୟ ଟିମ୍‌ରେ ସାମିଲ କରାଯାଇଛି।

ନର୍ଥ ଜୋନ୍ ଟିମ୍: କହ୍ନେୟା ୱାଧାବନ୍ (କ୍ୟାପ୍ଟେନ୍), ଆୟୁଷ ବଡ଼ୋନୀ (ଭାଇସ୍ କ୍ୟାପ୍ଟେନ୍), ଅର୍ଶଦୀପ୍ ସିଂହ, ଅବଦୁଲ୍ ସମଦ, ଯଶ୍ ଧୁଲ, ଅଂଶୁଲ କମ୍ବୋଜ୍, କାମରାନ୍ ଇକ୍‌ବାଲ୍, ଆବିଦ୍ ମୁସ୍ତାକ, ଯୁଦ୍ଧବୀର ସିଂହ, ସୁନିଲ୍ କୁମାର, ସନତ ସାଙ୍ଗୱାନ୍, ଆୟୁଷ ଦୋସେଜା, ନିଶାନ୍ତ ସିନ୍ଧୁ, ଅର୍ଜୁନ୍ ଶର୍ମା, ନିଖିଲ କଶ୍ୟପ।

# ମାଇକ୍ ସ୍ମିଥ୍ ପାକିସ୍ତାନ ବ୍ୟାଟିଂ କୋଚ୍ ନିଯୁକ୍ତ

**ଲାହୋର,୩।୮/ଏଜେନ୍ସି:** ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପୂର୍ବତନ ସାଉଥ୍ ଆଫ୍ରିକା ପ୍ରଥମଶ୍ରେଣୀ କ୍ରିକେଟର୍ ଏବଂ କୋଚ୍ ମାଇକ୍ ସ୍ମିଥ୍‌ଙ୍କୁ ଜାତୀୟ ପୁରୁଷ ଟିମ୍‌ର ନୂଆ ବ୍ୟାଟିଂ କୋଚ୍ ନିଯୁକ୍ତ କରିଛି। ଟିମ୍‌ର ଲଗାତାର ବ୍ୟାଟିଂ ବିଫଳତାକୁ ନେଇ ଚିନ୍ତାରେ ଥିବା ପିସିବି ବ୍ୟାଟିଂ କୋଚ୍ ସନ୍ଧାନରେ ଥିଲା। ଇଣ୍ଟରଭ୍ୟୁ ଏବଂ ମୂଲ୍ୟାଙ୍କନ ପରେ ସ୍ମିଥ୍‌ଙ୍କ ଶର୍ଟଲିଷ୍ଟ କରିଛି। ସ୍ମିଥ୍ ଅଗଷ୍ଟ ୧୯ ତାରିଖରୁ



ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ତିନି ଟେଷ୍ଟ ମ୍ୟାଚ୍‌ର ସିରିଜ୍‌ରେ ଟିମ୍ ସହିତ ଯୋଡ଼ିହେବେ। ସେ ରେଡ୍ ବଲ୍ ଏବଂ ହ୍ୱାଇଟ୍ ବଲ୍ ବ୍ୟାଟରଙ୍କ ସହିତ କାମ କରିବେ। ମାଇକ୍ ସ୍ମିଥ୍ ଲେଭଲ୍-୪ କ୍ୱାଲିଫାଏଡ୍ କୋଚ୍ ଏବଂ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ବ୍ୟାଟିଂ କୋଚ୍ ଭାବେ ତାଙ୍କର ଭଲ ପରିଚୟ ରହିଛି। ପିଏସ୍ଏଲ୍ ୨୦୨୬ରେ ସେ ମୁଲ୍‌ତାନ୍ ସୁଲ୍‌ତାନ୍‌ର ସହାୟକ କୋଚ୍ ଏବଂ ବ୍ୟାଟିଂ କୋଚ୍ ମଧ୍ୟ ଥିଲେ। ଏହା ପୂର୍ବରୁ ସେ ତାସ୍‌ମାନିଆ ଟାଇଗର୍ସର ହାଇପରଫର୍ମାନ୍ସ ପ୍ରୋଗ୍ରାମ୍ ସହ ଜଡ଼ିତ ଥିଲେ। ପାକିସ୍ତାନର ଘରୋଇ ଖେଳାଳି ଏବଂ ସେଠାକାର ପରିସ୍ଥିତି ସମ୍ପର୍କରେ ତାଙ୍କର ଉତ୍ତମ ଜ୍ଞାନ ତାଙ୍କ ନିଯୁକ୍ତିର ବଡ଼ କାରଣ କୁହାଯାଉଛି। ସେ ଟିମ୍‌ରେ ପୂର୍ବତନ ପାକ୍ ବ୍ୟାଟର୍ ଏବଂ ବର୍ତ୍ତମାନର ଜାତୀୟ ଚୟନକର୍ତ୍ତା ଅସଦ୍ ଶଫିକ୍‌ଙ୍କ ସ୍ଥାନ ନେବେ। ସଫିକ୍ ନିକଟରେ ଅନ୍ତରୀଣ ବ୍ୟାଟିଂ କୋଚ୍ ଥିଲେ। ସ୍ମିଥ୍ ଆସିବା ପରେ ସେ ସମ୍ପୂର୍ଣ୍ଣ ଭାବେ ଚୟନକର୍ତ୍ତା ଭୂମିକାକୁ ଫେରିଯିବେ।

**ଟିମ୍ ଇଣ୍ଡିଆରେ ଆହତ ସମସ୍ୟା ବୃଦ୍ଧିକୁ ନେଇ ବୋର୍ଡ କଠୋର**

# ସପୋର୍ଟ ଷ୍ଟାଫ୍ ଓ ମୁଖ୍ୟ ଫିଜିଓଙ୍କ ହେବ ସମୀକ୍ଷା

**ନୂଆଦିଲ୍ଲୀ,୩।୮/ଏଜେନ୍ସି:** ଭାରତୀୟ କ୍ରିକେଟ୍ ଟିମ୍‌ରେ ବୃଦ୍ଧି ପାଉଥିବା ଆହତ ସମସ୍ୟା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ)ର ଚିନ୍ତା ବଢ଼ାଇ ଦେଇଛି। ରିପୋର୍ଟ ଅନୁସାରେ ଶ୍ରୀଲଙ୍କା ଗସ୍ତ ପରେ ବୋର୍ଡ ଟିମ୍ ଇଣ୍ଡିଆ ମେଡିକାଲ୍ ଏବଂ ସପୋର୍ଟ ଷ୍ଟାଫ୍‌ର ସମୀକ୍ଷା କରିବ। ବିଶେଷକରି ମୁଖ୍ୟ ଫିଜିଓ କମଲେଶ ଭୂମିକା ଯାଞ୍ଚ ପରିସରଭୁକ୍ତ ହୋଇଛି। କ୍ୟାପ୍ଟେନ୍ ଶୁଭମନ ଗିଲ୍ ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ମଧ୍ୟ ଖେଳାଳିଙ୍କ ଲଗାତାର ଆହତକୁ ନେଇ ସନ୍ତୁଷ୍ଟ ନାହାନ୍ତି। ସେମାନେ ଲଗାତାର ଫିଟ୍ ଚୂଡ଼ାନ୍ତ ଏକାଦଶ ଚୟନ କରିପାରୁ ନାହାନ୍ତି।



ନିକଟରେ ଟିମ୍ ଇଣ୍ଡିଆର କେତେକ ପ୍ରମୁଖ ଖେଳାଳି ଆହତ ହୋଇଛନ୍ତି। ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ଆଣ୍ଠୁ ଆଘାତ କାରଣରୁ ଶ୍ରୀଲଙ୍କା ଗସ୍ତରୁ ବାଦ୍ ପଡ଼ିଛନ୍ତି। ଏହା ପୂର୍ବରୁ ହର୍ଷିତ ରାଣା ଓ ନୀତୀଶ କୁମାର ରେଡ୍ଡୀ ମଧ୍ୟ ଆହତ କାରଣରୁ ଦୁଇ ଟେଷ୍ଟର ସିରିଜ୍ ଉପଲବ୍ଧ ହୋଇନଥିଲେ। ସେହିପରି ଷ୍ଟାର୍ ଅଲ୍‌ରାଉଣ୍ଡର୍ ୱାଶିଂଟନ୍ ସୁନ୍ଦର ମଧ୍ୟ ପ୍ରଥମ ଟେଷ୍ଟରୁ ବାହାର ହୋଇଛନ୍ତି ଏବଂ ଦ୍ୱିତୀୟ ଟେଷ୍ଟ ଖେଳିବା ନେଇ ମଧ୍ୟ ସନ୍ଦେହ ରହିଛି। ଲଗାତାର ଆହତ ସମସ୍ୟା ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟର ଅଡୁଆ ବଢ଼ାଇ ଦେଇଛି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁସାରେ ଟିମ୍ ଇଣ୍ଡିଆ ମୁଖ୍ୟ ଫିଜିଓ କମଲେଶ ଜୈନଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଥିବା ବେଳେ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଓଇ) ବିଶେଷଙ୍କ ଭୂମିକା ମଧ୍ୟ ଯାଞ୍ଚ ପରିସରରେ ରହିଛି।

# ଅଷ୍ଟ୍ରେଲିଆ ଅଣ୍ଡର୍-୧୯ ଟିମ୍‌ରେ ଭାରତୀୟ ବଂଶୋଦ୍ଭବ ନୀଲ୍ ପଟେଲ୍

**ନୂଆଦିଲ୍ଲୀ,୩।୮/ଏଜେନ୍ସି:** କ୍ରିକେଟ୍ ଅଷ୍ଟ୍ରେଲିଆ ଆସନ୍ତା ମାସରେ ହେବାକୁ ଥିବା ଭାରତ ଗସ୍ତ ପାଇଁ ୧୬ ଜଣିଆ ଅଣ୍ଡର-୧୯ ପୁରୁଷ ଟିମ୍ ଘୋଷଣା କରିଛି। ଟିମ୍‌ରେ ଭାରତୀୟ ବଂଶୋଦ୍ଭବ ନ୍ୟୁ ସାଉଥ୍ ୱେଲ୍ସ ଖେଳାଳୀ ନୀଲ୍ ପଟେଲ୍‌ଙ୍କୁ ମଧ୍ୟ ସାମିଲ କରାଯାଇଛି। ନ୍ୟୁ ସାଉଥ୍ ୱେଲ୍ସ ନିବାସୀ ନୀଲ୍ ୟୁନିଭର୍ସିଟି ଫ୍ ନ୍ୟୁ ସାଉଥ୍ ୱେଲ୍ସ କ୍ରିକେଟ୍ କ୍ଲବ୍ ପକ୍ଷରୁ ଖେଳୁଛନ୍ତି। ତାଙ୍କୁ ଅଷ୍ଟ୍ରେଲିଆର ଉଦୀୟମାନ ଯୁବ ଖେଳାଳି ମଧ୍ୟରେ ଗଣାଯାଉଛି। ଏହି ଟିମ୍ ଭାରତ ବିପକ୍ଷରେ ରାଜକୋଟ ଏବଂ ଅହମଦାବାଦରେ ପାଞ୍ଚ ମ୍ୟାଚ୍‌ର ମଲ୍ଟି-ଫର୍ମାଟ୍ ସିରିଜ୍ ଖେଳିବ। ଏଥିରେ ତିନିଟି ୫୦ ଓଭର୍ ମ୍ୟାଚ୍ ଏବଂ ଦୁଇଟି ଚାରିଦିନିଆ ମ୍ୟାଚ୍ ସାମିଲ। ଏହି ଗସ୍ତ ଚାରି ସପ୍ତାହ ପର୍ଯ୍ୟନ୍ତ ଚାଲିବ। ମ୍ୟାଚ୍‌ଗୁଡ଼ିକ ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ରାଜକୋଟ ଓ ଅହମଦାବାଦରେ ଆୟୋଜିତ ହେବ।



ଅଷ୍ଟ୍ରେଲିଆ ଅଣ୍ଡର-୧୯ ଟିମ୍: କେସି ବାର୍ଟନ୍, ହେଡନ୍ ବାରବୁଲୋଭିକ୍, ଏଲି ବ୍ରେନ୍, ୱିଲ୍ ବାୟରୋମ, ବ୍ଲାକ୍ କ୍ୟାଟଲ୍, ଜ୍ୟାକ୍ ଜୋସ୍ନେକ୍, ସ୍ପେନ୍‌ସର୍ ଗ୍ରୀନ୍, କନର୍ ଗ୍ରେଗରୀ, ଚାର୍ଲି ହେଣ୍ଡରସନ୍, ଜେଡ୍ ହୋଲିକ୍, ମାଥ୍ୟୁ ଲାଫ୍, ନୀଲ୍ ପଟେଲ୍, ଜ୍ୟାକବ୍ ପିଟ୍‌ଜ, ପ୍ୟାଟ୍ରିକ୍ ସୁଲିଭନ୍, ଥିଯୋ ସିଙ୍ଗୋସ୍ ଏବଂ ଥୋମାସ୍ ଭାସେଓ।

**ଆଜିଠାରୁ କୋରିଆ ମାଷ୍ଟର୍ସ**

# ଭାରତର ନେତୃତ୍ୱ ନେବେ ତନ୍‌ଭୀ ଓ ଶ୍ରୀକାନ୍ତ

**ନୂଆଦିଲ୍ଲୀ,୩।୮/ଏଜେନ୍ସି:** ତାଇପେ ଓପନ୍ ଚାମ୍ପିଅନ୍ ତନ୍‌ଭୀ ଶର୍ମା ଏବଂ କିଦାମ୍ବୀ ଶ୍ରୀକାନ୍ତ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା କୋରିଆ ଓପନ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ରେ ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ପଞ୍ଜାବର ୧୭ ବର୍ଷୀୟା ତନ୍‌ଭୀ ରବିବାର ତାଇପେ ଓପନ୍ ଫାଇନାଲ୍‌ରେ ଭିଏତ୍‌ନାମର ୬ଷ୍ଠ ସିଡ୍ ଥୁଇ ଲିହ୍ନ ଗୁୟେନ୍‌ଙ୍କୁ ହରାଇ ନିଜର ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିଥିଲେ। ଏହି ଉପଲବ୍ଧି ତାଙ୍କ ଚର୍ଚ୍ଚିତ କରିଥିବା ବେଳେ ଏବଂ କୋରିଆ ଓପନ୍‌ରେ ତାଙ୍କ ପ୍ରଦର୍ଶନ ଉପରେ ସମସ୍ତ ନଜର ରହିବ। ସେ ମହିଳା ସିଙ୍ଗଲ୍ସରେ କ୍ୱାଲିଫାୟର୍ ବିପକ୍ଷରୁ ନିଜ ଅଭିଯାନ ଆରମ୍ଭ କରିବେ। ଅନ୍ୟମାନଙ୍କ ମଧ୍ୟରେ ୭ମ ସିଡ୍ ମାଳବିକା ବନ୍‌ସୋଡ୍ ଜାପାନର ହିନା ଅକେଚିଙ୍କୁ, ଆକର୍ଷୀ କଶ୍ୟପ ସାଉଥ୍ କୋରିଆର କିମ୍ ମିନ୍ ଜି'ଙ୍କୁ ଏବଂ ଶ୍ରେୟାଂଶୀ ଭାଲିସେଟ୍ଟୀ ଚୀନା ତାଇପେର ପାଇ ୟୁ ପୋ'ଙ୍କୁ ଭେଟିବ।



ପୁରୁଷ ସିଙ୍ଗଲ୍ସରେ ୩ୟ ସିଡ୍ କିଦାମ୍ବୀ ଶ୍ରୀକାନ୍ତଙ୍କ ଉପରେ ନଜର ରହିବ। ସେ ଫିଟ୍‌ନେସ୍ ସମସ୍ୟା କାରଣରୁ କାନାଡା ଓପନ୍ ଖେଳିପାରି ନଥିଲେ। ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି ଏବଂ ଇସ୍ରାଏଲର ଡାନିଏଲ୍ ଡୁବୋଭେଙ୍କୋ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ। କିରଣ ଜର୍ଜ ପ୍ରଥମ ରାଉଣ୍ଡରେ କ୍ୱାଲିଫାୟରଙ୍କୁ ଭେଟିବେ ଏହାପରେ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ତାଙ୍କ ସାମ୍ନା ଚୀନା ତାଇପେଇର ୮ମ ସିଡ୍ ୱାଙ୍ଗ୍ ପୋ-ୱେଇଙ୍କ ସହ ହୋଇପାରେ। ସାନୀତ୍ ଦୟାନନ୍ଦଙ୍କ ସାମ୍ନା ଜାପାନର ଶୀର୍ଷ ସିଡ୍ ଯୁଦାଇ ଓକିମୋତୋଙ୍କ ସହ ଏବଂ ରୌନକ ଚୌହାନ୍‌ଙ୍କର ସାଉଥ୍ ଆଫ୍ରିକାର ଚତୁର୍ଥ ସିଡ୍ ଜିୟୋନ୍ ହ୍ୟୋକ୍ ଜିନ୍‌ଙ୍କ ସହ ହେବ।

**ଆଇଟା ନିର୍ବାଚନକୁ ନେଇ ବଡ଼ ନିଷ୍ପତ୍ତି**

# ପୁନର୍ବିଚାର ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୩।୮/ଏଜେନ୍ସି:** ଦିଲ୍ଲୀ ହାଇକୋର୍ଟ ପୂର୍ବତନ ଡେଭିସ୍ କପ୍ ଖେଳାଳି ସୋମଦେବ ଦେବବର୍ମନ୍ ଏବଂ ପୂର୍ବତନ ଡବଲ୍ସ ଖେଳାଳି ପୂରବ ରାଜାଙ୍କ ପୁନର୍ବିଚାର ଆବେଦନକୁ ଖାରଜ କରିବା ସହିତ ଆଖିଳ ଭାରତୀୟ ଟେନିସ୍ ସଂଘ (ଆଇଟା) ନିର୍ବାଚନ ପାଇଁ ନିର୍ଦ୍ଧାରିତ ମାନଦଣ୍ଡରେ ପରିବର୍ତ୍ତନ ପାଇଁ ମନା କରିଦେଇଛନ୍ତି। ଏହା ସହିତ ସମସ୍ତ ସମ୍ବନ୍ଧିତ ରାଜ୍ୟ ୟୁନିଟ୍‌କୁ ସଂଘର ନିର୍ବାଚନରେ ମତଦାନ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଯଦିଓ ସେମାନେ ଏପର୍ଯ୍ୟନ୍ତ ଜାତୀୟ ଖେଳ ପ୍ରଶାସନ ଅଧିନିୟମ ଏବଂ ଆଇଟାର ସଂଶୋଧିତ ସମ୍ବିଧାନର ଅନୁପାଳନ କରିନାହାନ୍ତି। ନ୍ୟାୟମୂର୍ତ୍ତି ତେଜସ୍ କାରିଆ ଏବଂ ମଧୁ ଜୈନଙ୍କ ଖଣ୍ଡପୀଠ ପୁନର୍ବିଚାର ଆବେଦନକୁ ଖାରଜ କରି କହିଛନ୍ତି, ପାରସ୍ପରିକ ସହମତିରେ ସମାଧାନ କରାଯାଇଥିବା ପ୍ରସଙ୍ଗକୁ ଆବେଦନକାରୀ ପୁଣିଥରେ ଉଠାଇବାକୁ ଉଦ୍ୟମ କରୁଛନ୍ତି ଏବଂ ରେକର୍ଡରେ ଏପରି କୌଣସି ସ୍ପଷ୍ଟ ତ୍ରୁଟି ମିଳିନଥିଲା, ଯେଉଥି ପାଇଁ ପୁନର୍ବିଚାର କରିବା ଜରୁରୀ। ଏହି ସମୀକ୍ଷା ଆବେଦନ କୋର୍ଟଙ୍କ ଜୁନ୍ ୧୮ ତାରିଖର ଅନ୍ତରୀଣ ଆଦେଶ ସହ ସମ୍ବନ୍ଧିତ, ଯାହା ଦେବବର୍ମନ୍, ପୁରବ ରାଜା ଏବଂ ଆଇଟାଇର ସିଙ୍ଗଲ୍ ଜଜ୍‌ଙ୍କ ୨୦୨୪ ଏପ୍ରିଲ୍ ୨୭ ନିଷ୍ପତ୍ତି ବିରୋଧରେ ଦାୟର ଅପିଲ୍ ଆଧାରିତ।

ଜାତୀୟ ଖେଳ ପ୍ରଶାସନ ଅଧିନିୟମ ୨୦୨୫ ଏବଂ ଜାତୀୟ ଖେଳ ପ୍ରଶାସନ ନିୟମ ୨୦୨୬ ଅଧୀନରେ ନିର୍ଦ୍ଧାରିତ ସମୟସୀମାକୁ ଧ୍ୟାନରେ ରଖି ଦୁଇ ପକ୍ଷ ଏକ ଅନ୍ତରୀଣ ବ୍ୟବସ୍ଥା ଉପରେ ସହମତ ହୋଇଥିଲେ। ଯାହା ଫଳରେ ଆଇଟା ପ୍ରଥମେ ନିଜର ସମ୍ବିଧାନ ଏବଂ ଉପନିୟମରେ ସଂଶୋଧନ କରି ଏହାକୁ ନୂଆ ଖେଳ ଆଇନ ଅନୁରୂପ କରି ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ନିଜର କାର୍ଯ୍ୟକାରୀ କମିଟିର ନିର୍ବାଚନ କରିବ। ଜୁନ୍ ୧୮ର ଆଦେଶରେ ସଂଶୋଧନ ଉପରେ କ୍ରମାନ୍ୱୟରେ ବିଚାର କରିବା ପାଇଁ ଅସାଧାରଣ ସାଧାରଣ ବୈଠକ (ଇଜିଏମ୍) ଆହ୍ୱାନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ଦେଶ ବିଦେଶ

**ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ମାମଲା**

# ନିର୍ଦ୍ଦୋଷରେ ଖଲାସ ହେଲେ ବ୍ରିଜଭୂଷଣ

**ନୂଆଦିଲ୍ଲୀ, ୩।୮/ଏଜେନ୍ସି:** ମହିଳା କୁସ୍ତିଯୋଦ୍ଧାଙ୍କ ସହ ଜଡ଼ିତ ଯୌନ ନିର୍ଯାତନା ମାମଲାରେ ବିଜେପି ନେତା ବ୍ରିଜଭୂଷଣ ଶରଣ ସିଂହଙ୍କୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୋମବାର ରାୟ ପ୍ରକାଶ ପାଇବା ସମୟରେ ପୂର୍ବତନ ସାଂସଦ ବ୍ରିଜଭୂଷଣ ଏବଂ ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍ଆଇ)ର



ପୂର୍ବତନ ସମ୍ପାଦକ ବିନୋଦ ତୋମାର କୋର୍ଟରେ ଉପସ୍ଥିତ ଥିଲେ। ନିର୍ଦ୍ଦୋଷରେ ଖଲାସ ହେବା ପରେ ବ୍ରିଜଭୂଷଣ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପ୍ରଭୁ ଶ୍ରୀରାମ ଯାହା ରଚନା କରିଛନ୍ତି ତାହା ହିଁ ହେବ। ଅନ୍ୟ କାହାର ଅଭିଯୋଗରେ ସତ୍ୟ କେବେ ବି ଲୁଚିନଥାଏ। ଅନ୍ୟପକ୍ଷେ ବ୍ରିଜଭୂଷଣଙ୍କ ବିରୋଧରେ ମାମଲା ରୁଜୁ କରିଥିବା ମହିଳା କ୍ରୀଡାବିତ୍ (କୁସ୍ତିଯୋଦ୍ଧା) ଭିନେଶ ଫୋଗାଟ୍, ସାକ୍ଷୀ ମଲ୍ଲିକ ନିଜ ପ୍ରତିକ୍ରିୟାରେ କହିଛନ୍ତି ନିମ୍ନ କୋର୍ଟଙ୍କ ରାୟକୁ ସେ ଗ୍ରହଣ କରିବେ ନାହିଁ। ସେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ। ଯୌନ ନିର୍ଯାତନାର ଏହି ମାମଲା ଜାନୁଆରୀ ୨୦୨୩ ରେ ସାମ୍ନାକୁ ଆସିଥିଲା। ବ୍ରିଜ୍‌ଭୂଷଣ ଡବ୍ଲ୍ୟୁଏଫ୍ଆଇର ସଭାପତି ଥିବା ସମୟରେ ମହିଳା କୁସ୍ତିଯୋଦ୍ଧାଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା।

**ଚୀନ୍ ଉଦ୍ଦେଶ୍ୟରେ ଆମେରିକୀୟ କମାଣ୍ଡର୍‌ଙ୍କ ଚେତାବନୀ**

# ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ କାହାର ଆଧିପତ୍ୟ ସ୍ୱୀକାର ନୁହେଁ

**କ୍ୱାଲାଲମ୍ପୁର, ୩।୮/ଏଜେନ୍ସି:** ଆମେରିକାର ଇଣ୍ଡୋ-ପାସିଫିକ୍ କମାଣ୍ଡର ମୁଖ୍ୟ ଆଡମିରାଲ୍ ସାମୁଏଲ୍ ପାପାରୋ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରିପ୍ରେକ୍ଷୀରେ ଦେଇଥିବା ବିବୃତ୍ତିକୁ ନେଇ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି। ପାପାରୋ କହିଛନ୍ତି, ଇଣ୍ଡୋ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ କୌଣସି ଦେଶର ଆଧିପତ୍ୟ ସ୍ୱୀକାର କରାଯିବ ନାହିଁ। ସେ ସ୍ପଷ୍ଟ ଭାବେ କହିଛନ୍ତି, ଚୀନ୍ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକର ଜୋରଜବରଦସ୍ତି କାର୍ଯ୍ୟକଳାପ ଆଞ୍ଚଳିକ ସ୍ଥିରତା ପ୍ରତି ଆହ୍ୱାନ ସୃଷ୍ଟି କରୁଛି। କିନ୍ତୁ ଆମେରିକା ଏସବୁ ଆହ୍ୱାନ ତଥା ବିପଦ ପ୍ରତି ସତର୍କ ଓ ସଜାଗ ରହିଛି। ଇଣ୍ଡୋ-ପ୍ରଶାନ୍ତ କ୍ଷେତ୍ରରେ ଆମେରିକା କୌଣସି ଦେଶକୁ ଆଧିପତ୍ୟ ବିସ୍ତାର କରିବାକୁ ଦେବ ନାହିଁ ବୋଲି ସେ କହିଛନ୍ତି। ମାଲେସିଆରେ ଆମେରିକା ପ୍ରଶାନ୍ତ ମହାସାଗର କମାଣ୍ଡ ଦ୍ୱାରା ଆୟୋଜିତ ଏକ ଆଞ୍ଚଳିକ ସୁରକ୍ଷା ସମ୍ମିଳନୀରେ ଭିଡିଓ ଲିଙ୍କ୍ ମାଧ୍ୟମରେ ଭାଷଣ ଦେଇ ପାପାରୋ ଏପରି କହିଛନ୍ତି। ପାପାରୋଙ୍କ କହିବାନୁସାରେ



ସମୁଦ୍ରର ସ୍ୱାଧୀନତା, ସାମୁଦ୍ରିକ ସୁରକ୍ଷା ଏବଂ ଖୋଲା ବାଣିଜ୍ୟ ଆଞ୍ଚଳିକ ସ୍ଥିରତାର କେନ୍ଦ୍ରବିନ୍ଦୁ। କିନ୍ତୁ କିଛି ଶକ୍ତି ନିଜ ବେଆଇନ ଦାବିକୁ ଯଥାର୍ଥ କରିବା ପାଇଁ ମିଥ୍ୟାର ଆଶ୍ରୟ ନେଉଛନ୍ତି। କିନ୍ତୁ ଏସବୁକୁ ବରଦାସ୍ତ କରାଯିବ ନାହିଁ। ଆମେରିକା ମୁକାବିଲା ନୁହେଁ ବରଂ ଶକ୍ତି ମାଧ୍ୟମରେ ସମସ୍ତ ସମସ୍ୟା ତଥା ବିପଦକୁ ପ୍ରତିହତ କରିବାକୁ ପ୍ରସ୍ତୁତ। ଇଣ୍ଡୋ-ପ୍ରଶାନ୍ତ ମହାସାଗରରେ ଶୃଙ୍ଖଳା ରକ୍ଷା ପାଇଁ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ସମସ୍ତ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରତି ସମ୍ମାନ ଅତ୍ୟାବଶ୍ୟକ। ଏହି ଅଞ୍ଚଳର ଜଟିଳ ସୁରକ୍ଷା ପରିବେଶ ବିଷୟରେ ଆମେରିକା କଡ଼ା ନଜର ରଖିଛି। ଆମେରିକାର ଆଭିମୁଖ୍ୟ ଏବଂ ଆମର ଉଦ୍ଦେଶ୍ୟ ଭଲ ଭାବରେ ପରିଭାଷିତ। ଏହି ଅଞ୍ଚଳ ବିଶ୍ୱର ଭୂରାଜନୈତିକ ଏବଂ ଅର୍ଥନୈତିକ ଗୁରୁତ୍ୱର କେନ୍ଦ୍ର ହୋଇ ରହିଛି ଏବଂ ବଢୁଥିବା ଅସ୍ଥିରତା ଏସୁରକ୍ଷା ଚ୍ୟାଲେଞ୍ଜ ସହଯୋଗୀ ତଥା ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗକୁ ସଙ୍କଟଜନକ କରୁଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଦକ୍ଷିଣ ଚୀନ୍ ସାଗରରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ତାଙ୍କର ଏଭଳି ମନ୍ତବ୍ୟ ଆସିଛି। ମାନିଲା (ଫିଲିପାଇନ୍ସ), ବେଜିଂ (ଚୀନ୍) ଉପରେ ବିପସାମୁଦ୍ରିକ ଗତିବିଧି, ୱାଟର କାନନ୍ (ଜଳ କାମାନ୍) ଆକ୍ରମଣ ଏବଂ ଫିଲିପାଇନ୍ସର ଯୋଗାଣ ମିଶନ୍‌କୁ ରୋକିବା ପାଇଁ ନିୟମିତ ଉଦ୍ୟମ କରୁଥିବା ଭଳି ଅଭିଯୋଗ ଆଣିଛି। ଅନ୍ୟପକ୍ଷେ ଚୀନ୍ ଏହି ଅଭିଯୋଗଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ସହ ବିବାଦୀୟ ଜଳପଥରେ ନିଜର ଭୂଖଣ୍ଡଗତ ଦାବି ଜାରି ରଖିଛି।

**କେରଳରେ ବର୍ଷା ବିପ୍ୟାତ**

# ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି, ୭ ନିଖୋଜ



**ଥିରୁଅନନ୍ତପୁରମ୍, ୩।୮/ଏଜେନ୍ସି:** କେରଳରେ ପ୍ରବଳ ବର୍ଷାଜନିତ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି ଏବଂ ୭ଜଣ ଏବେ ବି ନିଖୋଜ ଅଛନ୍ତି। ସୋମବାର କୋଟାୟମଠାରେ ମୁଖ୍ୟମନ୍ତ୍ରୀ ଭି.ଡି. ସତୀଶନ୍ ଏହି ସୂଚନା ଦେଇଛନ୍ତି। ସତୀଶନ୍ କହିଛନ୍ତି ଯେ କୋଟାୟମ୍ ଜିଲ୍ଲାରୁ ୩ ଜଣଙ୍କ ମୃତ୍ୟୁ ଖବର ଆସିଛି, ଯେଉଁଥିରେ ପୁଞ୍ଜାର୍ ବିଧାନସଭା ନିର୍ବାଚନମଣ୍ଡଳୀର ୨ ଜଣ ଏବଂ ପାଣି ଟାଙ୍କିରେ ଖସିପଡ଼ି ବୁଡ଼ିଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି। ସେହିପରି ଏର୍ଣ୍ଣାକୁଲମ୍‌ରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଇଡୁକ୍କି ଏବଂ ମୁଭାଟ୍ଟୁପୁଝାରୁ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ସେହିପରି କୋଲ୍ଲାମ୍‌ରେ ୨, ମଲପ୍ପୁରମ୍‌ରେ ୪, କନ୍ନୁରରେ ଜଣେ ଏବଂ କୋଝିକୋଡ୍‌ରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟପଟେ ୭ ଜଣ ଏବେ ବି ନିଖୋଜ ଅଛନ୍ତି। କୋଲ୍ଲାମ୍‌ରୁ ୨, କନ୍ନୁରରୁ ୨, ମଲପ୍ପୁରମ୍‌ରୁ ଜଣେ ଏବଂ ଇଡୁକ୍କି ଓ ମୁଭାଟ୍ଟୁପୁଝାରୁ ଜଣେ ଲେଖାଏଁ ନିଖୋଜ ଅଛନ୍ତି ବୋଲି ସତୀଶନ୍ କହିଛନ୍ତି। ସେହିପରି ବନ୍ୟା ପୀଡ଼ିତଙ୍କ ପାଇଁ ସୋମବାର ସକାଳ ୯ଟା ସୁଦ୍ଧା ରାଜ୍ୟସାରା ୩୧୬ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟକ୍ଷମ ହୋଇଛି, ଯେଉଁଥିରେ ପ୍ରାୟ ୧୧,୦୧୮ ଜଣ ଲୋକ ଆଶ୍ରୟ ନେଇଛନ୍ତି ବୋଲି ସେ କହିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra